

ହରମନପ୍ରୀତଙ୍କ ସପ୍ତମ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-29 ◆WEDNESDAY ◆23 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯ ◆ବୁଧବାର ◆୨୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସୁରଟ ବିମାନବନ୍ଦରରୁ ୨୮ କେଜି ସୁନା ଜବତ

### ଶରୀରରେ ଲଗାଇ ନେଉଥିଲେ ସୁନା ପେଷ୍ଟ

■ ସୁରଟ, ୨୨।୭ (ଏଜେନ୍ସି): ଗୁଜରାଟର ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବଡ଼ଧରଣର ସୁନା ଚାଲାଣ ଧରାପଡ଼ିଛି। ଦୁଇ ଯାତ୍ରୀଙ୍କଠାରୁ ୨୮ କେଜି ସୁନା ଜବତ କରାଯାଇଛି । ଦୁହେଁ ପୋଷାକ ଏବଂ ଶରୀର ବେଲ୍ଟ ଭିତରେ ସୁନା ପେଷ୍ଟ ଲୁଚାଇ ଚାଲାଣ କରୁଥିଲେ । ଉଭୟେ ରବିବାର ରାତିରେ ଦୁବାଇରୁ ଆସିଥିବା ଏୟାର ଇଣ୍ଡିଆ ବିମାନ (ଆଇଏକ୍ସ-୧୭୪) ରେ ସୁରଟ ଫେରିଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ, କଥାବାର୍ତ୍ତାର ଶୈଳୀ ଏବଂ ସୁରକ୍ଷା ଯାଞ୍ଚରୁ ବର୍ତ୍ତିବା ପ୍ରୟାସ କରି ଉଭୟେ ଧରା ପଡ଼ିଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟାରେ ବିମାନ ସୁରଟ ବିମାନବନ୍ଦରରେ ଅବତରଣ କରିଥିଲା । ସିଆଇଏସଏଫ୍‌ର ଯବାନମାନେ ବିମାନବନ୍ଦରରେ ଯାଞ୍ଚ କରୁଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ଏହି ଦୁଇ ଯାତ୍ରୀଙ୍କୁ ଯବାନ ଅଟକାଇ ଦେଇଥିଲେ । ପରେ ସୀମା ଶୁଳ୍କ ଅଧିକାରୀ ପହଞ୍ଚି ଯାଞ୍ଚ କରିଥିଲେ। ଏହି ସମୟରେ ସେମାନଙ୍କ ଠାରୁ ୨୮ କେଜି ସୁନା ଜବତ କରାଯାଇଥିଲା । ଅଭିଯୁକ୍ତଙ୍କଠାରୁ ଜବତ ସୁନାର ପରୀକ୍ଷଣ କରାଯାଇଥିଲା। ଏଥିରୁ ୨୩ କେଜି ବିଶୁଦ୍ଧ ସୁନା ବୋଲି ଜଣାପଡ଼ିଥିଲା । ସୀମା ଶୁଳ୍କ ବିଭାଗ ଉଭୟ ଯାତ୍ରୀଙ୍କୁ ଗିରଫ କରି ତଦନ୍ତ କରୁଛି । ଏହି ଚୋରା ଚାଲାଣ ପଛରେ କେଉଁ ନେଟୱର୍କ କାମ କରୁଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି ।

## ନିଜେ ରୋଜଗାର କରି ଖାଅ: ସୁପ୍ରିମକୋର୍ଟ

### ଭରଣପୋଷଣ ପାଇଁ ୧୨ କୋଟି ଟଙ୍କା, ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ ମହିଳା

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ମହିଳା ଉଚ୍ଚ ଶିକ୍ଷିତା ହୋଇଥିଲେ ଭରଣପୋଷଣ ମାଗିବା ପରିବର୍ତ୍ତେ ନିଜେ ରୋଜଗାର କରି ଖାଇବା ଉଚିତ। ଭରଣପୋଷଣ ବାବଦକୁ ସ୍ୱାମୀଙ୍କୁ ମୁମ୍ବାଇରେ ଏକ ଫ୍ଲାଟ, ୧୨ କୋଟି ଟଙ୍କା ଏବଂ ବିଏମଡବ୍ଲ୍ୟୁ କାର୍ ମାଗିଥିବା ମହିଳାଙ୍କ ମାମଲାର ବିଚାର କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହା କହିଛନ୍ତି । ମହିଳା ଜଣେ ଉଚ୍ଚ ଶିକ୍ଷିତା। ସେ ଏମ୍‌ବିଏ କରିଛନ୍ତି । ସେ ଆଇଟି ବିଶେଷଜ୍ଞ ମଧ୍ୟ। ସୁପ୍ରିମକୋର୍ଟ ମହିଳାଙ୍କୁ କହିଥିଲେ ଯେ ଏହି ବିବାହ କେବଳ ୧୮ ମାସ ପର୍ଯ୍ୟନ୍ତ ତିଷ୍ଠିଥିଲା। ଏବେ ଆପଣ ମାସକୁ କୋଟିଏ ଟଙ୍କା ମାଗୁଛନ୍ତି । ଜଣେ ଉଚ୍ଚ ଶିକ୍ଷିତା ହୋଇ ଆପଣ ଚାକିରି କାହିଁକି କରୁନାହାନ୍ତି? ଆପଣ କିଛି ନ ମାଗି ନିଜେ ରୋଜଗାର କରି ଖାଇବା ଉଚିତ । ଆପଣ ଜଣେ ଆଇଟି ବିଶେଷଜ୍ଞ । ଏହି ବୃତ୍ତିର ବହୁତ ଚାହିଦା ରହିଛି । ଗୋଟିଏ ଫ୍ଲାଟ ନେଇ ସନ୍ତୁଷ୍ଟ ହୋଇ ଯାଆନ୍ତୁ କିମ୍ବା ୪ କୋଟି ଟଙ୍କା ନେଇ ପୁନେ, ହାଇଦରାବାଦ, ବେଙ୍ଗାଲୁରୁର କୌଣସି ଭଲ ସ୍ଥାନରେ ଚାକିରି ଖୋଜନ୍ତୁ। ଫ୍ଲାଟ କିମ୍ବା ୪ କୋଟି ଟଙ୍କାର ପ୍ରସ୍ତାବ ଦେଇ ସୁପ୍ରିମକୋର୍ଟ ରାୟକୁ ▶ପୃଷ୍ଠା-୧୦

## ୨୪ ଘଣ୍ଟାରେ ୩ ଗଣଦୁଷ୍କର୍ମ, ଗୋଟିଏ ଯୌନ ନିର୍ଯାତନା

# ସାରା ରାଜ୍ୟରେ ଅରାଜକତା: ନବୀନ



### ଗାଁରୁ ସହର ଯାଏ ମହିଳାମାନେ ଏବେ ସବୁଠାରେ ଅସୁରକ୍ଷିତ

### ମା', ଭଉଣୀମାନଙ୍କୁ ଦେବାକୁ ପଡୁଛି ଦାୟିତ୍ୱବୋଧ ହ୍ରାସ ମୂଲ୍ୟ


### ମହିଳାଙ୍କୁ ଅସୁରକ୍ଷିତ କରିଛି ଥାନାରେ ରାଜନୈତିକ ହସ୍ତକ୍ଷେପ

■ ଭୁବନେଶ୍ୱର, ୨୨।୭ (ସମିସ): ସାରା ରାଜ୍ୟରେ ଏବେ ଅରାଜକତା। ଆଇନଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ। ନାରୀମାନେ ଅସୁରକ୍ଷିତ। ଦିନ ଦ୍ୱିପ୍ରହରେ ମହିଳାମାନେ ପଦାକୁ ଗୋଡ଼ ବାହାର କରିବାକୁ ଭୟ କରୁଛନ୍ତି । ପ୍ରତିଦିନ ରାଜ୍ୟର ବିଭିନ୍ନ କୋଣରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଅଭାବନୀୟ ଖବର ଛାତିକୁ ଥରାଇ ଦେଉଛି । ମଙ୍ଗଳବାର ଯାଜପୁର, ଜଗତସିଂହପୁର ଓ ମାଲକାନଗିରିରେ ତିନିଟି ଗଣଦୁଷ୍କର୍ମ ଏବଂ ପୁରୀରେ ମହିଳାଙ୍କୁ ଯୌନ ନିର୍ଯାତନା ପରି ସାଂଘାତିକ ଖବର ଆସିଛି । ସାରା ରାଜ୍ୟରେ ଏହି ଖବର ଆଲୋଡ଼ନ ସୃଷ୍ଟି କରିଛି। ଲୋକମାନେ ଭୀତତ୍ରସ୍ତ ହୋଇଛନ୍ତି; ବିଭିନ୍ନ କାର୍ଯ୍ୟ ଦୃଷ୍ଟିରୁ ବାହାରକୁ ଯାଉଥିବା ପରିବାରର ଝିଅ, ବୋହୂ ଓ ମା'ମାନଙ୍କ ସୁରକ୍ଷାକୁ ନେଇ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଏହାକୁ ନେଇ ଗଭୀର କ୍ଷୋଭବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ରାଜ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ସେ ମର୍ମାହତ, ଦୁଃଖିତ ଓ ଆତଙ୍କିତ ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ।

ନବୀନ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ଦିନରେ ୩ଟି ଗଣଦୁଷ୍କର୍ମ ଓ ଗୋଟିଏ ମହିଳା ବିରୋଧୀ ହିଂସା ଆମମାନଙ୍କୁ ଗଭୀର ଆଘାତ ଦେଇଛି। ଓଡ଼ିଶାରେ ମା'ମାନଙ୍କ ବିରୋଧରେ ଅପରାଧ ଏବେ ଭୟଙ୍କର ଭାବେ ବଢ଼ି ଚାଲିଛି। ଦିନ ହେଉ କି ରାତି, ସହରଠୁ ଆରମ୍ଭ କରି ଗାଁ, ରାସ୍ତାଘାଟ ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସ୍କୁଲ ଓ କଲେଜ ଯାଉଥିବା ଏପରି କି ଟ୍ୟୁସନରୁ ଫେରୁଥିବା ଝିଅମାନେ ନିଜକୁ ସୁରକ୍ଷିତ ଭାବୁନାହାନ୍ତି। ଗାଁ ଗହଳିର ସାଧାରଣ ଜାଗାରେ ବି ସେମାନଙ୍କ ପାଇଁ ପ୍ରତିଦିନ ବିପଦ ଠିଆ ହୋଇଛି । ଏପରି ବୃଦ୍ଧିପାଉଥିବା ଯୌନ ନିର୍ଯାତନା ପରି ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି । ପୁଲିସ ବ୍ୟବସ୍ଥାର ପ୍ରତି କ୍ଷେତ୍ରରେ ଯେବେ ରାଜନୈତିକ ଚାପ ବା ହସ୍ତକ୍ଷେପ ▶ପୃଷ୍ଠା-୧୦

## ବଳଙ୍ଗା ନାବାଳିକା ପୋଡ଼ି ଘଟଣା

# ଆମେ ଲଜ୍ଜିତ: ସୁପ୍ରିମକୋର୍ଟ



■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜଳାଇବା ମାମଲା ଉପରେ ଚିନ୍ତା ପ୍ରକଟ କରିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି ।

ନାରୀ ହିଂସା ସଂକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ବଳଙ୍ଗା ଘଟଣାକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏଭଳି ମାମଲା ଏବେ ବି ଘଟୁଛି। ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଅନ୍ୟ ସମ୍ବନ୍ଧିତ ପକ୍ଷଙ୍କ ଠାରୁ ଠୋସ୍ ପ୍ରସ୍ତାବ ମାଗିଛନ୍ତି। ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀ, ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ ପରିବେଶ ମିଳିବା ଉଚିତ ବୋଲି କହିଛନ୍ତି । ଏମାନଙ୍କ ସଶକ୍ତୀକରଣ ଏବଂ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ। ବ୍ଲକସ୍ତରରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ ଦୀର୍ଘକାଳୀନ ପ୍ରସ୍ତାବ ମାଗିଛନ୍ତି । ମହିଳାଙ୍କ ଲାଗି ସାରା ଦେଶରେ ସୁରକ୍ଷିତ ପରିବେଶ ପ୍ରଦାନ ନିମନ୍ତେ ମାର୍ଗଦର୍ଶିକା ଜାରି ଦାବି କରି ଏକ ମାମଲାର ବିଚାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏପରି ଟିପ୍ପଣୀ ଦେଇଛନ୍ତି ।

ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ନାରୀ ବିରୋଧୀ ହିଂସା ବୃଦ୍ଧି ପାଉଥିବାରୁ ଓଡ଼ିଶାକୁ ଏବେ ଜାତୀୟ ସ୍ତରରେ ନିନ୍ଦିତ ହେବାକୁ ପଡୁଛି ।

## ନାରୀ ହିଂସା ଅଣାୟତ୍ତ; ସୀମା ଟପିଲା ବର୍ବରତା

# ଦୁଷ୍କର୍ମ ଉଦ୍ୟମ ପରେ ମରଣାନ୍ତକ ଆକ୍ରମଣ



### ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

■ ଗୋପ,୨୨।୭ (ସମିସ): ସୀମା ଟପିଲା ବର୍ବରତା। ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଦେଇଛି ଦୁର୍ବୃତ୍ତ। ରାଜ୍ୟରେ ନାରୀ ନିର୍ଯାତନା, ଅତ୍ୟାଚାର, ହିଂସା ଚରମ ସୀମାରେ ପହଞ୍ଚିଥିବା ବେଳେ ଆଜି ପୁରୀ ଜିଲ୍ଲା ଗୋପ ଥାନା ଅଞ୍ଚଳରୁ ଏଭଳି ଆଉ ଏକ ସାଂଘାତିକ ଚିତ୍ର ପଦାକୁ ଆସିଛି । ମହିଳାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଗୋଡ଼ ଦୁଇଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହେଉଛି ।

ସୂଚନା ମୁତାବକ, ମାନସିକ ବିକୃତ ମହିଳାଜଣଙ୍କ ବିଭିନ୍ନ ସମୟରେ ନିକଟସ୍ଥ ଛକ ବଜାରରେ ବୁଲାବୁଲି କରନ୍ତି। ମଙ୍ଗଳବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଦୁଆରେ ବସିଥିବା ବେଳେ ଘର ମାଲିକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ମହିଳାଙ୍କୁ ଟଣାଓଟରା କରି ଦୁଷ୍କର୍ମ ଉଦ୍ୟମ କରିଥିଲା । କିନ୍ତୁ ମହିଳାଜଣଙ୍କ ଏଥିରେ ବାଧା ଦେବାରୁ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ମହିଳାଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ▶ପୃଷ୍ଠା-୧୦

# ଦ୍ୱିତୀୟ ଦିନ ବି ସଂସଦ ଅଚଳ

### ବିହାର ଭୋଟର ତାଲିକା ଉପରେ ଆଲୋଚନା ଦାବି

### ସଂସଦ ବାହାରେ ବିରୋଧୀଙ୍କ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସଂସଦ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି। ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର)କୁ ବିରୋଧ କରି ବିରୋଧୀ ଦଳ ସଂସଦ ଭିତରେ ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସାଂସଦମାନେ ପହଲଗାମ ଆକ୍ରମଣ, 'ଅପରେସନ ସିନ୍ଦୂର' ଭଳି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଜବାବ ଏବଂ ଗୃହରେ ଚର୍ଚ୍ଚା ଦାବି କରି ଗତକାଲି ହଙ୍ଗାମା କରିଥିବା ବେଳେ ଅଜି ବିହାର ଉପରେ ତୁରନ୍ତ ଆଲୋଚନା ▶ପୃଷ୍ଠା-୧୦

## ଧନଖଡ଼ଙ୍କ ଇସ୍ତଫା ଗୃହୀତ

### ନୂଆ ଉପରାଷ୍ଟ୍ରପତିଙ୍କ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଜଗଦୀପ ଧନଖଡ଼ଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ରହଣ କରିନେଇଛନ୍ତି। ଏହାସହିତ ଉପରାଷ୍ଟ୍ରପତି ପଦ ଖାଲି ପଡ଼ିଥିବାରୁ ଏହି ପଦ ଲାଗି ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବାଚନ କମିସନ । ନିଜର ପ୍ରାର୍ଥୀଙ୍କୁ ନିର୍ବାଚିତ କରାଇବା ଲାଗି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ଆବଶ୍ୟକ ସଂଖ୍ୟା ରହିଛି । ତେଣୁ ଏନ୍‌ଡିଏ ପ୍ରାର୍ଥୀ ହିଁ ନୂଆ ଉପରାଷ୍ଟ୍ରପତି ହେବା ନିଶ୍ଚିତ । ତେବେ ଏହି ପଦରେ କିଏ ବସିବ, ଏହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଖାଲି ▶ପୃଷ୍ଠା-୧୦

# ଆଇଏଏସ୍‌ସ୍ତରରେ ବଡ଼ ଧରଣର ଅଦଳବଦଳ

### ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱ

### ରୁପାରୋଶନ ସାହୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ନିଯୁକ୍ତ

### ଚଞ୍ଚଳ ରାଣା ଭୁବନେଶ୍ୱର ମହାନଗର ନିଗମ କମିଶନର

### ବଦଳିଲେ ୩ ଆର୍‌ଡିସି, ୧୬ ଜିଲ୍ଲାରେ ନୂଆ ଜିଲ୍ଲାପାଳ

■ ଭୁବନେଶ୍ୱର, ୨୨।୭ (ସମିସ): ମଙ୍ଗଳବାର ରାଜ୍ୟ ସରକାର ଆଇଏଏସ୍‌ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ରୂପେ ଅବସ୍ଥାପିତ କରାଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୁପାରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ରୂପେ ନିଯୁକ୍ତି ମିଳିଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ ରାଜ୍ୟପାଳଙ୍କ ସଚିବ ଏନ୍‌ବିଏସ୍ ରାଜପୁତ ସାଧାରଣ ଉଦ୍ୟୋଗ ବିଭାଗର ସ୍ଥାୟୀ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ, ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆର୍‌ଡିସି, ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ସଚିବ ଭାବରେ ଅବସ୍ଥାପିତ ହୋଇଛନ୍ତି। କେନ୍ଦ୍ରାଞ୍ଚଳ ଆର୍‌ଡିସି ବି ପରମେଶ୍ୱରନଙ୍କୁ ଏସଟି ଏସ୍‌ସି ବିଭାଗର ସଚିବ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟରତ ଗୁହାପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ରୂପେ ବଦଳି କରାଯାଇଛି। ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ବଦଳି କରାଯାଇଛି। ସେ ପୂର୍ବପରି ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ▶ପୃଷ୍ଠା-୧୦




## ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା
# ସୁପ୍ରିମକୋର୍ଟ ଗଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ, ୨୨।୭ (ଏଜେନ୍ସି): ମୁମ୍ବାଇ ସିରିଏଲ ଟ୍ରେନ ବିସ୍ଫୋରଣ (୨୦୦୬) ଉପରେ ବମ୍ବେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତୁରନ୍ତ ଶୁଣାଣି ପାଇଁ ସୁ ଆବେଦନ କରିଥିଲେ। ତେବେ ୨୪ ତାରିଖରେଏହିମାମଲାରଶୁଣାଣିହେବବୋଲିକୋର୍ଟକହିଥିଲେ।

ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ କ୍ରମାଗତ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ୯ ବର୍ଷ କେସ ଚାଲିବା ପରେ ହାଇକୋର୍ଟ ସୋମବାର ସମସ୍ତଙ୍କୁ ଖଲାସ କରି ଦେଇଥିଲେ।

# ଏୟାର ଇଣ୍ଡିଆ ବିମାନରେ ନିଆଁ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। ଦିଲ୍ଲୀ ବିମାନବନ୍ଦରରେ ହଂକଂରୁ ଦିଲ୍ଲୀ ଆସିଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫)ର ପଛ ପାଖରେ ଥିବା ଅକ୍‌ଜିଲିଆରି ପାୱାର ୟୁନିଟ (ଏପିୟୁ)ରେ ମଙ୍ଗଳବାର ନିଆଁ ଲାଗିଯାଇଛି। ତେବେ ଏଥିରେ ବିମାନ କ୍ଷତିଗ୍ରସ୍ତ ହୋଇଥିବାବେଳେ କୌଣସି ଯାତ୍ରୀ ମୃତାହତ ହୋଇନାହାନ୍ତି। ସମସ୍ତେ ସୁରକ୍ଷିତ ଅଛନ୍ତି। ବିମାନ ଅବତରଣ ପରେ ଦ୍ୱିପହର ୧୨ଟା ୧୨ରେ ପାର୍କିଂ ଫାଟକ ସମ୍ମୁଖରେ ଏହି ଅଘଟଣ ଘଟିଥିଲା। ଏହା ଦେଖିବା ପରେ ଯାତ୍ରୀ ଭୟଭୀତ ହୋଇ ଯାଇଥିଲେ। ସିଷ୍ଟମ ଡିଜାଇନ ଅନୁଯାୟୀ ନିଆଁ ଲାଗିବା ଯୋଗୁଁ ଏପିୟୁ ସଟ୍‌ଡାଉନ ହୋଇ ଯାଇଥିଲା। ଏହି ବିମାନ ପରିଚାଳନାକୁ ବନ୍ଦ କରିଦିଆଯାଇଛି। ମାମଲାର ଯାଞ୍ଚ କରାଯାଉଛି।

# ୩୮ ଦିନ ପରେ ଭାରତ ଛାଡ଼ିଲା ବ୍ରିଟିଶ ଲଢୁଆ ବିମାନ

ତିରୁଅନନ୍ତପୁରମ, ୨୨।୭ (ଏଜେନ୍ସି): ଦୀର୍ଘ ୩୮ ଦିନ ପରେ ତିରୁଅନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ଛିଡ଼ା ହୋଇଥିବା ବ୍ରିଟିଶ ଲଢୁଆ ବିମାନ ଏଫ୍-୩୫ବି ମଙ୍ଗଳବାର ଉଡ଼ାଣ କରିଛି। ହାଇଡ୍ରୋଲିକ୍ ଫେଲ୍ ହୋଇ ଯାଇଥିବା ଯୋଗୁଁ ଏହି ବିମାନ ଉଡ଼ି ପାରୁ ନ ଥିଲା। ଏହାକୁ ଠିକ୍ କରିବା ପାଇଁ ୨୫ ଇଞ୍ଜିନିୟରଙ୍କ ଟିମ୍ ଗତ ୬ ତାରିଖରେ ବ୍ରିଟେନରୁ ଭାରତ ଆସିଥିଲା। ଏଠାରେ ଏତେ ଦିନ ରହିଥିବାରୁ ବ୍ରିଟେନକୁ ୯ ଲକ୍ଷରୁ ଅଧିକ ଟଙ୍କା ଭଡ଼ା ଦେବାକୁ ପଡିଛି। ଏହି ଲଢୁଆ ଷ୍ଟିଲ୍‌ଥ ବିମାନ ବ୍ରିଟେନ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଇଛି। ସୂଚନା ଅନୁଯାୟୀ ଜୁନ୍ ୧୪ ତାରିଖ ରାତିରେ ସାମୁଦ୍ରିକ ସମରାଭ୍ୟାସ ପାଇଁ ଏହା ଆରବ ସାଗରରୁ ନିୟମିତ ଉଡ଼ାଣ ଆରମ୍ଭ କରିଥିଲା। ଏହା ଖରାପ ପାଣିପାଗ ଏବଂ କମ୍ ଇନ୍ଧନ ଯୋଗୁଁ ତିରୁଅନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ମାତ୍ର ଅବତରଣ ପରେ ଏହି ଲଢୁଆ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା।

# ଗୋଲ୍ଡେନ ଡୋମ୍ ପ୍ରକଳ୍ପରୁ ମସ୍କଙ୍କୁ ହଟାଇପାରନ୍ତି ଟ୍ରମ୍ପ

ୱାଶିଂଟନ, ୨୨।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୋଟିପତି ଏଲନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସକୁ ନିଜ ଡ୍ରିମ୍ ଗୋଲଡେନ ଡୋମ ପ୍ରୋଜେକ୍ଟରୁ ବାହାର କରିପାରନ୍ତି। ଏହା ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ। ଆମେରିକାକୁ ବିଦେଶୀ ବାୟୁଆକ୍ରମଣରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରାଯିବା। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ୧୭୫ ବିଲିୟନ ଡଲାରର ପ୍ରକଳ୍ପ ପାଇଁ ନୂତନ ବିକଳ୍ପ ଖୋଜିବା ଆରମ୍ଭ କରିଛି। ସ୍ପେସଏକ୍ସ ବଦଳରେ, ଜେଫ ବେଜୋସଙ୍କ କମ୍ପାନୀ ଆମାଜନର ପ୍ରୋଜେକ୍ଟ କୁଇପରକୁ ସୁଯୋଗ ମିଳିପାରେ। ଏହା ବ୍ୟତୀତ, ଅନେକ ବଡ଼ ପ୍ରତିରକ୍ଷା କମ୍ପାନୀ ମଧ୍ୟ ଦୌଡ଼ରେ ଅଛନ୍ତି।ଗତ ଦୁଇ ମାସ ଧରି ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଏହି ପରିବର୍ତ୍ତନ ପଛରେ କାରଣ ବୋଲି ବିଶ୍ୱାସ କରାଯାଉଛି।

# ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ଲଗାଇବା ଆଇନର ଅପବ୍ୟବହାର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ରୁଜୁ କରିବା ଦ୍ୱାରା ଆଇନର ଅପବ୍ୟବହାର ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାରଣ ଏହା ଏକ ଦେୱାନୀ ମାମଲା। ଏ ନେଇ ଦିଆଯାଇଥିବା ପୂର୍ବ ରାୟକୁ ଉଲ୍ଲଙ୍ଘନ କରି ମାମଲା ଚଳାଇବାକୁ ଅନୁମତି ଦେବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଲିଉଡ ଚଳଚ୍ଚିତ୍ର ନିର୍ମାତା ଶୈଳେଶ କୁମାର ସିଂହ ବିରୋଧରେ ଏକ ପ୍ରଡକ୍ସନ ହାଉସ ଦ୍ୱାରା ରୁଜୁ ଆପରାଧିକ ମାମଲାକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି।

# ୮ ବର୍ଷ ବୟସରେ ତିନି ସନ୍ତାନର ମା’ !

ଲକ୍ଷ୍ନୌ, ୨୨।୭ (ଏଜେନ୍ସି): ଉତ୍ତର ପ୍ରଦେଶରେ ୮ ବର୍ଷର ନାବାଳିକା ତିନି ସନ୍ତାନର ମାଆ ହୋଇଛନ୍ତି। ରାମନଗର ଗାଁରେ ଏଭଳି ଘଟଣା ଘଟିଛି। ଜମି ହଡ଼ପ କରିବା ପାଇଁ ସରକାରୀ କାଗଜପତ୍ରରେ ଏପରି କରିଦିଆଯାଇଛି। ବିଧବା ମହିଳା କମଳେଶଙ୍କ ମୃତ ସ୍ୱାମୀଙ୍କର ମଧ୍ୟ ଦ୍ୱିତୀୟ ବିବାହ କରାଇ ଦିଆଯାଇଛି। ୨୦୨୧ରେ ସ୍ୱାମୀ ମରିବା ପରେ ଶଶୁର ଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ତାଙ୍କ ଜମି ହଡ଼ପ ପାଇଁ ପଞ୍ଚାୟତ ସଚିବଙ୍କ ସହାୟତାରେ ଦେଢଶୁର ଏବଂ ପରିବାର ଲୋକ ମିଶି ମୃତକ ସ୍ୱାମୀଙ୍କ ବିବାହ ଗୁଡ୍ଡି ଦେବୀଙ୍କ ସହ କରାଯାଇଥିଲା। ତାଙ୍କର ତିନି ଶିଶୁ ଥିବା କୁହାଯାଇଥିଲା। ମୃତ୍ୟୁ ପ୍ରମାଣପତ୍ର ଏବଂ ପରିବାର ପଞ୍ଜିକରଣ ପ୍ରମାଣପତ୍ରରେ ଏହି ନାମ ରଖାଯାଇଥିଲା। ତେବେ ଗୁଡ୍ଡି ଦେବୀଙ୍କ ଜନ୍ମ ତାରିଖ ୧୯୮୪ ଜାନୁଆରୀ ୧, ତାଙ୍କ ବଡ଼ ପୁଅର ୧୯୮୯ ଜୁନ୍ ୧, ମଝିଆର ୧୯୯୦ ଜୁନ୍ ୧ ଏବଂ ସାନର ୧୯୯୨ ମେ’ ୧୪ କରାଯାଇଥିଲା। ଅର୍ଥାତ୍ କାଗଜପତ୍ରରେ ଗୁଡ୍ଡି ୫ ବର୍ଷରେ ମା ହୋଇ ଯାଇଥିଲା। ୮ ବର୍ଷରେ ତିନି ସନ୍ତାନର ଜନନୀ ହୋଇଥିଲା। ଏବେ ସିଡିଓ ଏହି ମାମଲାର ଯାଞ୍ଚ କରୁଛନ୍ତି।

# ଭାରତୀୟ ସେନାକୁ ମିଳିଲା ତିନି ଆପାଚେ ହେଲିକପ୍ଟର



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପ୍ରଥମ ପର୍ଯ୍ୟାୟରେ ଆମେରିକା ଭାରତକୁ ତିନୋଟି ଆପାଚେ ହେଲିକପ୍ଟର (ଏଏଚ-୬୪ଇ) ପ୍ରଦାନ କରିଛି। ସେନା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଆମେରିକାର ଏଣ୍ଟନୋଭ ଟ୍ରାନ୍ସପୋର୍ଟ ବିମାନରେ ଏହି ହେଲିକପ୍ଟରକୁ ଗାଜିଆବାଦର ହିଣ୍ଡନ ଏୟାରବେସ୍‌କୁ ଅଣାଯାଇଛି। ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚୁକ୍ତିଆଧାରରେ ୬ଟି ହେଲିକପ୍ଟରଆସିବ। ଏଥିରୁ ତିନୋଟି ମିଳି ସାରିଛି। ଏହି ହେଲିକପ୍ଟରରେ ବାଲି ଭଳି ରଙ୍ଗ ଦିଆଯାଇଛି। ମରୁଭୂମି ଅଞ୍ଚଳରେ ଏହା ଲୁଚିବାରେ ସହାୟକ ହେବ। ଏହି ହେଲିକପ୍ଟର୍ସ ଦ୍ୱାରା ସେନାର ଆକ୍ରମଣ ଏବଂ ଅପରେସନାଲ କ୍ଷମତା ବୃଦ୍ଧି ପାଇବ। ଏଗୁଡିକୁ ପାକିସ୍ତାନକୁ ଲାଗିଥିବା ପଶ୍ଚିମ ସୀମାର ଯୋଧପୁରରେ ମୁତୟନ କରାଯିବ। ପ୍ରଥମ ଥର ପାଇଁ ସ୍ଥଳସେନାକୁ ଏହି ହେଲିକପ୍ଟର ମିଳିଛି। ଏହା ବିଶ୍ୱର ସବୁଠାରୁ ଉନ୍ନତ ହେଲିକପ୍ଟର। ପୂର୍ବରୁ ବାୟୁସେନା ପାଖରେ ୨୨ ଆପାଚେ ହେଲିକପ୍ଟର ରହିଛି। ଏହାର ଦୁଇଟି ସ୍କ୍ୱାଡ୍ରନ ଚୀନ୍ ଏବଂ ପାକିସ୍ତାନ ସୀମାରେ ମୁତୟନ। ୨୦୨୦ରେ ଆମେରିକା ୨୦ଟି ଆପାଚେ ହେଲିକପ୍ଟର ପ୍ରଦାନ କରିଥିଲା।

# ସେପ୍ଟେମ୍ବରରେ ଅବସର ନେବ ମିଗ୍-୨୧ ଲଢୁଆ ବିମାନ



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଭାରତୀୟ ବାୟୁସେନାରେ ୬୨ ବର୍ଷ ପର୍ଯ୍ୟନ୍ତ ସେବା ଦେଇଥିବା ମିଗ୍-୨୧ ଲଢୁଆ ବିମାନକୁ ସେପ୍ଟେମ୍ବର ୧୯ରେ ସେବାରୁ ଅବସର ଦିଆଯିବ। ଚଣ୍ଡିଗଡ଼ ଏୟାରବେସ୍‌ରେ ଏହି ବିଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପରେ ଆନୁଷ୍ଠାନିକ ଭାବେ ବିମାନର ସେବାକୁ ବନ୍ଦ କରିଦିଆଯିବ। ୧୯୬୩ରେ ମିଗ୍-୨୧ ଜେଟ୍ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଅର୍ଥାତ୍ ଏହା ଧ୍ୱନିଠାରୁ ଅଧିକ ବେଗ (ସେକେଣ୍ଡ ପିଛା ୩୩୨ ମିଟର)ରେ ଗତି କରିପାରୁ ଥିଲା। ଏହି ବିମାନର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ ମିଗ୍-୨୧) ରାଜସ୍ଥାନ ବିକାନେରର ନାଲ ଏୟାରବେସରେ ମୁତୟନ ରହିଛି। ଏହାକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଏବଂ ନମ୍ବର ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ମଧ୍ୟ କୁହାଯାଏ।

ମିଗ୍-୨୧ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ, ୧୯୯୯ର କାରଗିଲ ଯୁଦ୍ଧରେ ସାମିଲ ହୋଇଥିଲା। ଏହା ୨୦୧୯ ବାଲାକୋଟ ଏୟାର ଷ୍ଟ୍ରାଇକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ ତେଜସ ଏମକେ୧ଏ ଏହାର ସ୍ଥାନ ନେବ। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୦୦ରୁ ଅଧିକ ପାଇଲଟଙ୍କ ଜୀବନ ମଧ୍ୟ ଯାଇଛି। ଏଥିପାଇଁ ଏହି ବିମାନକୁ ‘ଉଡ଼ନ୍ତା କଫିନ’ ମଧ୍ୟ କୁହାଯାଏ। ଭାରତ ୯୦୦ଟି ମିଗ୍ ବିମାନ କିଣିଥିଲା। ଏଥିରୁ ହାଲ୍ ୬୬୦ଟି ବିମାନକୁ ଦେଶରେ ନିର୍ମାଣ କରିଥିଲା। ଏବେ ମାତ୍ର ୩୬ଟି ମିଗ୍-୨୧ ବିମାନ ରହିଛି।

# ବିହାରରେ ବାଦପଡ଼ିଲେ ୫୨ ଲକ୍ଷ ଭୋଟର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବିହାରରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ବିରୋଧୀ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏପରି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ୫୨ ଲକ୍ଷ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା କୁହାଯାଇଛି। ୧୮ ଲକ୍ଷ ଭୋଟର ପ୍ରାଣ ହରାଇଥିବାବେଳେ ୨୬ ଲକ୍ଷ ବିଭିନ୍ନ ନିର୍ବାଚନ କ୍ଷେତ୍ରକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟର ଦୁଇଟି ସ୍ଥାନରେ ପଞ୍ଜିକୃତ କରିଛନ୍ତି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ଯୋଗ୍ୟ ଭୋଟରଙ୍କୁ ଅଗଷ୍ଟ ୧ ତାରିଖରେ ଜାରି ହେବାକୁ ଥିବା ଚିଠା ନିର୍ବାଚନୀ ତାଲିକାରେ ସାମିଲ କରାଯିବ ବୋଲି ଇସିଙ୍କ ପକ୍ଷରୁ ସୁନିଶ୍ଚିତ କରାଯାଇଛି।

ଭୋଟରଙ୍କୁ ବାଦ ଦେବାକୁ ନେଇ ବିରୋଧୀଙ୍କ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି ଏବଂ ମାମଲା ମଧ୍ୟ କୋର୍ଟରେ ପହଞ୍ଚିଛି। ଏହାକୁ ନେଇ ଇସି ଆଶ୍ୱାସନା ଦେଇଛନ୍ତି ଯେ ତାଲିକାରେ ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ଦିଆଯିବ। ତାଲିକା ଉପରେ ଆପତ୍ତି ଜଣାଇବା ପାଇଁ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ମାସେ ସମୟ ମିଳିବ। ଏହି ସମୟରେ ନାମ ସାମିଲ କିମ୍ବା ବାଦ ସହିତ ସଂଶୋଧନ କରିପାରିବେ। ବିନା ପ୍ରମାଣପତ୍ରରେ ଫର୍ମ ଦାଖଲ କରିଥିବା ଲୋକଙ୍କୁ ମଧ୍ୟ ତାଲିକାରେ ସାମିଲ

## ସତ୍ୟପାଠରେ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ନିର୍ବାଚନ କମିଶନ

## ଆଧାର କାର୍ଡ, ରାସନ କାର୍ଡ, ଭୋଟର କାର୍ଡକୁ ବୈଧ ପ୍ରମାଣପତ୍ର ଧରାଯିବନି

କରାଯିବ। ଯଦି କୌଣସି ଭୋଟର ଗଣନା ଫର୍ମ ଦାଖଲ କରିନାହାନ୍ତି ତେବେ ସେମାନେ ଆବେଦନ ଦାଖଲ କରି ସ୍ୱଘୋଷଣା ପୂର୍ବକ ତାଲିକାରେ ସାମିଲ ହୋଇପାରିବେ। ଏହି ସବୁ ପ୍ରକ୍ରିୟା ସରିବା ପରେ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଏହା ପରେ ବି ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ତାଲିକାରେ ସାମିଲ ହେବା ପାଇଁ ନୂଆ ଭୋଟର ଆବେଦନ କରିପାରିବେ।

ଇସିଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ବିହାରର ସମସ୍ତ ୧୨ଟି ପ୍ରମୁଖ ରାଜନୈତିକ ଦଳର ଜିଲ୍ଲା ସଭାପତିମାନଙ୍କ ଦ୍ୱାରା ନିଯୁକ୍ତ ପ୍ରାୟ ୧ ଲକ୍ଷ ବିଏଲଓ, ୪ ଲକ୍ଷ ସ୍ୱେଚ୍ଛାସେବୀ ଏବଂ ୧.୫ ଲକ୍ଷ ବିଏଲଏ ଏପର୍ଯ୍ୟନ୍ତ ଗଣନା ଫର୍ମ (ଇଏଫ) ଦାଖଲ କରି ନ ଥିବା ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ସେହିପରି ଏସଆଇଆରକୁ ବିରୋଧୀ ବିରୋଧ କରୁଥିବାବେଳେ ଇସି ଏହାକୁ ସାମ୍ବିଧାନିକ କର୍ତ୍ତବ୍ୟ କହିଛନ୍ତି। ମାମଲା ବିଚାରାଧୀନ ଥିବାବେଳେ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ସମଗ୍ର ପ୍ରକ୍ରିୟା ଏକ ସ୍ଥିର ଏବଂ କ୍ଷେତ୍ରାଧିକାର ଭିତିରେ ପରିଚାଳିତ ହେଉଛି ବୋଲି ଇସି ଯୁକ୍ତି ବାଢିଛନ୍ତି।

ଅନ୍ୟପଟେ ଏସଆଇଆରକୁ ନେଇ ଇସି ସୋମବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସଆଇଆରରେ ସାମିଲ ହେବା ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବୈଧ ପ୍ରମାଣପତ୍ର ଭାବରେ ବିବେଚନା କରିବାକୁ ସୁପ୍ରିମକୋର୍ଟ ଦେଇଥିବା ପ୍ରସ୍ତାବରେ ଇସି ଅସହମତି ପ୍ରକାଶ କରିଛନ୍ତି। ଏଗୁଡ଼ିକ ଉପରେ ନିର୍ଭର କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଆଧାର କେବଳ ଏକ ପରିଚୟ ପ୍ରମାଣପତ୍ର। ଦେଶରେ ବହୁ ସଂଖ୍ୟକ ନକଲି ରାସନ କାର୍ଡ ରହିଛି। ପୂର୍ବରୁ ଥିବା ଭୋଟର କାର୍ଡ ଉପରେ ନିର୍ଭର କରିବା ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ନିରର୍ଥକ ହୋଇଯିବ ବୋଲି କହିଛନ୍ତି। ଭୋଟର ତାଲିକାର ସାମିଲ ହୋଇ ନ ଥିବାରୁ କୌଣସି ବ୍ୟକ୍ତିଙ୍କ ନାଗରିକତା ସମାପ୍ତ ହେବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ଏହି ପ୍ରକ୍ରିୟାରେ କୌଣସି ଆଇନ ଏବଂ ଭୋଟରଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ହୋଇନାହିଁ। ଭୋଟର ତାଲିକାରେ ଯାଞ୍ଚ ବାତିଲ କରିବା ଏବଂ ନଭେମ୍ବର ବିଧାନସଭା ନିର୍ବାଚନ କରିବା ପାଇଁ ୧୧ଟି ବିରୋଧୀ ଦଳ, ଏନଜିଓ ଏବଂ ବିହାରର କିଛି ବାସିନ୍ଦାଙ୍କ ଦ୍ୱାରା ଦାୟର ଆବେଦନକୁ ଖାରଜ କରିବାକୁ କୋର୍ଟଙ୍କୁ ଇସି ଅନୁରୋଧ କରିଛନ୍ତି।

# ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## କୋର୍ଟ ଆସିବାକୁ ବି ସାହସ ନାହିଁ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଇଣ୍ଡିଆ ବୁଲ୍ସ ଫାଇନାନ୍ସ ଲିମିଟେଡ (ଆଇଏଚଏଫଏଲ) ବିରୋଧୀ ମାମଲାରେ ନୋଟିସ ଜାରି କରିବା ସତ୍ତ୍ୱେ ହାଜର ନ ହେବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ଆଚରଣ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ନୋଟିସ କରିଛନ୍ତି ମାନେ ହାଜର ହେବାକୁ ପଡ଼ିବ। ହାଜର ହୋଇପାରିବୁ ନାହିଁ ବୋଲି ସିବିଆଇ କେମିତି କହିପାରିଲା ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଆଇଏଚଏଫଏଲ ତଥା ସମ୍ମାନ କ୍ୟାପିଟାଲ ଲିମିଟେଡର ପ୍ରମୋଟରଙ୍କ ଦ୍ୱାରା ହୋଇଥିବା ଅର୍ଥ ହେରଫେର ମାମଲାର ଏସଆଇଟି ତଦନ୍ତ ଦାବିକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ସୁପ୍ରିମକୋର୍ଟ ଯାଇଥିଲେ। ଏବେ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ କୌଣସି ଅପରାଧ ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଇଡି ମନା କରିଦେଇଥିଲା। ତେଣୁ ପରେ ମାମଲା ରୁଜୁ ପାଇଁ ସିବିଆଇକୁ ନିବେଦନ କରାଯାଇଥିଲା। ଏହା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଟଙ୍କା ହେରଫେର ସମ୍ବନ୍ଧିତ। ତେଣୁ ସିବିଆଇକୁ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସିବିଆଇକୁ ନୋଟିସ ଜାରି କରାଯାଇଥିବା ଦେଖି କୋର୍ଟ ପ୍ରଶ୍ନ କରିଥିଲେ ଯେ କୋର୍ଟ ଆସିବାକୁ ବି ସିବିଆଇର ସାହସ ନାହିଁ କି? ସୂଚନା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ସପ୍ତାହେ ସମୟ ମାଗିବାରୁ କୋର୍ଟ ଅନୁମତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀଙ୍କ ଆବଶ୍ୟକତା ନାହିଁ ବୋଲି କୋର୍ଟ ମନେ ପକାଇ ଦେଇଥିଲେ। ଆଉ କ’ଣ ସୂଚନା ଦରକାର ବୋଲି ପଚାରି ଥିଲେ। ରେକର୍ଡ ପୂର୍ବରୁ ସିବିଆଇ ପାଖରେ ଅଛି ବୋଲି କହିଥିଲେ। ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ବିହାରରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ବିରୋଧ କରି ସଂସଦ ଭବନ ବାହାରେ ବିରୋଧୀଙ୍କ ବିକ୍ଷୋଭ

# କଂଗ୍ରେସ ଆବେଦନକୁ ଖାରଜ କଲେ ଟ୍ରିବ୍ୟୁନାଲ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କଂଗ୍ରେସ ଦଳକୁ ବଡ଼ ଝଟ୍‌କା ଲାଗିଛି। କଂଗ୍ରେସକୁ ମିଳିଥିବା ୧୯୯ କୋଟିର ଚାନ୍ଦା ଉପରେ ଟିକସ ଆଶ୍ୱସ୍ତି ପାଇଁ କରାଯାଇଥିବା ଆବେଦନକୁ ଇନ୍‌କମ୍ ଟ୍ୟାକ୍ସ ଅପିଲ ଟ୍ରିବ୍ୟୁନାଲ (ଆଇଟିଏଟି) ମଙ୍ଗଳବାର ଖାରଜ କରିଦେଇଛନ୍ତି। ଆୟକର ରିଟର୍ଣ୍ଣ ବିଳମ୍ବରେ ଦାଖଲ କରିବା ଏବଂ ନଗଦ ଦାନର ସୀମା ଉଲ୍ଲଙ୍ଘନକୁ ଟ୍ରିବ୍ୟୁନାଲ କାରଣ ଦର୍ଶାଇଛନ୍ତି।

## ୧୯୯ କୋଟିର ଚାନ୍ଦା ଉପରେ ଟିକସ ମାମଲା

ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ୨୦୧୯ ଫେବୃଆରୀ ୨ ରେ କଂଗ୍ରେସ ଟିକସ ରିଟର୍ଣ୍ଣ ଦାଖଲ କରିଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏହା କରାଯାଇ ନ ଥିବାରୁ ଟିକସ ଛାଡ଼ ହୋଇପାରିବ ନାହିଁ। ଟ୍ରିବ୍ୟୁନାଲ୍ ଟିକସ ଅଧିକାରୀଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ଏବଂ କହିଛନ୍ତି ଯେ ଦଳକୁ ଦାନ ଟଙ୍କା ଉପରେ ମଧ୍ୟ ଟିକସ ଦେବାକୁ ପଡିବ।

ସୂଚନା ଅନୁଯାୟୀ କଂଗ୍ରେସ ୨୦୧୯ ଫେବୃଆରୀ ୨ ରେ ଧାରା ୧୩୯ (୧) ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିଥିଲା। ଟିକସ ଦାଖଲ କରିବାର ଶେଷ ତାରିଖ ୨୦୧୮ ଡିସେମ୍ବର ୩୧ ଥିଲା। ପ୍ରାପ୍ତ ଦାନରେ ଧାରା ୧୩ଏ ଅନୁଯାୟୀ ୧୯୯.୧୫ କୋଟି ଟଙ୍କା ଆଶ୍ୱସ୍ତି ଦାବି କରିବା ପରେ କଂଗ୍ରେସ ଟିକସ ରିଟର୍ଣ୍ଣରେ ନିଜର ଆୟକୁ ଶୂନ୍ୟ ଘୋଷଣା କରିଥିଲା।

# ୩୦୦ ନଦୀବନ୍ଧ ଭାଙ୍ଗିଦେଲା ଚୀନ୍

ବେଜିଂ, ୨୨।୭ (ଏଜେନ୍ସି): ଭାରତ ନଦୀ ବନ୍ଧ ନିର୍ମାଣକୁ ଗୁରୁତ୍ୱ ଦେଉଛି। ମାତ୍ର ପଡ଼ୋଶୀ ରାଷ୍ଟ୍ର ଚୀନ୍ ଏଭଳି ଏକ ପଦକ୍ଷେପ ନେଇଛି ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଏହି କମ୍ୟୁନିଷ୍ଟ ଦେଶ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନେଇ ୩୦୦ ନଦୀ ବନ୍ଧ ଭାଙ୍ଗି ଦେଇଛି। ମେଗା ଡ୍ୟାମ୍ ନିର୍ମାଣ ଲାଗି ପରିଚିତ ବେଜିଂର ଏହି ପଦକ୍ଷେପ ସଭିଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। କେବଳ ସେତିକି ନୁହେଁ, ୩୫୦ ଜଳ ବିଦ୍ୟୁତ କେନ୍ଦ୍ରକୁ ମଧ୍ୟ ଡିକମିସନ ଅର୍ଥାତ୍ ବନ୍ଦ କରିଦେଇଛି। ପରିବେଶ ଏବଂ ଜୈବ ବିବିଧତାକୁ ନେଇ ଚିନ୍ତା ପ୍ରକାଶ ପାଇବା ପରେ ଚୀନ୍ ଏହି ପଦକ୍ଷେପ ନେଇଛି। ଚୀନ୍ ଯେଉଁ ବନ୍ଧ ଭାଙ୍ଗିଛି ତାହା ଉପର ୟାଙ୍ଗଜେ ନଦୀର ମୁଖ୍ୟ ସହାୟକ ‘ଲୋହିତ ନଦୀ’ରେ ନିର୍ମାଣ ହୋଇଥିଲା। ଏହାକୁ ‘ଚିସୁଇ ହେ’ ନଦୀ ମଧ୍ୟ କୁହାଯାଏ।

ୟାଙ୍ଗଜେ ନଦୀକୁ ଚୀନ୍‌ରେ ଚାଙ୍ଗ ଜିଆଙ୍ଗ କୁହାଯାଏ। ଏହା ଏସିଆର ଦୀର୍ଘତମ ଏବଂ ବିଶ୍ୱର ତୃତୀୟ ଦୀର୍ଘତମ ନଦୀ। ଏହା ୬,୩୦୦ କିମି ଯାଏଁ ବ୍ୟାପିଛି। ଏହି ନଦୀ ଚୀନ୍‌ର ଅର୍ଥ ବ୍ୟବସ୍ଥା, ସଂସ୍କୃତି ଏବଂ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ଏହା କୃଷି, ବ୍ୟବସାୟ ଏବଂ ଜଳ ବିଦ୍ୟୁତ ଉତ୍ପାଦନର କେନ୍ଦ୍ର ଏବଂ ଜୈବ ବିବିଧତା ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ। ଏଠାରେ ବିରଳ ପ୍ରଜାତିର ଜୀବ ଅଛନ୍ତି। କିନ୍ତୁ

## ବନ୍ଦ କରିଦେଲା ୩୪୨ ଶକ୍ତିକେନ୍ଦ୍ର

## ୨୦୨୩ ସୁଦ୍ଧା ୨୧୧୯ ବନ୍ଧ ଭାଙ୍ଗିଲାଣି ଆମେରିକା



ଏହି ନଦୀକୁ ଜୀବନ ଦେଉଥିବା ସହାୟକ ନଦୀ ଉପରେ ନିର୍ମିତ ଡ୍ୟାମ୍ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ପରିସଂସ୍ଥା ଉପରେ ଗୁରୁତର ପ୍ରଭାବ ପକାଇ ଥିଲା। ସିନ୍‌ହୁଆ ରିପୋର୍ଟ ଅନୁଯାୟୀ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଲୋହିତ ନଦୀ ଉପରେ ଥିବା ୩୫୭ରୁ ୩୦୦ ଡ୍ୟାମ୍‌କୁ ଧ୍ୱଂସ କରିଦିଆଯାଇଥିଲା। ସେହିପରି ୩୭୩ କ୍ଷୁଦ୍ର ଜଳ ବିଦ୍ୟୁତ କେନ୍ଦ୍ରରୁ ୩୪୨ଟିକୁ ବନ୍ଦ କରିଦିଆଯାଇଛି। ଏହାର ସକରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥିଲା। ଏଥିପାଇଁ ଅନେକ ବିଲୁପ୍ତ ପ୍ରାୟ ମାଛ ପ୍ରଜାତି ନିଜ ପ୍ରାକୃତିକ ପ୍ରଜନନ ଚକ୍ର ଫେରି ପାଇବାରେ ସକ୍ଷମ ହୋଇଥିଲେ। ଗତ କିଛି ଦଶନ୍ଧି ହେଲା ବନ୍ଧ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ଦ୍ୱାରା ଜଳ ପ୍ରବାହକୁ ଅଟକା ଯାଇଥିଲା। ଏହା ଦ୍ୱାର ନିମ୍ନ ଅବବାହିକାରେ ଜଳ ସୀମିତ ହୋଇ ଯାଇଥିଲା। ଆଉ କିଛି ସ୍ଥାନରେ ପାଣି ସମ୍ପୂର୍ଣ୍ଣ ଶୁଖି ଯାଉଥିଲା। ଜଳଚର ପ୍ରାଣୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥିଲା। ମାଛ ସମେତ ଅନ୍ୟ ଜଳଚର ପ୍ରାଣୀଙ୍କ ବାସସ୍ଥଳ ଲୋପ ପାଇ ଯାଇଥିଲା। ଡ୍ୟାମ ନିର୍ମାଣ ଯୋଗୁଁ ପ୍ରଜନନ ପାଇଁ ନଦୀରେ ଦୀର୍ଘ ପଥ ଯାଉଥିବା ମାଛ ଗୁଡିକର ରାସ୍ତା ଅବରୋଧ ହୋଇ ଯାଇଥିଲା। ମାତ୍ର ୨୦୨୦ରୁ ଆରମ୍ଭ ହୋଇଥିବା ସୁଧାର କାର୍ଯ୍ୟ ଯୋଗୁଁ ୟାଙ୍ଗଜେ ନଦୀର ପରିଚୟ ପାଲଟି ଥିବା ଷ୍ଟର୍ଜନ ସମେତ ଅନ୍ୟ ଜୀବଙ୍କୁ ନୂଆ ଜୀବନ ମିଳିଥିଲା।

ଆମେରିକା ମଧ୍ୟ ଏହି ମାମଲାରେ ପଛରେ ନାହିଁ। ଏହି ଦେଶରେ ୨୧୧୯ଟି ଡ୍ୟାମ୍‌କୁ ଧ୍ୱଂସ କରିଦେଇଛି। ୧୯୧୨ରୁ ୨୦୨୩ ମଧ୍ୟରେ ଏହି କାର୍ଯ୍ୟ ହୋଇଛି। ପରିସଂସ୍ଥା ଉପରେ ପଡୁଥିବା ଖରାପ ପ୍ରଭାବ ପାଇଁ ଆମେରିକା ଏହି ପଦକ୍ଷେପ ନେଇଛି। ବୋମା ଦ୍ୱାରା ଡ୍ୟାମ ଧ୍ୱଂସ ନ କରି ଏଗୁଡିକୁ ଡିସ୍‌ମେଣ୍ଟାଲିଂ କରିଦିଆଯାଇଛି। ପ୍ରାକୃତିକ ଜଳଧାରା, ମାଛ ସ୍ଥାନାନ୍ତର, ନଦୀ ନବୀକରଣ ପ୍ରକଳ୍ପ, ଜଳର ମାନ ବୃଦ୍ଧି ଏବଂ ଜୈବ ବିବିଧତାର ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି।



ପ୍ରୟାଣର ୧୦ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ଧର୍ମିଷ୍ଠା ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫
'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୨୩.୦୭.୨୦୨୫ (ବୁଧବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ:ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ
SRI DURGA CONDEV PVT. LTD.
DRIEMS UNIVERSITY
PADMINI care
PRAMOD HOTELS & RESORTS

# ୨୪ ଘଣ୍ଟାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୨୨।୭ (ସମିସ): ଆଗାମୀ ୨୪ ଘଣ୍ଟାରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଏହି ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିବ। ଏହାର ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହି ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତର ରୂପ ନେଇ ପାରେ। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବା ବେଳେ ୨୪ରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ର ଉପରେ ଅଧିକ ରହିଥିବା ବେଳେ କିଛିକାଂଶ ପ୍ରଭାବ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ମଙ୍ଗଳବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲ୍ଲା ର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ଅନ୍ୟପଟେ ୨୩ ତାରିଖ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ତେବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଆଦି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



## ଏନ୍‌ସିଇଆର୍‌ଟି ବହିରୁ 'ପାଇକ ବିଦ୍ରୋହ' ବାଦ୍

# ପାଇକମାନଙ୍କ ପ୍ରତି ବଡ଼ ଅପମାନ: ନବୀନ

ଭୁବନେଶ୍ୱର,୨୨।୭ (ସମିସ): ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ଏକ ଐତିହାସିକ ମୁହୂର୍ତ୍ତ। ଅତ୍ୟାଚାରୀ ବ୍ରିଟିଶ ବିରୋଧରେ ୧୮୧୭ ମସିହାରେ ଅଦମ୍ୟ ସାହସର ସହିତ ଲଢ଼େଇ କରିଛନ୍ତି। ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ସେ ଅନେକ ଥର ଦାବି କରିଛନ୍ତି। ହେଲେ ବିଦ୍ରୋହର ପ୍ରାୟ ୨ଶହ ବର୍ଷ ପରେ ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦେବା ପାଇକମାନଙ୍କ ପ୍ରତି ଏକ ବଡ଼ ଅପମାନ। ବ୍ରିଟିଶ ଶାସନ ବିରୁଦ୍ଧରେ ଜନ ଆନ୍ଦୋଳନ ପାଇଁ ପଥପ୍ରଦର୍ଶକ ସାଜିଥିବା ଏହି ଆନ୍ଦୋଳନକୁ ପାଠ୍ୟ ପୁସ୍ତକରୁ ବାଦ୍ ଦେବା ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଘଟଣାରେ



ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ଦାବି କରିବା ସହ ଓଡ଼ିଶାକୁ

**ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି**

ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି।

**ମହାଲିଙ୍ଗଙ୍କୁ ବିଜେଡିର ପାଲଟା ଜବାବ**

## ପାଇକ ବିଦ୍ରୋହକୁ 'ଆଞ୍ଚଳିକ' କହିବା ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ

ଭୁବନେଶ୍ୱର, ୨୨।୭ (ସମିସ): ପାଇକ ବିଦ୍ରୋହ ପ୍ରସଙ୍ଗରେ ମୁକେଶ ମହାଲିଙ୍ଗ ଏକ୍ସରେ ରଖିଥିବା ପ୍ରତିକ୍ରିୟାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ମୁକେଶ ଏକ୍ସରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ 'ପାଇକ ବିଦ୍ରୋହ'କୁ ବାଦ ଦିଆଯାଇନାହିଁ; ବରଂ ସାମାଜିକ ବିଜ୍ଞାନ ପୁସ୍ତକର ଦ୍ୱିତୀୟ ଭାଗରେ ଏହା ଶୀଘ୍ର ପ୍ରକାଶ ପାଇବ। ଏନ୍‌ସିଇଆର୍‌ଟି ଏନେଇ ସ୍ପଷ୍ଟୀକରଣ ଦେଇଥିବା ମଧ୍ୟ ସେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏପରି ଟିପ୍ପଣୀକୁ ତୀବ୍ର ବିରୋଧ କରିଛି ବିଜେଡି । ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ପାଇକ ବିଦ୍ରୋହକୁ ବାଦ୍ ଦେବାପରେ ଏବେ ବାହାନା କରୁଛନ୍ତି। ପୁସ୍ତକର ଦ୍ୱିତୀୟ ଭାଗ ଅର୍ଥାତ୍ 'ଆଞ୍ଚଳିକ ବିଦ୍ରୋହ' ଅଧୀନରେ ରଖାଯିବ ବୋଲି ଦାବି କରୁଛନ୍ତି। ଏହା ସ୍ପଷ୍ଟୀକରଣ ନୁହେଁ; ଏହା ସ୍ୱତଃପ୍ରବୃତ୍ତ ବିରୋଧାଭାସ। ପାଇକ ବିଦ୍ରୋହ ଏକ ଆଞ୍ଚଳିକ ଆନ୍ଦୋଳନ ନୁହେଁ; ଏହା ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତର ପ୍ରଥମ ସଂଗଠିତ ବିଦ୍ରୋହ। ଏହାକୁ "ଆଞ୍ଚଳିକ" କହିବା ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ। ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରମ୍ବାର ଦାବି ସମ୍ପୂର୍ଣ୍ଣ ବୈଧ ବୋଲି ଡ. ପାତ୍ର ଯୁକ୍ତି ଉପସ୍ଥାପନ କରିଛନ୍ତି। ୧୮୫୭ ବିଦ୍ରୋହ ବା ସିପାହୀ ବିଦ୍ରୋହର ପୂର୍ବବର୍ତ୍ତୀ ଏବଂ ଉପନିବେଶବାଦୀ ଆଧିପତ୍ୟ ବିରୁଦ୍ଧରେ ପାଇକ ବିଦ୍ରୋହ ଏକ ସ୍ୱର୍ଣ୍ଣିମ ଉଦାହରଣ। ଏଣୁ ଏହାକୁ ଉପେକ୍ଷା ନୁହେଁ, ବରଂ ଜାତୀୟ ସ୍ୱୀକୃତି ପାଇବା ଉଚିତ। ଏହି ଐତିହାସିକ ସଂଗ୍ରାମକୁ ଆଞ୍ଚଳିକ ଘଟଣାରେ ପରିଣତ କରାଯାଉଥିବାବେଳେ ଓଡ଼ିଶାର ବିଜେପି ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ନେତାମାନଙ୍କର ବିବେକ ସେମାନଙ୍କୁ ଆନ୍ଦୋଳିତ କରୁନାହିଁ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା**

# ଏସ୍‌ଆଇଟି ତଦନ୍ତ ଲୋଡ଼ା ନାହିଁ: ହାଇକୋର୍ଟ

କଟକ, ୨୨।୭ (ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ହାଇକୋର୍ଟରେ ପହଞ୍ଚିଛି। ଏହି ସମ୍ବେଦନଶୀଳ ଘଟଣାରେ ସ୍ପେସାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି) ଦ୍ୱାରା ତଦନ୍ତର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି କହିଛନ୍ତି। ଏଥିସହ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳ କଂଗ୍ରେସ ଓ ବିଜେଡିକୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଜାରି ରହିଥିବା କ୍ରାଇମବ୍ରାଞ୍ଚ ତଦନ୍ତର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ମୁଦାଲଫାଫାରେ ଏକ ଷ୍ଟାଟସ୍ ରିପୋର୍ଟ ଅଦାଲତରେ ଦାଖଲ କରିଛନ୍ତି। ହାଇକୋର୍ଟ ଏହାକୁ ଅନୁଧ୍ୟାନ କରି ବର୍ତ୍ତମାନ ସ୍ଥିତିରେ ଏସ୍‌ଆଇଟି ତଦନ୍ତ ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତ ସମ୍ପର୍କିତ ସାନି ଷ୍ଟାଟସ୍ ରିପୋର୍ଟକୁ ମୁଦା ଲଫାଫାରେ ଦାଖଲ ପାଇଁ ଆଡଭୋକେଟ୍ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ, ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଓ ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ ପାଇଁ ଜନଜୀବନ ପ୍ରଭାବିତ ହୋଇଥିବା ପ୍ରସଙ୍ଗରେ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ହାଇକୋର୍ଟ ଜବାବ ତଲବ କରିଛନ୍ତି।

**ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ନୋଟିସ**

ମାମଲାରୁ ପ୍ରକାଶ, ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ, ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ବିରୋଧରେ ୟୁଜିସି ଓ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନରେ ସଠିକ୍ ଢଙ୍ଗରେ ପାଳନ ଏବଂ ଦୋଷୀ ଅଧିକାରୀ କିମ୍ବା ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ ପାଇଁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ ସରକାର, ଡିଜିପି, ୟୁଜିସି ସଚିବ, ବିରୋଧୀ ବିଜୁ ଜନତା ଦଳ ଓ କଂଗ୍ରେସକୁ ପକ୍ଷଭୁକ୍ତ କରାଯାଇଛି।

# ବିଜେପି ଶୀର୍ଷ ନେତୃତ୍ୱଙ୍କ ପାଇଁ ଶିରପୀଡ଼ା ଓଡ଼ିଶା

## ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଦିଲ୍ଲୀ ଡକରା

ଭୁବନେଶ୍ୱର,୨୨।୭ (ସମିସ): ସରକାରଙ୍କୁ ଇତିମଧ୍ୟରେ ୧୩ ମାସ ପୂରି ୧୪ ମାସ ଚାଲିଲାଣି। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ, ଏକାଡ଼େମୀ ଏବଂ କମିଶନରେ ନିଯୁକ୍ତି ନେଇ ଦଳରେ ଅଛିଣ୍ଡା ଅଙ୍କ ଛିଡୁନି। ବିଭିନ୍ନ ସମୟରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ନେଇ ଖବର ଆସୁଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହା ଫସର ଫାଟି ଯାଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଜନୈତିକ ସ୍ଥିତି ସହ ଆଇନଶୃଙ୍ଖଳା ମଧ୍ୟ ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ କାରଣ ପାଇଁ ଓଡ଼ିଶା ଗଣମାଧ୍ୟମ ଶିରୋନାମା ପାଲଟିଛି । ବିଜେପି ଜାତୀୟ ନେତୃତ୍ୱଙ୍କ ପାଇଁ ଏହା ଶିରପୀଡ଼ା ପାଲଟିଛି । ଏହି ସମୟରେ ଶାସକ ବିଜେପିର ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଶୀର୍ଷ ନେତୃତ୍ୱଙ୍କ ଦିଲ୍ଲୀ ଡ଼କରା ବିଭିନ୍ନ ଆଲୋଚନା ପାଇଁ ଖୋରାକ ଯୋଗାଉଛି। କିଛି ରାଜନୈତିକ ସମୀକ୍ଷକ ବିଜେପି ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କ ଦିଲ୍ଲୀଗସ୍ତକୁ ଦଳ ଓ ସରକାର ମଧ୍ୟରେ ଅସମନ୍ୱୟ ସହ ଯୋଡୁଥିବାବେଳେ ଆଉ କିଛି ଏହାକୁ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ଯୋଡ଼ି ଦେଖୁଛନ୍ତି ।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଯେ ମୋହନ-ମନମୋହନ ଯୋଡ଼ି ନିଜର ପୂର୍ବ ଦିଲ୍ଲୀ ଗସ୍ତ ସମୟରେ ଦାଖଲ କରିଥିବା ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ରୂପରେଖରେ କିଛି ପରିବର୍ତ୍ତନ ପାଇଁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଗସ୍ତରୁ ଉଭୟେ ଫେରିବା ପରେ ମୁଖ୍ୟମନ୍ତ୍ରୀ, ଦଳ ସଭାପତି ପ୍ରସ୍ତୁତ ନୂଆ ତାଲିକା ଧରି ମନମୋହନ ଓ ମାନସ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇ ପାରନ୍ତି ବୋଲି କୁହାଯାଉଛି। କେବଳ ମନ୍ତ୍ରିମଣ୍ଡଳ ନୁହେଁ, ବିଭିନ୍ନ ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ମଧ୍ୟ କୁଆଡ଼େ ଦିଲ୍ଲୀରେ ରୂପରେଖ ପ୍ରସ୍ତୁତ ହେବ ବୋଲି ଶୁଣିବାକୁ ମିଳୁଛି।

ଏପଟେ ସୋମବାର ରାଜ୍ୟପାଳ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ବାସଭବନରେ ଭେଟିଥିବା ବେଳେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟିଛନ୍ତି। ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ଏହି ଭେଟଘାଟ ଉଦ୍ଦିଷ୍ଟ ଥିବା ନେଇ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ବିଗତ କିଛିମାସରେ ରାଜ୍ୟରେ ଘଟିଥିବା ବିଭିନ୍ନ ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବିଜେପିର ଶୀର୍ଷ ନେତୃତ୍ୱ କେତେକ ମନ୍ତ୍ରୀଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ, ଦଳାଚକଟା ମୃତ୍ୟୁ, ମହିଳା ବିରୋଧୀ ହିଂସା, ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ପ୍ରସଙ୍ଗ ବିଜେପି ସରକାର ଏବଂ ସଂଗଠନ ପାଇଁ ଲଜ୍ଜା ଜନକ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ମନ୍ତ୍ରିମଣ୍ଡଳରେ ଏକାଧିକ ମନ୍ତ୍ରୀଙ୍କ ହାତରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ି ନିଆଯିବା ଓ ୨ରୁ ୩ ଜଣ ମନ୍ତ୍ରୀଙ୍କ ମନ୍ତ୍ରୀପଦ ଯିବା ନିଶ୍ଚିତ ବୋଲି କୁହାଯାଉଛି। ଅତଏବ ସମ୍ପ୍ରସାରଣ ହେଲେ ପ୍ରାୟ ୮ରୁ ୯ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ତନ୍ମଧ୍ୟରୁ ୨ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଟିମରେ ସାମିଲ କରିବାକୁ ନିଷ୍ପତ୍ତି ନେଇ ସାରିଥିବା ବେଳେ ବିଭିନ୍ନ ସମୀକରଣକୁ ଲକ୍ଷ୍ୟ କରି ଆଉ ୭ ଜଣଙ୍କୁ ନେବେ। ଏହି ମିଳିଥିବା ସୂଚନା ଅନୁଯାୟୀ ଲୋକସଭା ମଣ୍ଡଳୀୱାରୀ ସମୀକରଣକୁ ସମ୍ପ୍ରସାରଣରେ ସର୍ବାଧିକ ଗୁରୁତ୍ୱ ମିଳିବ। ଏହାସହ ବରିଷ୍ଠତା, ଦଳୀୟ ଆନୁଗତ୍ୟତା, ନିର୍ମଳ ଭାବମୂର୍ତ୍ତି ଥିବା ନେତାଙ୍କୁ ଅଗ୍ରାଧିକାର ଦିଆଯିବ।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ଅସମର୍ଥ : ବିଜେଡି

ଭୁବନେଶ୍ୱର,୨୨।୭ (ସମିସ): ମଙ୍ଗଳବାର ଗୋଟିଏ ଦିନରେ ରାଜ୍ୟର ୩ଟି ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସହ ପୁରୀରେ ତିନି ଭଉଣୀଙ୍କୁ ଅସଦାଚରଣ ମାମଲା ପରି ସାଂଘାତିକ ଘଟଣା ଘଟିଛି। ମହିଳାମାନେ ଘର କୋଣରେ ରୁହନ୍ତୁ ଓ ଘରୁ ଗୋଡ଼ କାଢନ୍ତୁ ନାହିଁ ବୋଲି ବିଜେପି ସରକାର



ଚାହୁଁଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମୁଦୁଲି କହିଥିଲେ ଯେ ଛାତ୍ରୀ ହେଉ ବା ଗୃହିଣୀ ସମାଜରେ ନିଜକୁ ଆତ୍ମନିର୍ଭର କରିବା ପାଇଁ ଘରୁ ବାହାରକୁ ଆସିବାକୁ ପଡିବ; ମାତ୍ର ଦୁର୍ଭାଗ୍ୟର କଥା ରାଜ୍ୟ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ଅସମର୍ଥ। ସେହିପରି ଚିରଞ୍ଜୀବ ବିଶ୍ୱାଳ କହିଥିଲେ ଯେ ମାଲକାନଗିରିରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣାକୁ ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଏସ୍ପିଙ୍କୁ ଭେଟି ଆଲୋଚନା କରିଛନ୍ତି । ଉପାନ୍ତ ଅଞ୍ଚଳରେ ନାବାଳିକା ଓ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଛି ବୋଲି ନିଜେ ଏସପି ସ୍ୱୀକାର କରିଛନ୍ତି।

ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେବା ଦିନଠାରୁ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଗୋଟିଏ ଦିନରେ ତିନୋଟି ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ

- ମହିଳାମାନେ ଘରୁ ଗୋଡ କାଢିବା ଚାହାନ୍ତିନି ରାଜ୍ୟ ସରକାର
- ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଚେତାବନୀ

ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ପୁରୀରେ ଟ୍ୟୁସନରୁ ଫେରୁଥିଲା ବେଳେ ତିନି ଭଉଣୀଙ୍କୁ ଅସଦାଚରଣ ଘଟଣା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ଦାସ କହିଥିଲେ। ଉତ୍ସବମୁହାଁ ସରକାର ଯଦି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନାରେ ବିରାମ ନଲଗାଏ, ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତାର କରିବ ବୋଲି ବିଜେଡି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ ଯେ ଚିରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରଶାନ୍ତ ମୁଦୁଲି, ସୁଲୋଚନା ଦାସ, ମଞ୍ଜୁଲତା କହଁର, ପ୍ରୀତିନନ୍ଦା ରାଉତରାୟ, ଭାରତୀ ସିଂ ଓ ମହାମାୟା ସ୍ୱାଇଁ ପ୍ରମୁଖ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜଗତସିଂହପୁରରେ ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମବେଦନା ଜଣାଇଥିଲେ। ସେହିପରି ଯାଜପୁରରେ ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପୂର୍ବତନ ସାଂସଦ ସର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ମ୍ୟୁନିସପାଲିଟି ଅଧ୍ୟକ୍ଷା ରଞ୍ଜୁଲତା ହୋତା, ସବିତା ରାଉତ, ମାମିନା ମଲ୍ଲିକ ଓ ତପସ୍ୱିନୀ ସ୍ୱାଇଁ ପ୍ରମୁଖ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡିତା ପରିବାରଙ୍କୁ ଭେଟି ଆଲୋଚନା କରି ସମବେଦନା ଜଣାଇଥିଲେ।

## କଂଗ୍ରେସର ରଣହୁଙ୍କାର

# ନାରୀ ନ୍ୟାୟ ଆନ୍ଦୋଳନ ଭଣ୍ଡୁର କରିପାରିବେନି ସରକାର

ଭୁବନେଶ୍ୱର,୨୨।୭ (ସମିସ): ରାଜ୍ୟରେ ମାତ୍ରାଧିକ ନାରୀ ନିର୍ଯାତନା, ଅତ୍ୟାଚାର ଓ ଦୁଷ୍କର୍ମ ପ୍ରତ୍ୟହ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। ବର୍ଷକ ମଧ୍ୟରେ ନାରୀ ନିର୍ଯାତନା ସବୁ ରେକର୍ଡ ଟପିସାରିଛି। ମୋହନ ସରକାର ଆଜି କୌରବଙ୍କ ସଭାରେ ପରିଣତ ହୋଇ ଯାଇଛି ବୋଲି ରାଜ୍ୟ କଂଗ୍ରେସ କହିଛି। ମଙ୍ଗଳବାର ଦଳ ପକ୍ଷରୁ ପିସିସି ପ୍ରଚାର ମିଡିଆ, ପ୍ରସାର ଏବଂ ସୂଚନା ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିବା ବେଳେ ବଳଙ୍ଗା ନାବାଳିକା ପୋଡି ଘଟଣାର ଆସାମୀମାନଙ୍କୁ ଗିରଫ କରିବାକୁ ଆଉ କେତେ ଦିନ ଲାଗିବ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ନାରୀ ନ୍ୟାୟ କ୍ଷେତ୍ରରେ ଆମେ ସାଲିସ କଦାପି କରିବୁ ନାହିଁ। ନାରୀଙ୍କୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ। ବାଲେଶ୍ୱର ବିଧାୟକ ଏବଂ ସାଂସଦଙ୍କ ଅକ୍ଷମଣୀୟ ଅବହେଳା ସେମାନଙ୍କୁ ଦଳରୁ ନିଲମ୍ବନ କରିବା ସହ କର୍ତ୍ତବ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏହି ଅବସରରେ ସରକାରଙ୍କ ଆଭିମୁଖ୍ୟକୁ କଟୁ ସମାଲୋଚନା କରି ସେ କହିଛନ୍ତି ଯେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିବା ପରେ ତାଙ୍କୁ ତୁରନ୍ତ ଦଳରୁ ନିଲମ୍ବନ କରାଯାଇଛି। ଏହି ମାମଲାରେ ପୁଲିସ ଗିରଫଦାରୀକୁ ବିରୋଧ କରାଯାଉନି, ମାତ୍ର ୪ ମାସ ତଳେ ଘଟିଥିବା ତଥାକଥିତ ଘଟଣାକୁ ନେଇ ହଠାତ ଗିରଫ କରି କଂଗ୍ରେସ ନାରୀ ନ୍ୟାୟ ଆନ୍ଦୋଳନକୁ



କଦାପି ଭଣ୍ଡୁର କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ବଳଙ୍ଗା ନାବାଳିକା ପୋଡ଼ି ଘଟଣାକୁ ତିନିଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ଜଣକୁ ମଧ୍ୟ ଗିରଫ ନ କରିପାରିବା ଆଶ୍ଚର୍ଯ୍ୟର ବିଷୟ ବୋଲି ଉଲ୍ଲେଖ କରି ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ନିଯୁକ୍ତ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ଭୂମିକା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଡକ୍ଟର ମନୀଷା ଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ନ୍ୟାୟାଳୟ ଗୃହ ଉଦ୍‌ଘାଟିତ

# ଘର ପାଖରେ ନ୍ୟାୟ ପାଇବେ ଲୋକେ








ବ୍ରହ୍ମଗିରି,୨୨।୭(ସମିସ):

ବ୍ରହ୍ମଗିରିରେ ଗ୍ରାମ୍ୟ ନ୍ୟାୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଆଭାସି ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ତଣ୍ଡନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ବିଚାରପତିଙ୍କ ସହିତ ବିଚାରପତି ଏସ୍‌କେ ସାହୁ ରହିଥିଲେ। ନୂତନ ଭାବେ ନିର୍ମାଣ କରାଯାଇଥିବା ଗ୍ରାମ ନ୍ୟାୟାଳୟରେ ଜିଲ୍ଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜଜ୍ ସୈକତ ପାତ୍ର ଓ ବ୍ରହ୍ମଗିରି ନ୍ୟାୟାଧିକାରୀ ନିତ୍ୟାନନ୍ଦ ଚୌବେ ଉପସ୍ଥିତ ଥିଲେ। ବ୍ରହ୍ମଗିରିରେ ପ୍ରଥମ କରି ଜୁନ୍ ୭ ତାରିଖ ୨୦୨୧ ଠାରୁ ଏହି ଗ୍ରାମ ନ୍ୟାୟାଳୟ ବ୍ରହ୍ମଗିରି ପଞ୍ଚାୟତ କାର୍ଯ୍ୟାଳୟରେ ପରିସରରେ ଭଡ଼ାରେ କାର୍ଯ୍ୟ କରୁଥିଲା। ଏହି ଗ୍ରାମ ନ୍ୟାୟାଳୟର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଫେବୃଆରୀ ୪ ତାରିଖ ୨୦୨୩ରେ କରାଯାଇଥିଲା। ନ୍ୟାୟାଳୟ ହେବା ଦ୍ୱାରା ବ୍ରହ୍ମଗିରି ଅଞ୍ଚଳବାସୀ ଘର ପାଖରେ ନ୍ୟାୟ ପାଇ ପାରିବେ ବୋଲି କିଛି ଆଇନଜୀବୀ କହିଛନ୍ତି। ତହସିଲଦାର ଶଶୀଭୂଷଣ ମିଶ୍ର, ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ ,ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ବ୍ରହ୍ମଗିରି ଆଇଆଇସି ପ୍ରାଞ୍ଜକ୍ଷ ମହାନ୍ତି ଓ ବାର ଆସୁସିଏସନ୍ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

**ଅସ୍ତରଙ୍ଗ :** ଅସ୍ତରଙ୍ଗରେ ସ୍ଥାପିତ ଜୁନିୟର ସିଭିଲ୍ କମ୍ ଜେଏମ୍‌ଏଫ୍‌ସି କୋର୍ଟର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ତଣ୍ଡନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଅସ୍ତରଙ୍ଗକୋର୍ଟରେ ନୂତନ ଭାବେ ଯୋଗଦେଇଥିବା ବିଚପତି ସୁଧାବାଇ ଅଗ୍ରୱାଲ, କୋର୍ଟ କର୍ମଚାରୀ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ, ତହସିଲଦାର, ଆଇନଜୀବୀ ଓ ଅନ୍ୟାନ୍ୟ ପୁଲିସ୍ କର୍ମଚାରୀ ଯୋଗଦେଇଥିଲେ। ନୂତନ କୋର୍ଟ କାର୍ଯ୍ୟକାରୀ ହୋଇଥିଲାବେଳେ ଦୁଇଟି ମାମାଲାରେ ସାକ୍ଷୀ ଗ୍ରହଣ କରିବା ସୂଚନା ମିଳିଛି। ୯ ଜଣ କର୍ମଚାରୀ ନିଯୁକ୍ତି ପାଇବା ଓ ଆଇନଜୀବୀ ବସିବା ପାଇଁ ଆସ୍ଥାୟୀ ବାର୍ ବ୍ୟବସ୍ଥା ହୋଇଛି। ଅସ୍ତରଙ୍ଗ ଓ କାକଟପୁର ଏକ ସଙ୍ଗରେ ଦୁଇଟି କୋର୍ଟର କାର୍ଯ୍ୟକାରୀ ହେବାରୁ ଗ୍ରାମାଞ୍ଚଳର ସାଧାରଣ ଲୋକେ ସୁବିଧା ପାଇପାରିବେ ସମସ୍ତେ ମତ ପ୍ରକାଶ କରିଛନ୍ତି।

**ଗମ୍ଭାରୀପଦା :** ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ୍‌ରେ ଅସ୍ଥାୟୀ ଗୃହରେ ଦେୱାନୀ ବିଚାରପତି ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଦେଶ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧିଶ ହରିଶ ଟଣ୍ଡନ ଆଭାସି ମାଧ୍ୟମରେ ଉଭୟ କୋର୍ଟ ଉଦ୍‌ଘାଟନ କରିଥିଲେ। କାକଟପୁର ବ୍ଲକ୍ ପରିସରରେ ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟ ମିଶ୍ର, କାକଟପୁର ଜଜ୍ ଶ୍ରୀଚନ୍ଦନ ଦାଶ, କୋର୍ଟ ମ୍ୟାନେଜର ମଳୟ ଗିରି, ପୁରୀ ଜିଲ୍ଲା ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ,ଏସ୍‌ଡିପିଓ ନିମାପଡ଼ା, କାକଟପୁର ଆଇଆଇସି ଉମେଶ ସାହୁ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନୀନ୍ଦିତା, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ, ଅଶୋକ କୁମାର ଦାଶ, ମିହିର ରଞ୍ଜନ ମହାନ୍ତି, ସୌମ୍ୟକାନ୍ତ ଖୁଣ୍ଟିଆ, କୋଣାର୍କ, ନିମାପଡ଼ା ବାର ଆସୋସିଏସନର ସଭ୍ୟମାନେ, ସମାଜସେବୀ ରମେଶ ଚନ୍ଦ୍ର ପାତ୍ର, ତ୍ରିଲୋଚନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବର୍ଗର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ● ନାବାଳିକାକୁ ପୋଡ଼ିଦେବା ଘଟଣା

## ମୋବାଇଲ, ସିସିଟିଭି ଅଣ୍ଡାଳୁଛି କ୍ରାଇମ୍‌ବ୍ରାଞ୍ଚ

ବଳଙ୍ଗା, ୨୨।୭(ସମିସ): ବଳଙ୍ଗାରେ ନାବାଳିକାକୁ ପୋଡ଼ିଦେବା ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରକୃତ ଆସାମୀ ଧରାନପଡ଼ିବାରୁ ଲୋକଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଆଜି କ୍ରାଇମବ୍ରଞ୍ଚ୍ ଟିମ୍ ୨୦ରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ ଟିମ୍ ସେଠାରେ ପହଞ୍ଚି ଦୁଇଟି ଜାଗାରେ ଲାଗିଥିବା ସିସିଟିଭି ହାର୍ଡଡିକ୍ସ ଆଣି ଦେଖିବା ସହ ଥାନାରେ ତଦନ୍ତ ଦିଗ ବୁଝିଥିଲେ। ପରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କ ଘରକୁ ବାରମ୍ବାର ଯାଇ ପଚରାଉଚରା କରିଛନ୍ତି। ଏପଟେ ରାତିତମାମ ବଳଙ୍ଗା ଅଞ୍ଚଳରେ ପୁଲିସ୍ ତରଫରୁ କରାଯାଇଥିବା ସ୍ପେଶାଲ ଟିମ୍ ଛାନ୍‌ଭିନ କରୁଛି। ଆଜି ସକାଳୁ ଏକକାଳୀନ ୪ଟି ଟିମ୍ ପୃଥକ୍‌ପୃଥକ୍ ଭାବେ ପୀଡ଼ିତାଙ୍କ ଘର ସମେତ ପୀଡ଼ିତାଙ୍କ ଦୁଇବନ୍ଧୁଙ୍କ ଘରକୁ ଯାଇ ପୁଣିଥରେ ଛାନଭିନ କରିଛି। ଗ୍ରାମବାସୀଙ୍କୁ ମଧ୍ୟ ପଚାରଉଚରା କରିଛି। ବର୍ତ୍ତମାନ ସୁଦ୍ଧା ୩୦ଜଣରୁ ଅଧିକ ବ୍ୟକ୍ତି ଥାନାଙ୍କୁ ଆଣି ପଚରାଉଚରା କରିସାରିଲାଣି। ଏହାସହ ଗାଁର ଅନେକ ବ୍ୟକ୍ତିଙ୍କ ସମେତ ପୀଡ଼ିତା ବିଭିନ୍ନ ପଡ଼ୋଶୀ ବନ୍ଧୁବାନ୍ଧବ ଡାକି ଅଧିକ କରୁଛି ପଚରଉଚରା କରୁଛି।


## ରମାଦେବୀଙ୍କ ୪୦ତମ ଶ୍ରାଦ୍ଧ ଦିବସ ପାଳିତ

ଚାରିଛକ,୨୨।୭ (ସମିସ): ପୁରୀ ଜିଲ୍ଲା ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ମାଆ ରମାଦେବୀଙ୍କ ୪୦ତମ ଶ୍ରାଦ୍ଧ ଦିବସ ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ, ପାଳିତ ହୋଇଯାଇଛି। ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଙ୍ଗଠନ ସମ୍ପାଦକ ତଥା ଶିଶୁ ସାହିତ୍ୟକ ପ୍ରଫେସର ଡ. ସୁନାମଣି ରାଉତ, ମୁଖ୍ୟବକ୍ତା ଅଧ୍ୟାପିକା ଡ. ଜ୍ୟୋତିର୍ମୟୀ ମହାନ୍ତି, ବୈଜୟନ୍ତି ମିଶ୍ର ମୀରା ବେଉରା , ବସନ୍ତ କୁମାରୀ ନନ୍ଦ, ବିଶ୍ୱାମିତ୍ରା ମିଶ୍ର, କବି ବଂଶୀଧର ମହାପାତ୍ର, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ବିଜୟ କୁମାର ବେହେରା ଯୋଗଦେଇ ଥିଲେ। ଏହି ପବିତ୍ର ଦିବସ ଅବସରରେ କଲେଜ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ବିଶ୍ୱାଳ, ଅଶୋକ ପ୍ରଧାନ, କାନନବାଳା ନନ୍ଦ, ପୁଷ୍ପଲତା ଦତ୍ତ, ପୂର୍ଣ୍ଣିମା ମହାନ୍ତି, ସୁଲୋଚନା ସାହୁ, ଶର୍ମିଷ୍ଠା ରାଣୀ ମହାନ୍ତି, ଇତିଶ୍ରୀ ସାହୁ, ଗୀତାଞ୍ଜଳି ବିଶ୍ୱାଳ, ସୁବାସ ଚନ୍ଦ୍ର ଜେନା ଓ ଦିବାକର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ମକରା ନଦୀରେ କୁମ୍ଭୀର ଆତଙ୍କ

କଣାସ,୨୨।୭(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ଦୟାନଦୀର ଶାଖା ନଦୀ ମକରା ନଦୀର ଅଡାଳ ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଏକ କୁମ୍ଭୀର ଭାସୁଥିବା ଦେଖାଇବାକୁ ମିଳିଥିଲା। ୪ ଜଣ ଯୁବକ ଦେଖି ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିବା ସହିତ ବନ ବିଭାଗ ଏବଂ ଗଡ଼ିଶାଗୋଡା ପୁଲିସକୁ ଜଣାଇ ଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଦୁଇ କିମି ଯାଏଁ ଖୋଜିଥିଲେ ମଧ୍ୟ କୁମ୍ଭୀରର କୌଣସି ସନ୍ଧାନ ପାଇ ନ ଥିଲେ। ଦୁଇପାଶ୍ୱର୍ ନଦୀବନ୍ଧ ଓ ଅଡାଳ ସେତୁ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶହ ଶହ ଜନସାଧାରଣ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ କୁମ୍ଭୀରକୁ ଦେଖିନଥିଲେ।

## ନଦୀ କୂଳରୁ ମିଳିଲା ବୌଦ୍ଧ ମୂର୍ତ୍ତି, ପୂଜାର୍ଚ୍ଚନାରେ ପ୍ରକମ୍ପିତ ଅଞ୍ଚଳ



ଅସ୍ତରଙ୍ଗ,୨୨।୭(ସମିସ): ବାଉରିଆକଣ ଦେବୀ ନଦୀ ନିକଟରେ ଏକ ବୌଦ୍ଧ ମୂର୍ତ୍ତି ଠାବ କରାଯାଇଛି। ଜଣେ ଯୁବକ ଲୁଗା ପିନ୍ଧା ଯାଇଥିବା ଏକ ପ୍ରସ୍ତର ନିର୍ମିତ ବୌଦ୍ଧ ମୂର୍ତ୍ତିକୁ ଗ୍ରାମବାସୀଙ୍କୁ ଖବର ଦେବାପରେ ବରଗଛ ମୂଳରେ ରଖି ଗ୍ରାମବାସୀ ପୂଜାର୍ଚ୍ଚନା କରିଛନ୍ତି। ସୂଚନା ମୁତାବକ ଏହି ଗ୍ରାମର ଜଣେ ଯୁବକ ଚାଷ କାମ ପାଇଁ ଟ୍ରାକ୍ଟର ନେଇ ନଦୀ ବନ୍ଧ ଅତିକ୍ରମ କରୁଥିବା ବେଳେ ସ୍ୱର ଉପରେ ଉକ୍ତ ମୂର୍ତ୍ତି ଉପରେ ନଜର ପଡ଼ିଥିଲା। ସଙ୍ଗେସଙ୍ଗେ ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ସୂଚନାଯୋଗ୍ୟ କେହି ଦୁର୍ବୃତ୍ତ କେଉଁ ଅଞ୍ଚଳରୁ ଚୋରି କରି ଆଣୁ ନଚେତ ଆଉ କେଉଁ ଘଟଣାରେ ମୂର୍ତ୍ତି ଏଠିକି ଆସିଛି ତାହା ସନ୍ଦେହଜନକ। ଗ୍ରାମରେ ଏବେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେଲାଙ୍ଗ,୨୨।୭(ସମିସ):

ଡେଲାଙ୍ଗ ଓ କଣାସ ରୋଡରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଓଳିଆଖାତ ନିକଟରୁ ଖୋର୍ଦ୍ଧାରୁ ପୁରୀ ଡାଉନ ଲାଇନ ରେଳ ଧାରଣା ମଝିରେ ପଡିଥିବା ଜଣେ ଯୁବକଙ୍କ ମୃତଦେହ ପୁରୀ ଜିଆରପି ପୁଲିସ ଉଦ୍ଧାର କରିଛି। ଯୁବକ ଜଣକ ବାଦାମୀ ଲାଲ ରଙ୍ଗର ଚେକ୍‌ସାର୍ଟ ପିନ୍ଧିଥିବା ବେଳେ ନୀଳ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ବୟସ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିନାହିଁ। ଖବରପାଇ ଡେଲାଙ୍ଗ ଷ୍ଟେସନ ମାଷ୍ଟର ଲକ୍ଷ୍ମୀପ୍ରିୟା ମହାପାତ୍ର ସାକ୍ଷୀଗୋପାଳ ଷ୍ଟେସନ ଅଧୀକ୍ଷକ ହରପ୍ରସାଦ ମିଶ୍ରଙ୍କୁ ଖବର ଦେଇଥିଲେ। ପରେ ଶ୍ରୀ ମିଶ୍ର ପୁରୀ ଓ ସାକ୍ଷୀଗୋପାଳ ଜିଆରପି ଥାନାକୁ ଖବଦେଇଥିଲେ। ପରେ ସାକ୍ଷୀଗୋପାଳ ଜିଆରପି ଥାନା ଏସଆଇ ଇନ୍ଦୁମତି ଶୁକ୍ଳ, ପୁରୀ ରେଳ ବିଭାଗ ପୁଲିସ ଏଏସ୍‌ଆଇ ବିକ୍ରମ ଚରଣ ସେଠୀ, କନଷ୍ଟେବଳ କଳାକାର ପୃଷ୍ଟି ପ୍ରମୁଖ ପହଞ୍ଚି ଶବ ଜବତ କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବେଗୁନିଆ,୨୨।୭(ସମିସ): ଖୋର୍ଦ୍ଧା ଟାଉନ ଥାନା ଅଧୀନ କରଡ଼ ଗାଡ଼ିଆ ଠାରେ ଗୁରୁଜଙ୍ଗ ଗ୍ରାମ ଦେୱାନ ସାହିର ଫକୀର ବାରିକଙ୍କ ପୁଅ ବବୁଲ ଓରଫ ପ୍ରଫୁଲ୍ଲ(୩୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏଥିରେ ରେଲୱେ ବିଭାଗର ଖୋର୍ଦ୍ଧା ରୋଡ ଜିଆରପି ଅଧିକାରୀ ଆରଶଙ୍କର ରାଓ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଚଢ଼ିଗଲା ସ୍କୁଲ ଭ୍ୟାନ୍; କଟିଗଲା ହାତ

ନୟାହାଟ,୨୨।୭(ସମିସ): ସୁଆଁଣପୁର ଛକଠାରେ ଏକ ଘରୋଇ ସ୍କୁଲ ଭ୍ୟାନ ରାଜା ସରକାର (୪୮) ନାମଙ୍କ ଏକ ବ୍ୟକ୍ତିଙ୍କ ଉପରେ ଚଢ଼ିଯିବାରୁ ତାଙ୍କ ହାତ କଟିଯାଇଛି। ଉକ୍ତଗାଡ଼ିଟି ସ୍କୁଲ ପିଲାଙ୍କୁ ନେଇ କୋଣାର୍କ ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରୀ ସରକାର ଏକ ବାଇକ୍ ରେ ସୁଆଁଣପୁର ଛକକୁ ଯାଉଥିବା ବେଳେ ଗାଡ଼ି ସହିତ ଧକ୍କା ହେବାରୁ ସେ ତଳେ ପଡ଼ି ଯାଇଥିଲେ। ଫଳରେ ଭ୍ୟାନ୍‌ଟି ତାଙ୍କ ଡାହାଣ ହାତ ଉପରେ ଚଢ଼ି ଯିବାରୁ ହାତର ପାପୁଲି ନଷ୍ଟ ହେଇଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ଓ ପରେ ଭୁବନେଶ୍ୱର ମେଡିକାଲ ପଠେଇ ଦିଆଯାଇଛି।

## ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଜଟଣୀ,୨୨।୭(ସମିସ): ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ଖୋର୍ଦ୍ଧା ଟାଉନ୍ ରେଳ ଷ୍ଟେସନ୍‌ର ବାଘମାରି ନିକଟ ରେଳ ଧାରଣାରୁ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରି ଜିଆରପି ପୁଲିସ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ବୟସ ୫୦ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି। ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି ପୁଲିସ।

## ମାସିକ ଶୈକ୍ଷିକ ଆଲୋଚନାଚକ୍ର



ଡେଲାଙ୍ଗ,୨୨।୭(ସମିସ): ଡେଲାଙ୍ଗ ବ୍ଲକ ଅଧୀନ ଶ୍ରୀପୁରୁଷୋତ୍ତମ ପଂଚାୟତର ବୀରମକୁନ୍ଦପୁରସ୍ଥିତ ବିଶେଶ୍ୱର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଶୈକ୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଧାନକେରା ଓ ବଡ଼ ଆଙ୍କୁଲା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ପ୍ରଧାନ ଓ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀକାରୀ ଲୋକନାଥ ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ବ୍ଲକ୍ ସହ ଶିକ୍ଷା ଅଧୀକାରିଣୀ ସୁଷମା ଦାଶ ଯୋଗଦେଇ ଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ଶିଶୁ ବାଟିକାମାନଙ୍କୁ ଶିକ୍ଷା ଦେବାର ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ, ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁ, ପ୍ରଦୀପ କୁମାର ସେଠୀ, ଅଭୟ ରଥ, ଦିଲୀପ ପ୍ରଧାନ, ଭଗବାନ ନାୟକ, ନୃସିଂହନାଥ ପାଇକ ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁକ୍ତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶ୍ରାବଣରେ ବର୍ଷାର ଅଭାବ; ଚିନ୍ତାରେ ଚାଷୀ

ଅସ୍ତରଙ୍ଗ,୨୨।୭(ସମିସ): ଅସ୍ତରଙ୍ଗ ବ୍ଲକ୍‌ରେ ବର୍ଷାର ଅଭାବ ଯୋଗୁଁ ଚାଷ କାମ କରିପାରୁନାହାଁନ୍ତି ଚାଷୀ। ଶ୍ରାବଣ ମାସରେ ସୃଷ୍ଟି କରୁଛି ଖରାଦିନର ଭ୍ରମ। ପଡ଼ିଆ ପଡ଼ିଛି ହେକ୍ଟର ହେକ୍ଟର ଚାଷଜମି। ଅସ୍ତରଙ୍ଗ ବ୍ଲକର ୧୫ପଞ୍ଚାୟତର ଚାଷୀ ଚାତକପରି ଚାହିଁ ବସିଛନ୍ତି କେବେ ବର୍ଷା ହେବ। ଅନ୍ୟପଟେ ବୋତଲରେ ପେଟ୍ରୋଲ ଦେବା ବନ୍ଦ ହେବାରୁ ପମ୍ପ ଯୋଗେ ପାଣି ଉଠାଇ ଚାଷ କରିବା ସମ୍ଭବ ହେଉନି। ଏଣୁ ଯେପର୍ଯ୍ୟନ୍ତ ବର୍ଷା ନ ହୋଇଛି ଜଳସେଚନ ବିଭାଗ କେନାଲରେ ପାଣି ଯୋଗାଇ ଦେଲେ ଚାଷୀମାନେ ଧାନତଳି ପକାଇ ଚାଷ କାମ ଆରମ୍ଭ କରିପାରନ୍ତେ ବୋଲି ନିବେଦନ କରିଛନ୍ତି।

## ସରକାରୀ ଜମିରେ ଜବରଦଖଲକୁ ନେଇ ଉତ୍ତେଜନା

କଣାସ,୨୨।୭(ସମିସ): କଣାସ ବ୍ଲକ୍ ଜଳିଆପଡ଼ା ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଦୁଇଗୋଷ୍ଠୀ ହୋଇ ଦୀର୍ଘ ଏକମାସ ହେଲା କଣାସ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ନିକଟରେ ମାପଚୁପ କରି ସରକାରୀ ଜମି ବାହାର କରିବାପାଇଁ ଦୁଇଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ତହସିଲଦାର ଶ୍ରୀ ଗିରି ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରି ଆସିଥିଲେ ମଧ୍ୟ ମାପଚୁପ ନ କରିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇପକ୍ଷ କଣାସ ତହସିଲଦାର, ଉପ ଜିଲ୍ଲପାଳ, ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାର୍ ପୋଡ଼ିଦେଲେ ଦୁର୍ବୃତ୍ତ

କଣାସ,୨୨।୭(ସମିସ): କଣାସ ପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ସୋମବାର ମଧ୍ୟରାତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦନାର୍ଦ୍ଦନ ମହାରଣାଙ୍କ କାର୍‌କୁ କେହି ଦୁର୍ବୃତ୍ତ ପୋଡ଼ିଦେଇଛି। ଏନେଇ ଶ୍ରୀ ମହାରଣା କଣାସ ଥାନାରେ ଅଭିଯୋଗ କରିଛନ୍ତି। କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ ଆସି ଘଟଣାସ୍ଥଳରେ ପରୀକ୍ଷା ନିରୀକ୍ଷା କରି ଫେରିଯାଇଛନ୍ତି।




## ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୨୨।୭(ସମିସ): ବେଗୁନିଆ ବ୍ଲକ ଅଧୀନ କଣ୍ଠାବାଡ଼ଗ୍ରାମ ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଷାଠିଏତମ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଉପେନ୍ଦ୍ର ଦାଶଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ସଦସ୍ୟ ଡ଼ ଅମରେନ୍ଦ୍ର ମହାପାତ୍ର, ଡ ସର୍ବ ନାରାୟଣ ମିଶ୍ର, ଶିଶିର କୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ଗଗନ ବିହାରୀ ବେହେରା, ବଂଶୀଧର ପାଣିଗ୍ରାହୀ, ମନୋରଞ୍ଜନ ପଣ୍ଡା, ସଦସ୍ୟ ହରିହର ସାହୁ, ଶ୍ରୀକାନ୍ତ କୁମାର ବାହିନୀପତି, ଦିଲୀପ କୁମାର ପାଣିଗ୍ରାହୀ ଓ ଡ.ବିଦ୍ୟାଧର ମହାରଣାଙ୍କ ସମେତ ପୁରାତନ ଛାତ୍ର ଯୋଗ ଦେଇ ହୀରକ ଜୟନ୍ତୀକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଅଗଷ୍ଟ ୧୭ ରିଖ ରବିବାର ହେବ ବୋଲି ଦିନ ସ୍ଥିରୀକୃତ ହୋଇଥିବା ବେଳେ ହୀରକ ଜୟନ୍ତୀ ଉତ୍ସବଟି ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ମସିହା ଜାନୁଆରୀ ମାସ ପ୍ରଥମ ସପ୍ତାହରେ କରାଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହୋଇଥିଲା।

### ହୃଦ୍‌ଘାତରେ ସାମ୍ବାଦିକଙ୍କ ପରଲୋକ

# କୋଣାର୍କରେ ଶୋକ; ଗୋଟିଏ ଦିନ ବଜାର ବନ୍ଦ



କୋଣାର୍କ,୨୨।୭(ସମିସ):

କୋଣାର୍କ ଅଞ୍ଚଳର ସାମ୍ବାଦିକ ଅଜିତ କୁମାର ମଲ୍ଲିକ(୫୩)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସୋମବାର ସନ୍ଧ୍ୟାରେ ଥାନା ଛକ କୋଣାର୍କ ପ୍ରିଣ୍ଟିଙ୍ଗ ପ୍ରେସରେ ବସିଥିବା ଅବସ୍ଥାରେ ହୃଦ୍‌ଘାତରେ ଜୀବନ ଚାଲିଯାଇଛ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଖବରପାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଭଗବତୀ ବିହାର ବାସଭବନରରୁ ଶୋଭାଯାତ୍ରାରେ ନିଆଯାଇ କୋଣାର୍କ ବଜାର ପରିକ୍ରମା କରାଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭଣଜା ଚିରଞ୍ଜିବୀ ମୁଖାଗ୍ନି ଦେଇଥିଲେ। ସାମ୍ବାଦିକ ଅଜିତଙ୍କ ବିୟୋଗରେ ବରିଷ୍ଠ ରାଜନେତା ତଥା ସମାଜସେବୀ ସତ୍ୟବ୍ରତ ପାତ୍ର, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ସମାଜସେବୀ ରାଜୁ ମହାପାତ୍ର, ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ଅଧ୍ୟକ୍ଷା ବିଦ୍ୟୁଲତା ଶତପଥୀ, ସମାଜସେବୀ ଗୁରୁପଦ ବଳିୟାର ସିଂହ, ସାମ୍ବାଦିକ ପଦ୍ମଲୋଚନ ମହାପାତ୍ର ଓ ସମାଜସେବୀ ହରିଶ୍ଚନ୍ଦ୍ର ଦାଶଙ୍କ ସମେତ କୋଣାର୍କ ପ୍ରେସକ୍ଲବ୍, କୋଣାର୍କ ସାମ୍ବାଦିକ ସଂଘ ତଥା ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି। ଅଜିତଙ୍କ ଅକାଳ ବିୟୋଗରେ ମଙ୍ଗଳବାର କୋଣାର୍କ ଥାନାଛକର ସମସ୍ତ ଦୋକାନ ବନ୍ଦ ରହିଥିଲା। ଏବେ ଅଜିତଙ୍କର ପତ୍ନୀ, ଛୋଟ ପୁଅ ଓ ଝିଅ ଏବଂ ତାଙ୍କ ସାନଭାଇଙ୍କ ବିଧବା ପତ୍ନୀ ଓ ଦୁଇଟି ଛୋଟ ଝିଅ ଏବେ ଅସହାୟ ହୋଇପଡିଛନ୍ତି। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଜିତଙ୍କ ପରିବାରକୁ ତତ୍‌କ୍ଷଣାତ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରକାଶ କରିଛନ୍ତି।






**ନିମାପଡ଼ା ପ୍ରେସ୍‌କ୍ଲବ୍:** ଯୁବ ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ବିୟୋଗରେ ଆଜି ନିମାପଡା ପ୍ରେସ୍‌କ୍ଲବ ତରଫରୁ ସ୍ଥାନୀୟ ଡାକବଙ୍ଗଳା ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ କ୍ଲବର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ମହାନ୍ତି, ବିଚିତ୍ରାନନ୍ଦ ସାହୁ, ଶରତ କୁମାର ସେନାପତି, ମାନସ ରଞ୍ଜନ ଦାସ, ଶକ୍ତିପ୍ରସାଦ ରଥ, ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସହ-ସମ୍ପାଦକ ଅଶୋକ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

**ଚାରିଛକ ପ୍ରେସ୍‌କ୍ଲବ୍ :** କୋଣାର୍କର ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଆଜି ଚାରିଛକ ପ୍ରେସ୍ କ୍ଲବ ତରଫରୁ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପ୍ରଫୁଲ୍ଲ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ କ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, କାହ୍ନୁ ଚରଣ ବେହେରା, ଅଧୀନ ପାତ୍ର, ବନବିହାରୀ ଦାଶ, ପଣ୍ଡିତ ମୂରଲୀଧର ଭାରତୀ, ଅର୍ଜୁନ ପାତ୍ର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସମ୍ପାଦକ ଡ. କେଦାରନାଥ ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ପ୍ରଫୁଲ୍ଲ ସାହୁ, ବସନ୍ତ ମଲ୍ଲ, ବିଜୟ ବେହେରା, ପ୍ରଶାନ୍ତ ସାହୁ, ସୁବାସ ଚନ୍ଦ୍ର ସାହୁ, ରାଜେଶ ଲେଙ୍କା,ବିନୋଦ ପ୍ରଧାନ, ରଣଜିତ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ, ୨ ଗିରଫ

ଗମ୍ଭାରୀପଦା,୨୨।୭(ସମିସ): ନିମାପଡ଼ା ଅବକାରୀ ଇନ୍‌ସପେକ୍ଟର ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କାକଟପୁର ମେଡିକାଲ ଛକଠାରେ ଚଢ଼ଉ କରି ଚୋରା ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ବିପିନ କାଣ୍ଡିଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୭. ୮ ଲିଟର ମଦ ଜବତ କରିବା ସହିତ ଅବକାରୀ ଆଇନରେ ଏକ ମାମଲା ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରିଛି। ସେହିପରି ନିମାପଡ଼ା ଅବକାରୀ ବିଭାଗ ଏଏସଆଇ ସନ୍ତୋଷ କୁମାର ମହାରଣଙ୍କ ନେତୃତ୍ୱରେ ଅସ୍ତରଙ୍ଗ ଥାନା ଅଧୀନସ୍ଥ ବାଲିଡିଆ ଗ୍ରାମରେ ଚଢ଼ଉ କରି ସେହି ଗ୍ରାମର ଟୁକୁନା ବେହେରାଙ୍କ ଠାରୁ ୭.୬ ଲିଟର ଆସ୍କାଫର୍ଟ ଜବତ କରି ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଗମ୍ଭାରୀପଦା,୨୨।୭(ସମିସ): ତାଳଦା କୁଳସାହି ଡାହାଣିଖିଆ ପାଖ ଦେବୀ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ଥିଲେ। ଆଜି ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଜଗତସିଂହପୁର ନାଉଗାଁ ଅଞ୍ଚଳର ଜଣେ ବିଟେକ୍ ଛାତ୍ର ଅନେକ ସମୟରେ ତାଳଦା ବିଜୁ ସେତୁକୁ ଆସି ରିଲ୍ସ ବନାନ୍ତି। ହେଲେ ସେ ଆଜି ନଦୀକୁ ଡେଇଁପଡ଼ିଥିଲେ। ଖବରପାଇ ଅସ୍ତରଙ୍ଗ ଓ ଗାରୋହୀ ଅଞ୍ଚଳର ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଦ୍ୱାରା ବିଳମ୍ବିତ ରାତିରେ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

୨୨/୭/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୬,୯୩୬/- ସୁନା: ୧୯.୨୦୦ ଗ୍ରାମ୍ ରୁପା: ୩୮.୭୦୦ ଗ୍ରାମ୍







ବଳିଆପଣ୍ଡା ଅଞ୍ଚଳରେ ବିରଳ ପ୍ରଜାତିର ଚଢ଼େଇ

## ଆକ୍ରମଣକାରୀଙ୍କୁ ୩ ବର୍ଷ ଜେଲ୍

**ପୁରୀ,୨୨।୭ (ସମିସ):** ପୁରୀର ଏକ ଖବର ପ୍ରସାରଣ ସଂସ୍ଥା କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ୍ ମିଶ୍ରଙ୍କୁ ଆକ୍ରମଣ ଘଟଣାରେ ସୋମବାର ରାୟ ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ମିଶ୍ର ଦୁଇ ଯୁବକଙ୍କୁ ୬ ବର୍ଷ କାରାଦଣ୍ଡ ସହ ୫୦ ହଜାର ଜରିମାନା କରିଛନ୍ତି। ୨୦୦୯ ମେ' ୧୧ ତାରିଖରେ ଏହି ଘଟଣା ଘଟିଥିଲା। ଶିବୁନା ଦାସ ଓ ତାଙ୍କ ପୁଅ ବିଜୟ କୁମାର ବେହେରା ତାଙ୍କୁ ଆକ୍ରମଣ କରିଥିବା ସାମ୍ବାଦିକ ଶ୍ରୀ ମିଶ୍ର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩୨୪ ଦଫାରେ ୩ ବର୍ଷ କାରାଦଣ୍ଡ ସହ ୨୫ ହଜାର ଜରିମାନା, ୪୫୨ ଦଫାରେ ୩ ବର୍ଷ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ହୋଇଛି। ଦୋଷୀମାନେ ୩ ବର୍ଷ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

• ଛାତ୍ରୀଙ୍କୁ ପଢ଼ିଆରେ ପିଟୁଛନ୍ତି ଅଧ୍ୟାପକ

## ନୟାହାଟ କଲେଜର ଭିଡିଓ ଭାଇରାଲ

**ପୁରୀ,୨୨।୭ (ସମିସ):** ମହିଳା ଏବଂ ଛାତ୍ରୀଙ୍କ ଉପରେ ହେଉଥିବା ନିର୍ଯାତନାର ନିଆଁ ସମଗ୍ର ରାଜ୍ୟକୁ ହୁଲସ୍ଥୁଲ କରୁଛି। ସ୍କୁଲ, କଲେଜରେ ଛାତ୍ରୀମାନେ ଅସୁରକ୍ଷିତ। ଗୋଟିଏ ପରେ ଗୋଟିଏ ଘଟଣା ଏବେ ପଦାକୁ ଆସିବାରେ ଲାଗିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେଲେ। ତାଙ୍କୁ ନିର୍ଯାତନା ଦେଇଥିଲେ ସେହି କଲେଜର ଜଣେ ଅଧ୍ୟାପକ। ଏହି ଘଟଣାକୁ ନେଇ ବାଦ ବିବାଦ ଥମି ନ ଥିବାବେଳେ ନୟାହାଟ କଲେଜର ଜଣେ ଅଧ୍ୟାପକଙ୍କ ଭିଡିଓ ଏବେ ଭାଇରାଲ୍ ହେଉଛି। ସମ୍ପୃକ୍ତ ଅଧ୍ୟାପକ କ୍ୟାମ୍ପସ ପଢ଼ିଆରେ ଛାତ୍ରୀଙ୍କୁ ଗୋଡ଼ାଇ ପିଟୁଛନ୍ତି। ରାଜ୍ୟ ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ ପିଲାମାନଙ୍କ ପ୍ରତି ଏଭଳି ଆଚରଣ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରୀଙ୍କ ପକ୍ଷରୁ କେଉଁଠି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଭୋଳାନାଥ ପାତ୍ର କହିଛନ୍ତି, ଏହା ୨/୩ ବର୍ଷ ତଳର ଭିଡିଓ। କଲେଜରେ ଏକ କାର୍ଯ୍ୟକ୍ରମ ଚାଲିଥିଲା। ସମ୍ପୃକ୍ତ ଅଧ୍ୟାପକ ପିଲାଙ୍କୁ ତାଗିଦ କରି ମଞ୍ଚକୁ ନେଉଥିଲେ। ବାଡଉ ନ ଥିଲେ ବୋଲି କହିଛନ୍ତି ଅଧ୍ୟକ୍ଷ ଶ୍ରୀ ପାତ୍ର।

## ସାମ୍ବାଦିକଙ୍କ ବିୟୋଗରେ ଶୋକ

**ପୁରୀ,୨୨।୭ (ସମିସ):** କୋଣାର୍କର ବରିଷ୍ଠ ସାମ୍ବାଦିକ ତଥା ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନ ସଦସ୍ୟ ଅଜିତ କୁମାର ମଲ୍ଲିକଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡାର ଲାଲା ଅନନ୍ତ କୁମାର ସିଂହଙ୍କ ପରିଚାଳନା ଗାନ୍ଧୀ ପାର୍କ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ମଲ୍ଲିକ କେବଳ ଜଣେ ସାମ୍ବାଦିକ ଭାବେ ନୁହେଁ ବରଂ ସମାଜସେବା କାର୍ଯ୍ୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହି ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ଗଭୀର ଶୋକ ଆଣିଦେଇଛି। ସେହିପରି ସାମ୍ବାଦିକଙ୍କ ବିୟୋଗରେ ଜିଲ୍ଲାପାଳ ଚଞ୍ଚଳ ରାଣା ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱର୍ଗତ ମଲ୍ଲିକଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଭକ୍ତଙ୍କ ମନିପର୍ସ ଲୁଟ୍, ଅଭିଯୁକ୍ତ ଗିରଫ

**ପୁରୀ,୨୨।୭ (ସମିସ):** ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଲୁଟ୍‌ର ଶିକାର ହେଉଛନ୍ତି ଭକ୍ତ। ବିଶେଷକରି ଭିଡ଼ର ସୁଯୋଗ ନେଇ ଲୁଟେରାମାନେ ମନିପର୍ସ, ଚେନ୍ ଆଦି ଝାମ୍ପି ନେଉଛନ୍ତି। ସୋମବାର ରାଉରକେଲା ଏନ୍‌ଆଇଟି କ୍ୟାମ୍ପସରେ ରହୁଥିବା ଶିବଶଙ୍କର ମହାପାତ୍ର ସପରିବାର ଶ୍ରୀମନ୍ଦିରକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସେମାନେ ବାହାରକାଠରେ ଦର୍ଶନ କରୁଥିବା ବେଳେ ଶିବଶଙ୍କରଙ୍କ ମନିପର୍ସ ଲୁଟ୍ ହୋଇଥିଲା। ଭିଡ଼ର ସୁଯୋଗ ଦେଖି ଲୁଟେରା ନେଇ ଯାଇଥିଲେ। ଶିବଶଙ୍କର ପାଟି କରିବାରୁ ପୁଲିସ ଅଭିଯୁକ୍ତ ବଲାଙ୍ଗିର ମଳପଡ଼ାର ବସନ୍ତ ଗୌଡ଼ (୫୦)ଙ୍କୁ କାବୁ କରିଥିଲା ପୁଲିସ। ତାଙ୍କଠାରୁ ଚୋରି ମନିପର୍ସ ଜବତ କରାଯାଇଥିଲା। ସେଥିରେ ୭,୬୦୦ ଟଙ୍କା ସହିତ ଅନ୍ୟାନ୍ୟ କାଗଜପତ୍ର ଥିଲା। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

• ଉନ୍ନୟନମୂଳକ ଯୋଜନାର ମାସିକ ସମୀକ୍ଷା

# 'ଅସମ୍ପୂର୍ଣ୍ଣ ଅଙ୍ଗନବାଡ଼ି କେନ୍ଦ୍ର ଶୀଘ୍ର ସମ୍ପୂର୍ଣ୍ଣ କର'

ପୁରୀ,୨୨।୭ (ସମିସ)

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ବୈଷୟିକ) ତଥା ଜିଲ୍ଲା ରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ସମେତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମାସିକ ସମୀକ୍ଷା ହୋଇଥିଲା। ଜିଲ୍ଲାପାଳ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟର ସମୟପୋଯୋଗୀ ସମାପ୍ତ କରିବା ନିମନ୍ତେ ଉପସ୍ଥିତ ଥିବା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ



କରିବାକୁ, ଆବଶ୍ୟକ ସ୍ଥଳେ ଅତିରିକ୍ତ ଅର୍ଥ ମଞ୍ଜୁର କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପ୍ରକଳ୍ପଗୁଡିକର କାମ ଜମି ଚିହ୍ନଟ ହୋଇପାରୁ ନ ଥିବା କାରଣରୁ ଆରମ୍ଭ ହୋଇପାରୁନାହିଁ ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବା, ସମ୍ପୃକ୍ତ ତହସିଲଦାରଙ୍କ ସହ ବୈଠକ କରି ସେ ସବୁର ଜାଗା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ତୋଦୟ ଗୃହ ଯୋଜନାରେ ଚିହ୍ନଟ ସମସ୍ତ ହିତାଧିକାରୀମାନଙ୍କୁ ଆବଶ୍ୟକୀୟ କିସ୍ତି ତଥା ପାଇଖାନା ଗୃହ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ୯୦ ଶ୍ରମ ଦିବସ ତୁରନ୍ତ ପ୍ରଦାନ କରିବାକୁ ଗୃହରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀମାନଙ୍କୁ ତାଗିଦ କରିଥିଲେ।

ଦୁର୍ବୃତ୍ତ ଏବେ ଉପରମୁହାଁ

## ତିନି ଭଉଣୀଙ୍କୁ ଅସଦାଚରଣ, ୨ ଗିରଫ

ପୁରୀ,୨୨।୭ (ସମିସ)

ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ହୁଗୁଳା ଶାସନ ବ୍ୟବସ୍ଥା ଦେଖି ଦୁର୍ବୃତ୍ତମାନେ ଏବେ ଉପରମୁହାଁ ହୋଇପଡ଼ିଛନ୍ତି। ଫଳସ୍ୱରୂପ ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଭଳି ଅପରାଧ ମାତ୍ରା ବୃଦ୍ଧି ପାଇଛି। ଗଞ୍ଜାମ ହେଉ କି ବାଲେଶ୍ୱର, ପୁରୀ ହେଉ କି ମାଲକାନଗିରି ଓଡ଼ିଶାର ଉପାନ୍ତରୁ ଉପକୂଳରୁ ଏଭଳି ଚିତ୍ର ସାମ୍ନାକୁ ଆସୁଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଏବଂ ବଳଙ୍ଗାରେ ନାବାଳିକାଙ୍କୁ ଜୀଅନ୍ତା ଜାଳିଦେବା ପାଇଁ ଦୁର୍ବୃତ୍ତଙ୍କ ଉଦ୍ୟମକୁ ନେଇ ହଟଚମଟ ଚାଲିଥିବା ବେଳେ ପୁରୀରେ ବି ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ସୋମବାର ସନ୍ଧ୍ୟାରେ ୩ ଭଉଣୀଙ୍କୁ ଅସଦାଚରଣ କରିବା ସହ ଲୁଟ୍‌ପାଟ କରିଛନ୍ତି ୫ ଦୁର୍ବୃତ୍ତ। ସେମାନଙ୍କ ମଧ୍ୟରେ ୨ ଜଣ ଧରାପଡିଥିବା ବେଳେ ପୁଲିସ ଅନ୍ୟମାନଙ୍କୁ ଧରିବା ଲାଗି ଚଢାଉ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ସୋମବାର ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ୩ ଭଉଣୀ ସାଇକେଲରେ ସଦର ଥାନା ଅଧୀନ କଣ୍ଟପୁର ଗାଁକୁ ଫେରୁଥିଲେ। ମଙ୍ଗଳାଘାଟ-କଣ୍ଟପୁର ରାସ୍ତାରେ ଯାଉଥିବାବେଳେ ସମୟରେ ୨ଟି ବାଇକ୍‌ରେ ୫/୬ ଜଣ ଯୁବକ ତିନି ଭଉଣୀଙ୍କୁ ଘେରିଯାଇଥିଲେ। ସେମାନେ ପିନ୍ଧିଥିବା ସୁନା ଚେନ ଛଡ଼ାଇ ନେବା ସହ ମନିପର୍ସ ନେଇ ଯାଇଥିଲେ। ଏଥିସହ ସେମାନଙ୍କ ଓଢ଼ଣୀ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପରିବାର ଲୋକଙ୍କୁ ଫୋନ କରିବା ପରେ ସମ୍ପର୍କୀୟମାନେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରୁ ୨ ଜଣ ପୁଣି ଏକ ସ୍କୁଟିରେ ସେହି ରାସ୍ତା ଦେଇ ଯାଉଥିବାବେଳେ ଯୁବତୀ ଚିହ୍ନଟ କରିଥିଲେ। ଦୁର୍ବୃତ୍ତ ଦ୍ୱୟ ଦ୍ରୁତଗତିରେ ଯାଉଥିବାବେଳେ ଏକ ସାଇକେଲ ସହିତ ଧକ୍କା ହୋଇ ପଡିଯାଇଥିଲେ। ଉଭୟଙ୍କୁ ଲୋକେ ଧରି ପୁରୀ ସଦର ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ। ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ବ୍ରହ୍ମଗିରି ମାନସ ମଲ୍ଲିକ ଓ ବିଜିପୁରର ମନୋଜ ଦାସ। ତେବେ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅସଦାଚରଣ ଅଭିଯୋଗ ଆଣିଥିବା ଯୁବତୀଙ୍କ ବାପା କହିଛନ୍ତି, 'ସୋମବାର ସନ୍ଧ୍ୟା ବେଳେ ଏହି ଘଟଣା ଘଟିଛି। ଏହି ଘଟଣା ପରେ ଆମେ ଭୟଭୀତ ହୋଇପଡିଛୁ। ରାସ୍ତା ଅନ୍ଧାର ରହୁଥିବାରୁ ଅସାମାଜିକ ଲୋକମାନେ ରାସ୍ତାରେ ବସି ନିଶା ସେବନ କରୁଛନ୍ତି। ନିଶା ସେବନ କରି ଲୁଟ୍‌ପାଟ କରିବା ସହ ମହିଳାଙ୍କୁ ଅସଦାଚରଣ କରୁଛନ୍ତି। ନିକଟରେ ସମଙ୍ଗ ବସ୍ ପାର୍କିଂ ରହିଛି। ହେଲେ ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ। ଏହାର ଫାଇଦା ଉଠାଇ ନିଶାଖୋରମାନେ ବିଭିନ୍ନ ଅପରାଧ ଘଟାଉଛନ୍ତି।

## ୨୫ରୁ ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ ଟେନିସ୍ ପ୍ରତିଯୋଗିତା

**ପୁରୀ,୨୨।୭ (ସମିସ):** ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ୍ ଟେନିସ ପ୍ରତିଯୋଗିତା ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଖୋ ଖୋ ହଲ୍ ପରିସରରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ସୁନ୍ଦରଗଡ଼, ଏଜି ଓଡ଼ିଶା, ରେଳବାଇ ଆଦି ଟିମ୍‌କୁ ମିଶାଇ ମୋଟ ୧୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଖ୍ୟାତନାମା ଟେବୁଲ୍ ଟେନିସ ଖେଳାଳି ଡି. ଦେବଦତ୍ତ ସୁବୁଦ୍ଧି, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ନେହା କୁମାରୀ, ତୁଷାର ଚୌହାନ, ସମ୍ରାଟ ଚକ୍ରବର୍ତ୍ତୀ, ଆଲବର୍ଟ କିଣ୍ଡୋ ପ୍ରମୁଖ ତାରକା ଖେଳାଳି ଯୋଗଦେବେ। ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ ଆସୋସିଏଶନ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଖେଳାଳୀ ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ହରପ୍ରସାଦ ଦାସ ମହାପାତ୍ର, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ପି. ପରିତୋଷ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ୨୦୦୧ ମସିହାରେ ବହୁ କଷ୍ଟ କରି ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏଶନ ଗଠନ କରିଥିବା ଅନୁଷ୍ଠାନର ଉପଦେଷ୍ଟା ଡ. ଶ୍ରୀନିବାସ ଆଚାର୍ଯ୍ୟ, ପରୀକ୍ଷିତ ଚରଣ ସାହୁ, ସଭାପତି ଦାମୋଦର ପ୍ରଧାନୀ, ଉପସଭାପତି ଦୂର୍ଗା ପ୍ରସାଦ ଦାସ ମହାପାତ୍ର ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯିବ।

ଜିଲ୍ଲାରେ ଟେବୁଲ୍ ଟେନିସ ଖେଳ ପାଇଁ ଭିତ୍ତିଭୂମି ନାହିଁ। ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏଶନ ପକ୍ଷରୁ ନିଜସ୍ୱ ପ୍ରଚେଷ୍ଟାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। କଟକ, ଭୁବନେଶ୍ୱର ପରି ରାଜ୍ୟ ସରକାରଙ୍କ ସହଯୋଗରେ ଟେବୁଲ୍ ଟେନିସ ଏକାଡେମୀ ଖୋଲା ଯାଇପାରିଲେ ଅଧିକରୁ ଅଧିକ ଟେବୁଲ୍ ଟେନିସ ଖେଳାଳୀ ଉଭୟ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପାଇଁ ସୁନାମ ଆଣିପାରିବେ ବୋଲି ମଙ୍ଗଳବାର ପୁରୀ ସେବା ସମିତି ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା ଟେବୁଏଲ ଟେନିସ୍ ଆସୋସିଏଶନ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ଓ ଇପ୍‌ସିତ ପ୍ରତିହାରୀ ସୂଚନା ଦେଇଛନ୍ତି।

# 'ବେଟି ବଞ୍ଚାଅ ବେଟି ପଢ଼ାଅ' ସଚେତନତା କର୍ମଶାଳା



ପୁରୀ,୨୨।୭ (ସମିସ)

ସ୍ଥାନୀୟ ସର୍କିଟ ହାଉସ ପରିସରରେ ମହିଳା ଓ ଶିଶୁ ବିକାଶ ତରଫରୁ ବେଟି ବଞ୍ଚାଅ ବେଟି ପଢ଼ାଅ ସଚେତନତା କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ପ୍ରୋଟକଲ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ କହିଥିଲେ, ସମାଜରେ ନାରୀ ସଶକ୍ତୀକରଣ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। କନ୍ୟାଭ୍ରୂଣ ହତ୍ୟା ଆଇନ କଡ଼ାକଡ଼ି କରାଯାଇଛି। ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ଶତପଥୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭ୍ରୂଣ ହତ୍ୟା ଆଇନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ପୁରୀ ଜିଲ୍ଲାରେ ମୋଟ ୩୭୦ଜଣ ପୋଷ୍ୟ ପୁତ୍ର ଭାବେ ସରକାର ଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧୮ ଜଣ ହେଉଛନ୍ତି ବାଳିକା। ସେମାନଙ୍କର ବାଲ୍ୟ ଅବସ୍ଥାରୁ ଶିକ୍ଷା ଓ ବିବାହ ପର୍ଯ୍ୟନ୍ତ ଭରଣପୋଷଣ ସରକାର କରୁଛନ୍ତି।

ମହିଳା ଓ ଶିଶୁ ବିଭାଗ ତରଫରୁ ପ୍ରତି ବ୍ଲକସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କର ମାଗଣାରେ ପାଠପଢା ଓ ପୁଷ୍ଟିକର ଖାଦ୍ୟ ଦେବା ବ୍ୟବସ୍ଥା କରାଯାଇଛି। କୌଣସି ଗର୍ଭବତୀ ଯଦି ଶିଶୁ କନ୍ୟା ଜନ୍ମ ଦିଅନ୍ତି ତାଙ୍କୁ ସରକାର ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇଥାନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଉପଜିଲ୍ଲାପାଳ ରାଜକିଶୋର କେନା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ।

ଅସଦାଚରଣର ତାଲିକା ଲମ୍ବୁଛି

# ପିପିଲିରୁ ପୁରୀ ଭାୟା ସତ୍ୟବାଦୀ

ପୁରୀ,୨୨।୭ (ସମିସ)

ରାଜ୍ୟରେ ଶାସନ ବ୍ୟବସ୍ଥାର ଏବେ ବିଚିତ୍ର ସ୍ଥିତି। କ'ଣ ଚାଲିଛି କେହି କିଛି ଜାଣିପାରୁ ନାହାନ୍ତି। ଆଇନ କାନୁନକୁ ଦୁର୍ବୃତ୍ତଙ୍କ ଖାତିର ନାହିଁ। ଆଇନ ଶୃଙ୍ଖଳା ବ୍ୟବସ୍ଥା ରସାତଳଗାମୀ ହୋଇଛି। ଯିଏ ଯାହା ପାରିଲା ତାହା କରିବାକୁ ପଛାଉ ନାହାନ୍ତି। ଅପରାଧୀମାନେ ଖୁଲମଖୁଲା ଅପରାଧ ଭିଆଉଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ହିଂସା, ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଆଦି ବଢ଼ିଚାଲିଛି। ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରି ଦେଇଛନ୍ତି। ଏହି ଘଟଣା ଥମି ନ ଥିବାବେଳେ ପୁଣି ପୁରୀ ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ କରିଛନ୍ତି ଦୁର୍ବୃତ୍ତ। ରାଜ୍ୟବ୍ୟାପୀ ଏହି ଘଟଣା ହଟଚମଟ କରୁଥିବା ବେଳେ ପୁରୀ ଜିଲ୍ଲାରେ ବି ଅସଦାଚରଣର ଲମ୍ବା ତାଲିକା ଦେଖିବାକୁ ମିଳୁଛି। ନିକଟରେ ପିପିଲି, ପୁରୀ, ସତ୍ୟବାଦୀ ଅଞ୍ଚଳରୁ ଅସଦାଚରଣ, ଦୁଷ୍କର୍ମ ଭଳି ସଙ୍ଗୀନ ଅଭିଯୋଗ ଏବେ ପୁଲିସ ପାଇଁ



ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

ସୋମବାର ସନ୍ଧ୍ୟାରେ ପୁରୀ ସଦରଥାନା ଅଞ୍ଚଳରେ ୩ ଭଉଣୀ ଅସଦାଚରଣ ଏବଂ ଲୁଟ୍‌ର ଶିକାର ହୋଇଛନ୍ତି। ସନ୍ଧ୍ୟାରେ ପୁରୀ ସଦର ଥାନା କଣ୍ଟପୁର ଗାଁ ନିକଟରେ ଏହି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, କଣ୍ଟପୁର ଗାଁର ତିନି ଭଉଣୀ ଶ୍ରୀମନ୍ଦିରରୁ ଦର୍ଶନ ସାରି ଘରକୁ ଫେରୁଥିଲେ। ସମଙ୍ଗ ପାର୍କିଂ ନିକଟ ରାସ୍ତାରେ ୪/୫ ଜଣ ଯୁବକ ଦୁଇଟି ଗାଡିରେ ଆସି ତାଙ୍କୁ ଘେରିଯାଇଥିଲେ। ସେମାନେ ପିନ୍ଧିଥିବା ସୁନା ଚେନ ଛଡ଼ାଇ ନେବା ସହ ମନିପର୍ସ ନେଇ ଯାଇଥିଲେ। ଏଥିସହ ୩ ଭଉଣୀଙ୍କୁ ଟଣା ଓଟରା ଭଳି ଅସଦାଚରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକା ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

ସେହିପରି ଗତ ଶୁକ୍ରବାର ସତ୍ୟବାଦୀ ଥାନା ଅଞ୍ଚଳରେ ପଞ୍ଚମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିଲା। ସେଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ୫ମ ଶ୍ରେଣୀ ଛାତ୍ରୀ ରୋଷେଇ ମସଲା ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିଲେ। ୫୩ ବର୍ଷ ବୟସ୍କ ଦୋକାନୀ ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ଘରକୁ ଯାଇ ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତା ନାବାଳିକାଙ୍କ ମା' ଗତ ଶନିବାର ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଥିଲା।

ସେହିପରି ଗତ ମେ' ୨୪ ତାରିଖରେ ପିପିଲି ତହସିଲ ଅଧୀନ ତେଇଶିପୁରର ପୂର୍ବତନ ମହିଳା ଆର୍‌ଆଇ ମଧ୍ୟ ଅସଦାଚରଣର ଶିକାର ହୋଇଥିଲେ। ହେଲେ ତାଙ୍କୁ ଉପଯୁକ୍ତ ନ୍ୟାୟ ମିଳି ନ ଥିବାରୁ ସେ ୫/୬ ଦିନ ପୂର୍ବରୁ ପୁଣି ଜିଲ୍ଲାପାଳଙ୍କୁ ଫେରାଦ୍ ହୋଇଥିଲେ। ସମ୍ପୃକ୍ତ ମହିଳା ଆର୍‌ଆଇଙ୍କ ଅଭିଯୋଗ ଥିଲା ସେଦିନ ତହସିଲଦାରଙ୍କ ପ୍ରକୋଷ୍ଠରେ ସବୁ ସର୍କଲର ଆର୍‌ଆଇଙ୍କୁ ନେଇ ବୈଠକ ହୋଇଥିଲା। ବୈଠକ ସରିଲା ବେଳକୁ ଝଡ଼ବର୍ଷା ହେଉଥିଲା। ଅନ୍ୟମାନେ ଚାଲିଯାଇଥିଲେ। ସମ୍ପୃକ୍ତା ଆର୍‌ଆଇ ଗୋଟିଏ ରୁମ୍‌ରେ ବସି ବର୍ଷା ଛାଡିବାକୁ ଅପେକ୍ଷା କରିଥିଲେ। ଏକୁଟିଆର ସୁଯୋଗ ନେଇ ପିପିଲିର ପ୍ରାକ୍ତନ ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତି ତାଙ୍କ ସହିତ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ସେ ତହସିଲଦାରଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୋଗର ସତ୍ୟତା ଜଣାପଡିଥିଲା। ଅତିରିକ୍ତ ତହସିଲଦାର ତହସିଲଦାରଙ୍କ ପରାମର୍ଶକ୍ରମେ କ୍ଷମା ମାଗିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଚରିତ୍ରକୁ ନେଇ ନାନା ପ୍ରକାର କଥା ବାହାରେ ପ୍ରକାଶ କରିଥିଲେ ଅତିରିକ୍ତ ତହସିଲଦାର। ଥାନାରେ ଅଭିଯୋଗ ନ କରିବା ପାଇଁ ତହସିଲଦାର କହିଥିଲେ। ମାତ୍ର ସେ ପିପିଲି ଥାନାରେ ଅଭିଯୋଗ କରିବାରୁ ତହସିଲଦାର ରାଗ ରଖି ତାଙ୍କୁ ନାନା ପ୍ରକାର ମାନସିକ ନିର୍ଯାତନା ଦେଉଛନ୍ତି। ଏପରି କି ଘଟଣାର ଅନୁସନ୍ଧାନ କରୁଥିବା ଟିମ୍‌ର ଅଧ୍ୟକ୍ଷ ମଧ୍ୟ ତାଙ୍କୁ ନାନା ପ୍ରକାର କଥା କହି ମାନସିକ ନିର୍ଯାତନା ଦେଇଥିବା ପୀଡିତା ଆର୍‌ଆଇ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ସେ ମାନସିକ ଚାପରେ ଥିବାରୁ ଏବେ ଛୁଟି ନେଇ ଘରେ ରହିଛନ୍ତି ବୋଲି କହିଛନ୍ତି।

• ବିଦ୍ୟାର୍ଥୀଙ୍କ ପାଇଁ ସୁରକ୍ଷିତ ପରିବେଶ

## ପୁରୀ ପୁଲିସର ସଚେତନତା ଅଭିଯାନ



**ପୁରୀ,୨୨।୭ (ସମିସ):** ବିଦ୍ୟାର୍ଥୀମାନେ ଯେପରି ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଅଧ୍ୟୟନ କରିବେ ସେଥିପାଇଁ ପୁରୀ ପୁଲିସ ତରଫରୁ କଲେଜ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏସ୍‌ପି ପିନାକ ମିଶ୍ରଙ୍କ ଦିଗ୍‌ଦର୍ଶନ ଏବଂ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ୪ଟି ପୁଲିସ ଉପଖଣ୍ଡ ତଥା ପୁରୀ ସହର, ପୁରୀ ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ବିଭିନ୍ନ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା। ପ୍ରତ୍ୟେକ କଲେଜରେ ଅଧିକାରୀମାନେ ପିଲାଙ୍କୁ ସଚେତନ କରୁଛନ୍ତି। ନିମାପଡ଼ା ଉପଖଣ୍ଡରେ ୫ଟି କଲେଜ, ସଦର ଉପଖଣ୍ଡରେ ୬ଟି କଲେଜ ଓ ସ୍କୁଲ, ପିପିଲି ଉପଖଣ୍ଡରେ ୨ଟି କଲେଜ, ସହର ଉପଖଣ୍ଡରେ ଗୋଟିଏ ସ୍କୁଲ ଏହିପରି ମୋଟ ୧୪ଟି ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଅନେକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ବିଶେଷ ସେମିନାର ଓ ପ୍ରଶ୍ନ ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ନିଜ ଅନୁଭୂତି ରଖିଥିଲେ।



ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

ସକାଳ
THE SAKALA

# ଇସ୍ତଫା ରହସ୍ୟ

ଭାରତୀୟ ଗଣତନ୍ତ୍ର ଇତିହାସରେ ୨୦୨୫ ଜୁଲାଇ ତୃତୀୟ ସପ୍ତାହ ଏକ ବିତର୍କିତ ଅଧ୍ୟାୟ ଲେଖିଛି। ସୋମବାର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଇସ୍ତଫା ଦେଇଛନ୍ତି। ସ୍ୱାଧୀନ ଭାରତ ଇତିହାସରେ ଭି ଭି ଗିରି ଓ ଆର ଭେଙ୍କଟରମଣଙ୍କ ପରେ କାର୍ଯ୍ୟକାଳ ମଝିରୁ ଇସ୍ତଫା ଦେବାରେ ସେ ତୃତୀୟ ଉପରାଷ୍ଟ୍ରପତି ଭାବେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଆବାସିକ ପରିସରରୁ ନଗଦ ଟଙ୍କା ଉଦ୍ଧାର ଘଟଣାରେ ବିବାଦୀୟ ହୋଇପଡ଼ିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆସିଛି। ଏହି ଦୁଇ ଘଟଣା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଦୁଇ ସ୍ତମ୍ଭ ବିଧାନପାଳିକା ଓ ନ୍ୟାୟପାଳିକାର ମର୍ଯ୍ୟାଦା ଓ ଗରିମାରେ ଆଞ୍ଚ ଆଣିଛି ନିଶ୍ଚୟ।

ଭି ଭି ଗିରି ଓ ଆର ଭେଙ୍କଟରମଣ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ପାଇଁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିବା ବେଳେ ଧନଖଡ଼ଙ୍କ କ୍ଷେତ୍ରରେ ସେଭଳି କୌଣସି ସମ୍ଭାବନା ନାହିଁ। ତେଣୁ ତାଙ୍କ ଇସ୍ତଫାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ଯେଉଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଇସ୍ତଫା ଦେଇଛନ୍ତି ତାହା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁନାହିଁ। ଇସ୍ତଫା ପଛର କାରଣ ତର୍ଜମା କରିବାରେ ଜାତୀୟ ଗଣମାଧ୍ୟମ ମୁଖର ହୋଇଛି। କେତେକ ମହଲର ମତ ହେଲା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କୁ କହିବାକୁ ବାଚସ୍ପତି ସୁଯୋଗ ଦେଉନଥିବା ଅଭିଯୋଗ ଆସିଥିବା ବେଳେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାକୁ ସୁଯୋଗ ମିଳିଥିଲା। ଖଡ଼ଗେଙ୍କ ବକ୍ତବ୍ୟ ପରେ ରାଜ୍ୟସଭାରେ ଶାସକ ଦଳର ନେତା ଜେପି ନଡ୍ଡା ଖଡ଼ଗେଙ୍କ ବକ୍ତବ୍ୟ ରେକର୍ଡରୁ ବାଦ୍ ଦିଆଯିବ ବୋଲି କହିଥିଲେ। ଏହାଛଡ଼ା ଧନଖଡ଼ଙ୍କ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ ବିଜିନେସ୍ ଆଡ୍‌ଭାଇଜରି କମିଟି ବୈଠକରେ ନଡ୍ଡା ଓ ସଂସଦୀୟ ଓ ଆଇନ ମନ୍ତ୍ରୀ କିରଣ ରିଜୁ ଯୋଗ ଦେଇନଥିଲେ। ଏହା ଧନଖଡ଼ଙ୍କ ସମ୍ମାନ ଓ ସ୍ୱାଭିମାନକୁ କ୍ଷୁଣ୍ଣ କରିଥିଲା। ଏପରିକି ଖଡ଼ଗେଙ୍କୁ ଦୀର୍ଘ ସମୟ କହିବାକୁ କାହିଁକି ସୁଯୋଗ ଦିଆଗଲା ସେ ସମ୍ପର୍କରେ ଦଳୀୟ ହାଇକମାଣ୍ଡଙ୍କ ପକ୍ଷରୁ ଧନଖଡ଼ଙ୍କୁ ଜବାବ ତଲବ କରାଯାଇଥିବାରୁ ସେ ଇସ୍ତଫା ଦେଇଥିବା ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

ଆଉ କେତେକ ମହଲର ଯୁକ୍ତି ହେଉଛି ଜଣେ ସ୍ପଷ୍ଟବାଦୀ, ସ୍ୱାଭିମାନୀ ଓ ଶୃଙ୍ଖଳିତ ହେଡ୍‌ମାଷ୍ଟର ରୂପେ ପରିଚିତ ଧନଖଡ଼ ଚଳିତ ଅଧିବେଶନର ପ୍ରଥମ ଦିନରେ ଇସ୍ତଫା ଦେବା ପାଇଁ ମାନସିକ ସ୍ତରରେ ସ୍ଥିର କରିସାରିଥିଲେ। ତେଣୁ ଅନ୍ତତଃ ରାଜ୍ୟସଭା ଅଧ୍ୟକ୍ଷ ଭାବେ ଦାୟିତ୍ୱବୋଧ, ନୈତିକତା, ସଂସଦୀୟ ବିଧିବ୍ୟବସ୍ଥା ଏବଂ ଗଣତନ୍ତ୍ରର ଗରିମା ଦୃଷ୍ଟିରୁ ଗୃହର ବିରୋଧୀ ଦଳ ନେତାଙ୍କ ବାକ୍‌ସ୍ୱାଧୀନତାକୁ ଯଥାସମ୍ଭବ ସୁରକ୍ଷା ଦେଇ ନିଜ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ରାଜ୍ୟସଭାରେ ଧନଖଡ଼ ଓ ଖଡ଼ଗେଙ୍କ ମଧ୍ୟରେ ବାକ୍‌ବିତଣ୍ଡା ସବୁବେଳେ ବିତର୍କିତ ଓ ବିବାଦୀୟ ହୋଇ ରହିଆସିଛି। ଧନଖଡ଼ଙ୍କ ପକ୍ଷପାତିତା ଯୋଗୁଁ ଗୃହରେ ମତାଧିକାର ସାବ୍ୟସ୍ତରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣି ଇଣ୍ଡିଆ ମେଣ୍ଟ ଗତ ଡିସେମ୍ବର ମାସରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ତେଣୁ ସୋମବାର ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାର ସୁଯୋଗକୁ ସ୍ୱାଭାବିକ ଭାବେ ଗ୍ରହଣ କରାଯାଇପାରୁନାହିଁ। ଏହାକୁ ଆଧାର କରି ମତ ପ୍ରକାଶ ପାଉଛି ଯେ ବୋଧହୁଏ ଶେଷଦିନରେ ଖଡ଼ଗେଙ୍କୁ ବାକ୍‌ସ୍ୱାଧୀନତା ଦେଇ ଆପତତଃ ଧନଖଡ଼ ଏହା ପ୍ରମାଣ କରିବାକୁ ଚାହିଁଲେ ଯେ ସେ ଦଳୀୟ ଚାପରେ ନୈତିକତା ଓ ପଦମର୍ଯ୍ୟାଦାକୁ ହତ୍ୟା କରିବାକୁ ପ୍ରସ୍ତୁତ ନୁହନ୍ତି। ଇସ୍ତଫା ପଛରେ ଏହିସବୁ କାରଣ ଗଣମାଧ୍ୟମରେ ଆରମ୍ଭ ହୋଇଥିବା ତର୍ଜମାକୁ ଆହୁରି ଗତିଶୀଳ କରିଛି।

ଏକଦା ଧନଖଡ଼ଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବର ନେତୃତ୍ୱ ନେଇଥିବା କଂଗ୍ରେସର କେତେକ ନେତା ଏବେ ଇସ୍ତଫା ନିଷ୍ପତ୍ତିର ପୁନଃବିଚାର ପାଇଁ ଧନଖଡ଼ଙ୍କୁ ଅନୁରୋଧ କରିଛନ୍ତି। ଇସ୍ତଫା ପାଇଁ ଧନଖଡ଼ଙ୍କ ଉପରେ ତାଙ୍କ ଦଳ ଚାପ ସୃଷ୍ଟି କରିଥିବା ମଧ୍ୟ କଂଗ୍ରେସ ଦଳ ଅଭିଯୋଗ ଆଣିଛି। ଅପରପକ୍ଷରେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେହିରାଜ୍ୟରୁ ଜଣେ ଦଳିତ ବର୍ଗର ମୁହଁକୁ ଉପରାଷ୍ଟ୍ରପତି ପଦରେ ଅବସ୍ଥାପିତ କରାଯିବାର ଯୋଜନା ହୋଇଥିବା କେତେକ ମହଲ ମତ ଦେଉଥିବା ବେଳେ ଆଉ କେତେକ ମହଲର ମତ ହେଲା 'ଅପରେସନ୍ ସିନ୍ଦୂର'ରେ ଭାରତର ସଫଳତାକୁ ବିଶ୍ୱ ଦରବାରରେ ସଠିକ୍ ଉପସ୍ଥାପନା କରିଥିବା କଂଗ୍ରେସ ନେତା ଶଶି ଥରୁରଙ୍କୁ ଏନ୍‌ଡିଏ ପକ୍ଷରୁ ପରବର୍ତ୍ତୀ ଉପରାଷ୍ଟ୍ରପତି କରାଯିବାର ଯୋଜନା ଚୂଡ଼ାନ୍ତ ହୋଇଛି ଏବଂ ଏଥିପାଇଁ ଧନଖଡ଼ଙ୍କୁ ବାଧ୍ୟବାଧକତାରେ ଇସ୍ତଫା ଦେବାକୁ ପଡ଼ିଛି। ଶଶି ଥରୁରଙ୍କ ଗତ କିଛିଦିନର ସରକାରୀ ସପକ୍ଷବାଦୀ ଓ ରାଷ୍ଟ୍ରସ୍ୱାର୍ଥବାଦୀ ମତ ଓ ମନ୍ତବ୍ୟକୁ ତର୍ଜମା କଲେ ଏହି ଆଲୋଚନା ସମ୍ପୂର୍ଣ୍ଣ ନିରାଧାର ବୋଲି କହିହେବ ନାହିଁ। ଏହିସବୁ ଆଲୋଚନାରୁ ତାଙ୍କର ଇସ୍ତଫାକୁ ନେଇ ଯେ ରାଜନୀତି ସୃଷ୍ଟି ହୋଇସାରିଛି ତାହାକୁ ଅସ୍ୱୀକାର ମଧ୍ୟ କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ହେଉ କିମ୍ବା ରାଜ୍ୟସଭାରେ ନୀତିନିୟମ ସହିତ ସାଲିସ୍‌ବିହୀନ କାର୍ଯ୍ୟକଳାପ ପାଇଁ ଅନେକ ସମୟରେ ଧନଖଡ଼ ବିବାଦୀୟ ହୋଇପଡ଼ିଥିଲେ। ସର୍ବୋପରି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ୍ ବ୍ୟବସ୍ଥାକୁ ବିରୋଧ ଏବଂ ବିଧେୟକ ପାରିତ କରିବାରେ ରାଷ୍ଟ୍ରପତିଙ୍କ ଲାଗି ସମୟ ସୀମା ଧାର୍ଯ୍ୟ ସଂକ୍ରାନ୍ତୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଚାଲେଞ୍ଜ କରି ଆହୁରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଏହି କଠୋରବାଦୀ ଆଭିମୁଖ୍ୟକୁ ମଧ୍ୟ ଇସ୍ତଫାର କାରଣ ସହିତ ଯୋଡ଼ାଯାଇଛି। ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ଉତ୍ସବରେ ଯୋଗ ଦେବାକୁ ଧନଖଡ଼ ମନା କରିଦେବା ଘଟଣା ତାଙ୍କ ଇସ୍ତଫାର କାରଣକୁ ଆହୁରି ଚର୍ଚ୍ଚିତ କରିଛି।

ତେବେ ଇସ୍ତଫା ପଛରେ ଯାହା ବି କାରଣ ଥାଉ ନା କାହିଁକି ସେ ବିଷୟରେ ଯେତେ ଅଧିକ ଖୋଳତାଡ଼ କରାଯିବ ବା ଅନୁମାନ ଆଧାରିତ ମନ୍ତବ୍ୟ ଦିଆଯିବ, ତାହା ଭାରତର ସାମ୍ବିଧାନିକ ପଦମର୍ଯ୍ୟାଦା ଓ ଗଣତାନ୍ତ୍ରିକ ଗରିମାର ପରିପନ୍ଥୀ ହେବ। ଧନଖଡ଼ ନିଜେ ତାଙ୍କ ଇସ୍ତଫାର କାରଣ ନ କହିବା ପର୍ଯ୍ୟନ୍ତ ତାହା ସବୁଦିନ ପାଇଁ ଏକ ରହସ୍ୟ ହୋଇ ରହିଥିବ, ସବୁ ଆଲୋଚନା କେବଳ କଳ୍ପନାଜଳ୍ପନା ବୋଲି ଧରାଯିବ। ଏହି ରହସ୍ୟ ପଛରେ ଯଦି ରାଜନୀତି ଥାଏ, ତେବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମଙ୍ଗଳ ଦୃଷ୍ଟିରୁ ତାହା ସବୁଦିନ ପାଇଁ ଆଢୁଆଳରେ ରହିବା ଉଚିତ ହେବ। ଗଣତନ୍ତ୍ରର ଏକ ଦାୟିତ୍ୱବାନ ସ୍ତମ୍ଭ ଭାବରେ ଆମେ ଏହି ରହସ୍ୟମୟ ଇସ୍ତଫା ପଛର କାରଣ ଅନ୍ୱେଷଣ କିମ୍ବା ନିଷ୍କର୍ଷରେ ପହଞ୍ଚିବାରୁ ଯଥାସମ୍ଭବ ନିବୃତ୍ତ ରହିବାକୁ ଉଚିତ୍ ମଣୁଛୁ। ଏଥିସହିତ ଉପରାଷ୍ଟ୍ରପତି ଓ ରାଜ୍ୟସଭା ଅଧ୍ୟକ୍ଷ ଭଳି ଏକ ସାମ୍ବିଧାନିକ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଇସ୍ତଫା ରହସ୍ୟକୁ ରାଜନୀତିର ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ପରାମର୍ଶ ଦେଉଛୁ।

# ଭାରତ ଇତିହାସରେ ଓଡ଼ିଶାର ସ୍ଥାନ

**ଲେ. ଇଂ ଭରତ ଚନ୍ଦ୍ର ଦାସ**

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳ ଶ୍ରୁତଃ ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ।। ଭାରତବର୍ଷର ପ୍ରାଚୀନ ଶାସ୍ତ୍ର 'କପିଳ ସଂହିତା'ରେ ଉଦ୍‌ଘୋଷିତ ଉପରୋକ୍ତ ସଂସ୍କୃତ ଶ୍ଳୋକଟିର ଅର୍ଥ ହେଲା-ଉପମହାଦେଶମାନଙ୍କ ମଧ୍ୟରେ ଭାରତବର୍ଷ ଶ୍ରେଷ୍ଠ! ଦେଶମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ। ଉତ୍କଳ ସମ ଦେଶ ଜଗତରେ ନାହିଁ। ଏହାହିଁ ଓଡ଼ିଶା ଇତିହାସର ସାରକଥା ଏବଂ ବିଶ୍ୱର ପ୍ରତ୍ୟେକ ଓଡ଼ିଆ ଦୃଢ଼ତାର ସହିତ କହିବା କଥା।

ଆଜି 'ଓଡ଼ିଶା' ନାମରେ ପରିଚିତ ଆମ ରାଜ୍ୟ ପ୍ରାଚୀନ ଯୁଗରୁ 'କଳିଙ୍ଗ' ନାମରେ ଏକ ବିଶାଳ, ଶକ୍ତିଶାଳୀ, ସମୃଦ୍ଧ, ସୁସଂସ୍କୃତ ଏବଂ ଏକମାତ୍ର ସ୍ୱାଧୀନ ରାଜ୍ୟ ରୂପେ ଏହାର ସାମୁଦ୍ରିକ ବିଶ୍ୱ ନୌବାଣିଜ୍ୟ ପାଇଁ ବିଶ୍ୱପ୍ରସିଦ୍ଧ ହୋଇ ଭାରତବର୍ଷର ଗୌରବବର୍ଦ୍ଧନ କରୁଥିଲା। ମହାଭାରତ ଯୁଗ ପୂର୍ବରୁ ମଧ୍ୟ ପ୍ରତିଷ୍ଠିତ କଳିଙ୍ଗର ସାମୁଦ୍ରିକ ନୌବାଣିଜ୍ୟ ଖ୍ରୀଷ୍ଟପୂର୍ବ ୮୦୦ ସମୟକୁ ବିଶ୍ୱପ୍ରସାରୀ ହୋଇଥିଲା। ଖ୍ରୀଷ୍ଟପୂର୍ବ ୧୦୦ ସମୟର କଳିଙ୍ଗ ମାଟିର ମହାନ୍ ସନ୍ତାନ ତଥା ସସାଗରା ଅଖଣ୍ଡ ଭାରତର ସର୍ବମାନ୍ୟ ସମ୍ରାଟ ମହାମେଘବାହନ ଐରଖାରବେଳଙ୍କ ଶକ୍ତିଶାଳୀ ନୌସେନାର ସୁରକ୍ଷାରେ ଏହା ସର୍ବୋଚ୍ଚ ଶିଖରରେ ଉପନୀତ ହୋଇଥିଲା। କଳିଙ୍ଗବାସୀ 'କଳିଙ୍ଗାଃ ସାହସିକାଃ' ଭାବେ ପରିଚିତ ହେଉଥିଲେ। କଲମ୍ବସ ଓ ଭାସ୍କୋଡାଗାମା ଆଦିଙ୍କ ଅନ୍ୟୂନ ହଜାର ବର୍ଷ ପୂର୍ବରୁ କଳିଙ୍ଗାନ୍‌ମାନଙ୍କ ବିଶ୍ୱର ସପ୍ତସମୁଦ୍ର ଉପରେ ରାଜତ୍ୱର ପ୍ରକୃତ ଇତିହାସ, ଭାରତର ଗୌରବମୟ ଇତିହାସ ରୂପେ ସର୍ବଭାରତୀୟ ଏନ୍‌ସିଇଆରଟି ଇତିହାସ ପାଠ୍ୟ ପୁସ୍ତକମାନଙ୍କରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ହେବା ଉଚିତ୍।

ଆଧୁନିକ ବୈଜ୍ଞାନିକ ପ୍ରମାଣଭିତ୍ତିକ ପ୍ରକୃତ ଇତିହାସ ଅନୁଯାୟୀ, ଭାରତବର୍ଷର 'ବୈଦିକ ସଭ୍ୟତା' ହିଁ ବିଶ୍ୱର ସର୍ବପ୍ରାଚୀନ ସଭ୍ୟତା ଏବଂ ବିଶ୍ୱର ସମସ୍ତ ସଭ୍ୟତାମାନଙ୍କର ଉଦ୍‌ଗମର ଭୂମି ମଧ୍ୟ ଭାରତ। 'କଳିଙ୍ଗ' ନାମରେ ପ୍ରାଚୀନ ଯୁଗରେ ଏବଂ 'ଉତ୍କଳ' ନାମରେ ମଧ୍ୟଯୁଗରେ ବୃହତ୍ତର ଓଡ଼ିଶା ଥିଲା ଭାରତବର୍ଷର ହୃଦଦେଶ ଏବଂ ଶକ୍ତି କେନ୍ଦ୍ର। ଆଜିର ଓଡ଼ିଆମାନେ ଅନେକ ଜାତି, ଅନୁସୂଚିତ ଜାତି ଏବଂ ଜନଜାତି ରୂପେ ପରିଚିତ ହେଉଥିଲେ ମଧ୍ୟ ସାମଗ୍ରିକ ଭାବେ ବିଶ୍ୱର ଓଡ଼ିଆମାନେ ଏକ ପ୍ରାଚୀନତମ ମହାଜାତି। ଅନ୍ୟୂନ ୨୫୦୦ ବର୍ଷର ଶାସ୍ତ୍ରୀୟ ଓଡ଼ିଆ ଭାଷା ଏହାର ଅକାଟ୍ୟ ପ୍ରମାଣ। ଓଡ଼ିଶାରେ ଓଡ଼ିଆର ଭାଷାରେ ରହିଛି ସର୍ବାଧିକ ପ୍ରାଚୀନ ତାଳପତ୍ର ପୋଥି, ଯାହାର ସଂଖ୍ୟା ୨, ୧୩, ୦୦୦ରୁ ଅଧିକ।

ଯୁଗେ ଯୁଗେ ସ୍ୱାଧୀନଚେତା ସାହସୀ, ସ୍ୱାଭିମାନୀ ଓ ସଂଗ୍ରାମୀ କଳିଙ୍ଗ ବା ଓଡ଼ିଆ ମହାଜାତି ହିଁ ସର୍ବାଧିକ ଲଢ଼ିଛି ଶତ୍ରୁ ସହିତ ନିଜ ଜନ୍ମମାଟିରେ, ଖ୍ରୀଷ୍ଟପୂର୍ବ ୨୬୧ର କଳିଙ୍ଗ ମହାଯୁଦ୍ଧରେ ଚଣ୍ଡାଶୋକ ବିରୁଦ୍ଧରେ। ଖ୍ରୀ.ପୂ ୧୦୦ରେ ସମ୍ରାଟ ଖାରବେଳଙ୍କ ରଥ, ଗଜ, ଅଶ୍ୱାରୋହୀ ଓ ପଦାତିକମାନଙ୍କର ଅପରାଜେୟ କଳିଙ୍ଗସେନା ଉତ୍ତର ଭାରତରୁ ଶକ୍ତିଶାଳୀ ଗ୍ରୀକ୍‌ମାନଙ୍କୁ ଏବଂ ପଶ୍ଚିମ ଭାରତରୁ ଉପଦ୍ରବକାରୀ ଶକମାନଙ୍କୁ ବିତାଡ଼ିତ କରି, ଶାନ୍ତି, ମୈତ୍ରୀ ଓ ଭ୍ରାତୃତ୍ୱର 'ତ୍ରିସୂତ୍ରୀ ରାଷ୍ଟ୍ରନୀତି' ସହିତ ଏ ଦେଶରେ ସର୍ବପ୍ରଥମେ 'ଏକ ରାଷ୍ଟ୍ରୀୟତା'ର ପ୍ରତିଷ୍ଠା କରିଥିଲା। ମହାରାଜା ଶତ୍ରଭଞ୍ଜ ଆଟବୀକ ସେନା ମଗଧରୁ ଶକ୍ତିଶାଳୀ କୁଶାଣମାନଙ୍କୁ ଏବଂ କଳିଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରୁ ସେମାନଙ୍କ ବିରାଦରୀ ମୁରୁଣ୍ଡମାନଙ୍କୁ ବିତାଡ଼ିତ କରି ଉତ୍ତର-ପୂର୍ବ ଭାରତରେ ବିଶାଳ ସ୍ୱଦେଶୀ 'ନାଗବଂଶୀ ସାମ୍ରାଜ୍ୟ'(ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀର) ର ଭିତ୍ତିସ୍ଥାପନ କରିଛି। ଓଡ଼ିଆ ମହାଜାତି ହିଁ ଲଢ଼ିଛି ଭାରତରେ ୫୦୦ ବର୍ଷର ବିଦେଶୀ ଆକ୍ରମଣକାରୀ ସୁଲତାନ ଏବଂ ମୋଗଲ ରାଜତ୍ୱ ବିରୁଦ୍ଧରେ।

ଅଦୃଷ୍ଟପୂର୍ବ ଥିଲା ଓଡ଼ିଶାର ଶ୍ରୀଜଗନ୍ନାଥକୈନ୍ଦ୍ରିକ ସ୍ୱତନ୍ତ୍ର ଖୋର୍ଦ୍ଧାରାଜ୍ୟର ୨୩୩ ବର୍ଷର (ଖ୍ରୀ.୧୫୭୧-୧୮୦୪) ସଂଗ୍ରାମ ଏବଂ ଘୁମୁସରର କନ୍ଧପାଇକମାନଙ୍କ ଫରାସୀ ଓ ଇଂରେଜଙ୍କ ବିରୁଦ୍ଧରେ ୧୧୩ ବର୍ଷର ସଂଗ୍ରାମ। ଭାରତରେ ସିପାହୀ ବିଦ୍ରୋହର (୧୮୫୭) ୪୦ ବର୍ଷ ପୂର୍ବରୁ ଓଡ଼ିଶାର ୧୮୧୭ର ପାଇକ ବିଦ୍ରୋହ ଥିଲା ଏ ଦେଶର ସର୍ବପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଇଂରେଜମାନଙ୍କ ବିରୁଦ୍ଧରେ। ଓଡ଼ିଆ ମହାଜାତିର ଜ୍ଞାନଭିତ୍ତିକ ସାମରିକ ଶକ୍ତିର ସୁରକ୍ଷାରେ ହିଁ ଯଯାତିକେଶରୀ(ଖ୍ରୀ.୧୦୨୪-୧୦୪୦), ଚୋଡ଼ଗଙ୍ଗଦେବ(ଖ୍ରୀ.୧୦୭୮-୧୧୪୭), ରାଜରାଜଦେବ(ଖ୍ରୀ୧୦୯୮-୧୨୧୧), ଅନଙ୍ଗଭୀମଦେବ(ଖ୍ରୀ.୧୨୧୧-୧୨୩୧), ଲାଙ୍ଗୁଳା ନରସିଂହଦେବ(ଖ୍ରୀ.୧୨୩୮-୧୨୬୪) ଏବଂ କପିଳେନ୍ଦ୍ରଦେବ(ଖ୍ରୀ.୧୪୩୫-୧୪୬୮) ଆଦି ପରାକ୍ରମୀ ନରପତିମାନଙ୍କ ନେତୃତ୍ୱରେ ସମୃଦ୍ଧ ଏବଂ ସୁସଂସ୍କୃତ ଓଡ଼ିଶାରେ ନିର୍ମାଣ ହୋଇଛି ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ଅଗଣିତ ମନ୍ଦିରରାଜି ଏବଂ ପ୍ରସିଦ୍ଧ ବାରବାଟୀ, ବରୁଣେଇ ଓ ରାଇବଣିଆ ପ୍ରଭୃତି ଦୁର୍ଗମାନ। ଏହି ଉତ୍କଳରେ ପ୍ରତିଷ୍ଠା ହୋଇଥିଲା ସର୍ବପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ପରିମଳଗିରି ସଦୃଶ ବୃହତ ବୌଦ୍ଧବିହାରମାନ।

ଭାରତ ଇତିହାସର ସର୍ବପ୍ରଥମ ସାମ୍ରାଜ୍ଞୀରୂପେ ତୋଷାଳୀ ୧ମ ତ୍ରିଭୁବନ ମହାଦେବୀ(ପ୍ରାୟ ଖ୍ରୀ.୮୪୫-୮୫୦), ପୃଥ୍ୱୀ ମହାଦେବୀ ଏବଂ ୨ୟ ତ୍ରିଭୁବନ ମହାଦେବୀ ପ୍ରଭୃତି ମହୀୟସୀ ନାରୀ ଶାସିକାମାନେ ପରିଚୟ ସୃଷ୍ଟି କରିଥିଲେ। ଖ୍ରୀଷ୍ଟପୂର୍ବ ୧୦୦ ରେ ସମ୍ରାଟ ଖାରବେଳଙ୍କଠାରୁ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ମୁକୁନ୍ଦ ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ସୁଦୀର୍ଘ ୧୬୦୦ ବର୍ଷର ସ୍ୱାଧୀନତା। ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ଜାତୀୟ ବୀର ଓଡ଼ିଶାର ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ (ଖ୍ରୀ ୧୪୩୫- ୧୪୬୮)। 'ଗଜପତି ଗୌଡ଼େଶ୍ୱର, ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର' - ଏହି ସୁଦୀର୍ଘ ଉପାଧି ଧାରଣ କରିଥିବା ଅପରାଜେୟ ସମ୍ରାଟ କପିଳେନ୍ଦ୍ର ଦେବ ତାଙ୍କ ଦ୍ୱାରା ବିଜିତ ରାଜ୍ୟମାନଙ୍କୁ ସୂଚାଇ ଥାଏ। 'ଗୌଡ଼େଶ୍ୱର' ଅର୍ଥ ବଙ୍ଗଜୟୀ, 'କର୍ଣ୍ଣାଟ' ବିଜୟନଗର ସମେତ ଦାକ୍ଷିଣାତ୍ୟ, 'ନବକୋଟି' ଦାକ୍ଷିଣାତ୍ୟର ୯ଟି ପ୍ରସିଦ୍ଧ ଦୁର୍ଗ, 'କଳବର୍ଗ' ଥିଲା ପଶ୍ଚିମ ଭାରତରେ ସୁଲତାନ ଶାସିତ ବୃହତ୍ ବାହମନୀ ସାମ୍ରାଜ୍ୟର ରାଜଧାନୀ। ସମସାମୟିକ ବିଶାଳ ଓଡ଼ିଶା ବା ଉତ୍କଳ ସହିତ ଉପରୋକ୍ତ ରାଜ୍ୟମାନଙ୍କୁ ନେଇ ସମ୍ରାଟ କପିଳେନ୍ଦ୍ର ଦେବ ହିଁ ଭାରତରେ ଉପରୋକ୍ତ ୫୦୦ବର୍ଷର ବିଦେଶୀ ଶାସନର କାଳଖଣ୍ଡରେ ପ୍ରତିଷ୍ଠା କରିଥିଲେ 'ସର୍ବବୃହତ ସ୍ୱଦେଶୀ ହିନ୍ଦୁ ସାମ୍ରାଜ୍ୟ'। ମଧ୍ୟଯୁଗରେ ଅନ୍ୟ କୌଣସି ଭୂମିପୁତ୍ର ବୀର ଏତାଦୃଶ ବୃହତ୍ତର ସାମ୍ରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇନାହାନ୍ତି। ବହୁସହସ୍ର ଯୁଦ୍ଧହସ୍ତୀ ସହିତ ଦୁର୍ଦ୍ଧର୍ଷ ଓଡ଼ିଆ ସେନା ଏବଂ ତାଙ୍କର ମହାନ୍ ବୀରପୁତ୍ର-ହମ୍ବିର ଦେବଙ୍କ ସମେତ ବହୁ ସୁଦକ୍ଷ ସେନାପତିମାନଙ୍କ ନେତୃତ୍ୱ ନେଇ ଅପରାଜେୟ କପିଳେନ୍ଦ୍ର ଦେବ ଭାରତରେ ସମସାମୟିକ ସାମରିକ ଶକ୍ତିମାନଙ୍କୁ ଭୀତତ୍ରସ୍ତ କରିଥିଲେ। ଏହାର ପ୍ରଭାବରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପରେ ମଧ୍ୟ 'ଆଗଙ୍ଗାଗୋଦାବରୀ ଆସମୁଦ୍ରବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ଓଡ଼ିଶାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସଗର୍ବରେ ସୁରକ୍ଷିତ ଥିଲା, ଯେଉଁ ସମୟରେ ଭାରତର ପ୍ରାୟ ଅନ୍ୟ ସମସ୍ତ ରାଜ୍ୟମାନ ବିଦେଶୀ ମୁସଲମାନ ଶାସକମାନଙ୍କ ଦ୍ୱାରା ଅଧିକୃତ ହୋଇ ଘୋର ଦୁର୍ଦ୍ଦଶା ଭୋଗିଥିଲେ।

'ଜଗନ୍ନାଥ ଦେଶ' ରୂପେ ବିଶାଳ ଓଡ଼ିଶା ହିଁ ଥିଲା ଭାରତର ହିନ୍ଦୁ ବିଦ୍ୱାନ, ସାଧୁସନ୍ଥ ଏପରିକି ପଳାୟନ କରି ଆସିଥିବା ରାଜବଂଶୀ, ସର୍ବୋପରି ହିନ୍ଦୁ ଭକ୍ତ ସମାଜର ଭରସା ଏବଂ ଆଶ୍ରୟର ଭୂମି, ଯେଉଁଠାରେ ଭାରତୀୟ ମହାନ ସଂସ୍କୃତି ଥିଲା ସୁରକ୍ଷିତ! ଭାରତ ଇତିହାସରେ ଓଡ଼ିଶାର ଏହି ମହାନ ଭୂମିକା ସର୍ବଭାରତୀୟ ଏନ୍‌ସିଇଆରଟି ଇତିହାସ ପାଠ୍ୟପୁସ୍ତକମାନଙ୍କରେ ସ୍ଥାନିତ କରାଯାଇ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କୁ ମଧ୍ୟଯୁଗୀୟ ଭାରତୀର ସର୍ବଶ୍ରେଷ୍ଠ ଜାତୀୟବୀର ରୂପେ ଯଥାସ୍ଥାନ ପ୍ରଦାନ କରି ପ୍ରକୃତ ଭାରତ ଇତିହାସ ଲେଖାଯିବା ଜରୁରୀ। କାରଣ, ଆମ ଇତିହାସ ହିଁ ଆମ ପରିଚୟ। ପ୍ରାଚୀନ ଓ ମଧ୍ୟଯୁଗରେ ଭାରତର ଗୌରବ ବର୍ଦ୍ଧନ କରିଥିବା ମହାନ ଓଡ଼ିଶାର ଇତିହାସକୁ ଭାରତ ଇତିହାସରେ ଜାଣି ଜାଣି ଏଡ଼ାଇଦେବା କୌଣସି ଇତିହାସ ଲିଖନରେ ଏକ ଗୁରୁତର ଅପରାଧ ନିଶ୍ଚୟ। ସୁଖର କଥା ଯେ, ଓଡ଼ିଶାର ଐତିହାସିକମାନେ, ୨୦୧୩ରେ ଓଡ଼ିଶାର ମହାନ୍ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସ ୨୯ ଜୁନ୍ ୧୪୩୫ ଅନୁଯାୟୀ, '୨୯ ଜୁନ୍‌କୁ' ଓଡ଼ିଶା ଇତିହାସ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଣୁ ଏହି ଦିବସରେ ସମଗ୍ର ଓଡ଼ିଶାରେ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଗୌରବମୟ ଐତିହ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉଚିତ୍। ଏହା ଓଡ଼ିଶା ବିକାଶ ଲକ୍ଷ୍ୟରେ ସମସ୍ତ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବ ନିଶ୍ଚୟ।

**ଜୟ ଜଗନ୍ନାଥ! ବନ୍ଦେ ଉତ୍କଳ ଜନନୀ!**

ଭୁବନେଶ୍ୱର, ମୋ: ୯୪୩୯୭୩୩୬୫୬

# ପକ୍ଷୀଙ୍କୁ ଖାଦ୍ୟ: ଭଲ ନା ମନ୍ଦ?

**ସୁବାସ ଚନ୍ଦ୍ର ଜେନା**

ଆମମାନଙ୍କ ମଧ୍ୟରୁ ଅନେକେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ବା ଦାନା ଖୁଆଇବାକୁ ଭଲପା'ନ୍ତି। ରାସ୍ତାକଡ଼ରେ, ପାର୍କରେ, ବିଭିନ୍ନ ଖୋଲାଜାଗାରେ, ଛାତ ଉପରେ ପକ୍ଷୀମାନଙ୍କୁ ଦାନା ଖାଇବାକୁ ଦେବା ଅନେକଙ୍କ ପାଇଁ ଏକ ନିତିଦିନିଆ କାମ ବା ଅଭ୍ୟାସ। ଏଥିରେ ପକ୍ଷୀମାନେ ବିଲାଭାନ୍ୱିତ ହୁଅନ୍ତି। ପକ୍ଷୀମାନଙ୍କୁ ଖାଦ୍ୟ ଦେବା ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ହେଉଛି। ସେମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ମଣିଷ-ପକ୍ଷୀ ସମ୍ପର୍କ ମଧ୍ୟ ନିକଟତର ହେଉଛି। କିନ୍ତୁ ଏ ସମ୍ପର୍କରେ ହୋଇଥିବା କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପକ୍ଷୀମାନଙ୍କୁ ଦାନା ଦେବା ଫଳରେ ସେମାନଙ୍କ ଉପରେ ଅନେକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ପ୍ରକୃତି କୋଳରୁ ଖାଦ୍ୟ ଖୁଣ୍ଟି ଖାଇଲେ ପକ୍ଷୀମାନଙ୍କୁ ବିଭିନ୍ନ ପ୍ରକାରର ପୌଷ୍ଟିକର ତତ୍ତ୍ୱ ମିଳିଥାଏ। ସେମାନଙ୍କର ଖାଦ୍ୟ ବିବିଧତା ବୃଦ୍ଧି ପାଏ। ଅପରପକ୍ଷେ ମଣିଷମାନଙ୍କଠାରୁ ଖାଦ୍ୟ ଖାଉଥିବା ପକ୍ଷୀମାନେ ଅଳ୍ପ କେତେପ୍ରକାରର ଖାଦ୍ୟ ବା ଦାନା ଖାଇଥା'ନ୍ତି ବା ଅନେକ ସମୟରେ ଏକାପ୍ରକାରର ଖାଦ୍ୟ ଖାଇଥା'ନ୍ତି। ପ୍ରକୃତି କୋଳରୁ ଖାଦ୍ୟ ଖୁଣ୍ଟି ଖାଇବା ପକ୍ଷୀମାନଙ୍କର ପ୍ରକୃତିଦତ୍ତ ଦକ୍ଷତା। ଏହି ଦକ୍ଷତା ସେମାନଙ୍କୁ ପ୍ରକୃତିରେ ବଞ୍ଚିରହିବା ପାଇଁ ସହଯୋଗ କରିଥାଏ ଏବଂ ପ୍ରତିକୂଳ ସମୟରେ ଖାଦ୍ୟ ଖୋଜିବାକୁ ସାମର୍ଥ୍ୟ କରିଥାଏ। ମଣିଷପାଖରୁ ସହଜରେ ଉପଲବ୍ଧ ଖାଦ୍ୟ ସହିତ ଅଭ୍ୟସ୍ତ ପକ୍ଷୀମାନେ ଧୀରେଧୀରେ ସେହି ଦକ୍ଷତା ହରାଇପାରନ୍ତି।

ଗୋଟିଏ ସ୍ଥାନରେ ସବୁବେଳେ ସହଜରେ ମିଳିଯାଉଥିବା ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇପଡ଼ିଥିବା ପକ୍ଷୀମାନେ ଯଦି କୌଣସି କାରଣରୁ ତାହା କୌଣସି ଦିନ ପାଇପାରନ୍ତି ନାହିଁ ତେବେ ଅନାହାରରେ ମୃତ୍ୟୁ ଘଟିବା ସାର ହୁଏ। ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ଆକାଶରେ ଉଡ଼ନ୍ତି। କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ସବୁଦିନେ ସହଜରେ ଖାଦ୍ୟ ମିଳୁଥିବା କାରଣରୁ ପକ୍ଷୀର ନିୟମିତ ଉଡ଼ିବା ଦକ୍ଷତା ମଧ୍ୟ ଦୁର୍ବଳ ହୋଇଯିବ। ଶ୍ୱାସକ୍ରିୟା ମଧ୍ୟ ପ୍ରଭାବିତ ହେବ। ଉଡ଼ାଣ ସମୟରେ ଅମ୍ଳଜାନ ଗ୍ରହଣ ପ୍ରକ୍ରିୟା ମନ୍ଥର ହୋଇଯିବ। ଅନେକ ସମୟରେ ପକ୍ଷୀମାନଙ୍କୁ ଦାନା ଖାଇବାକୁ ଦେଇ ଆମେ ତାଙ୍କ ମଧ୍ୟରେ ଖାଦ୍ୟ ପାଇଁ ବିବାଦର ସୂତ୍ରପାତ କରିଥାଉ। ପକ୍ଷୀମାନେ ପରିସଂସ୍ଥାର ଏକ ଅଭିନ୍ନ ଅଙ୍ଗ। ପରିସଂସ୍ଥା ପାଇଁ ସେମାନେ ଅନେକ ଆବଶ୍ୟକ କାମ କରିଥା'ନ୍ତି। ବୀଜବୀକ୍ଷଣ, ପରାଗସଙ୍ଗମ, କ୍ଷତିକାରକ କୀଟପତଙ୍ଗଙ୍କ ସଂଖ୍ୟା ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଯଦି ପକ୍ଷୀମାନେ ପ୍ରକୃତିର ବିସ୍ତୃତ ଅଞ୍ଚଳରୁ ଖାଦ୍ୟ ଖୁଣ୍ଟି ନ ଖାଇବେ, ଦୂର ସ୍ଥାନକୁ ପ୍ରବାସ ନ କରିବେ ତେବେ ପ୍ରାକୃତିକ ପରିବେଶଗତ ପ୍ରକ୍ରିୟାଗୁଡ଼ିକ ବାଧାପ୍ରାପ୍ତ ହେବ। ସେଥିରେ ମଣିଷ ସମେତ ପକ୍ଷୀମାନଙ୍କର ମଧ୍ୟ କ୍ଷତିସାଧନ ହେବ।

ଆମେ ଜାଣୁ ଅନେକ ପକ୍ଷୀ ବିଭିନ୍ନ ପ୍ରକାରର ରୋଗର ବାହକ। ପକ୍ଷୀମାନଙ୍କର ସଂସ୍ପର୍ଶରେ ମଣିଷ ଆସିଲେ ବିଭିନ୍ନ ରୋଗ ଜୀବାଣୁ ସଂକ୍ରମିତ ହୋଇ ମଣିଷକୁ ଶ୍ୱାସନଳୀ ସଂକ୍ରମଣ, ଥଣ୍ଡା, ସର୍ଦ୍ଦିର ଲକ୍ଷଣ, ଆସ୍ଥମା, କାଶ, ଜ୍ୱର ଚର୍ମ ରୋଗ ଆଦି ହୋଇଥାଏ। ଏହି ସବୁ କାରଣରୁ ନିକଟ ଅତୀତରେ ବମ୍ବେ ମହାନଗର ନିଗମ ମୁମ୍ବାଇ ମହାନଗରୀର ସର୍ବସାଧାରଣ ସ୍ଥାନରେ ଥିବା ପାରାଙ୍କ ଖାଦ୍ୟ ପ୍ରଦାନ କେନ୍ଦ୍ରସ୍ଥଳୀଗୁଡ଼ିକୁ ବନ୍ଦ କରିଦେଇଛି।

ଆଉ ଗୋଟିଏ କଥା ହେଲା ସାଧାରଣତଃ ପକ୍ଷୀମାନେ ନିଜ ବସା ନିଜେ ତିଆରି କରନ୍ତି। ସେମାନେ ପ୍ରକୃତିର ଜଣେଜଣେ କୁଶଳୀ କାରିଗର। ପ୍ରାକୃତିକ ପରିବେଶରେ ମିଳୁଥିବା ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ସେମାନେ ଖୁବ୍ ସୁନ୍ଦର ସୁନ୍ଦର ବସା ତିଆରି କରିପାରନ୍ତି। ଥରେ ମନେ ପକାନ୍ତୁ ତ ତାଳଗଛ, ନଡ଼ିଆଗଛ, ଖଜୁରୀ ଗଛରେ ପବନରେ ଦୋହଲୁଥିବା ବାଇଚଢ଼େଇର ସୁନ୍ଦର ବସା। ବୁଲବୁଲ ପକ୍ଷୀ ଗଛଡାଳରେ କପ ଆକୃତିର ବସା ବାନ୍ଧିବାରେ ଧୁରନ୍ଧର। ଆମେ ପକ୍ଷୀଙ୍କ ପାଇଁ ଯୋଗାଉଥିବା ବସାଗୁଡ଼ିକ ଅନେକ ସମୟରେ ବିଭିନ୍ନ କୃତ୍ରିମ ସାମଗ୍ରୀରେ ନିର୍ମିତ ହୋଇଥାଏ। ଯାହା ତାଙ୍କ ପାଇଁ ବିପଜ୍ଜନକ ଓ ପରିବେଶ ପାଇଁ ହାନିକାରକ ହୋଇଥାଏ। ତା' ଛଡ଼ା ଆମେ ପ୍ରାକୃତିକ ଉପାଦାନରେ ନିର୍ମିତ ବସା ଯୋଗଇଲେ ବି ଥରେ ଭାବନ୍ତୁ ନା ଆମେ ପ୍ରକୃତିର ଏହି କୁଶଳୀ କାରିଗରକୁ ତା'ର କାରିଗରୀ କାର୍ଯ୍ୟରୁ ନିବୃତ୍ତ କରୁ ନାହାନ୍ତି କି? ପକ୍ଷୀଟି ନିଜ ପାଇଁ ନିଜେ ବସାଟିଏ ତିଆରି କଲେ ତା'ର ବସା ତିଆରି ଦକ୍ଷତା ବଜାୟ ରହିବ ଏବଂ ତା'ର ପରବର୍ତ୍ତୀ ପିଢ଼ିକୁ ବି ଏହି ପ୍ରକୃତିଦତ୍ତ କୌଶଳ ଶିକ୍ଷା ଦେଇପାରିବ।

ଘର ଆଖପାଖରେ ଯଦି ଆମକୁ ପକ୍ଷୀମାନଙ୍କୁ ଏଥିପାଇଁ ସାହାଯ୍ୟ କରିବାର ଅଛି ତେବେ ଆମେ ବସା ପାଇଁ ଆବଶ୍ୟକ ହେଉଥିବା ଶୁଖିଲା ଘାସ, ପତ୍ର, ଡାଳ, କାଦୁଅ ଆଦି ପ୍ରାକୃତିକ ସାମଗ୍ରୀ ଠୁଳ କରିପାରିବା। ପକ୍ଷୀମାନେ ଏହାକୁ ନେଇ ବସା ତିଆରିରେ ବ୍ୟବହାର କରିପାରିବେ। ଆହୁରି ମଧ୍ୟ ଘରବାଡ଼ି ବା ଖୋଲାସ୍ଥାନରେ ସ୍ଥାନୀୟ ପ୍ରଜାତିର ବୃକ୍ଷଲତା ରୋପଣ କରିପାରିଲେ ପକ୍ଷୀମାନଙ୍କୁ ଖାଦ୍ୟ ସାଙ୍ଗକୁ ବାସସ୍ଥାନ ବି ମିଳିଯବ। ଅନେକ ପକ୍ଷୀ ନିଜର ଶାବକମାନଙ୍କୁ ଜନ୍ମ ଏବଂ ଲାଳନପାଳନ କରିବା ପାଇଁ ଗଛର ଗହ୍ୱର, ବୁଦାବଣ ବା ଏକାନ୍ତ ସ୍ଥାନରେ ବସା ବାନ୍ଧିବା ପାଇଁ ପସନ୍ଦ କରନ୍ତି। ଈଶ୍ୱରଙ୍କର ସୃଷ୍ଟିରେ ପକ୍ଷୀଟିଏ ସୃଷ୍ଟି ହୋଇଛି ନୀଳ ଆକାଶରେ ଉଡ଼ି ବୁଲିବା ପାଇଁ, ପ୍ରକୃତିର କୋଳରେ ଘୂରିବୁଲି ଖାଦ୍ୟ ଖୋଜି ଖାଇବା ପାଇଁ। ପକ୍ଷୀମାନଙ୍କର ଉପସ୍ଥିତି, କିଚିରିମିଚିରି ସେହି ପରିବେଶ ପ୍ରାଣ ଭରେ, ପ୍ରକୃତିକୁ ସୁନ୍ଦର କରେ। ପକ୍ଷୀମାନଙ୍କୁ ପ୍ରକୃତି ସହିତ ଜଡ଼ିତ କରି ରଖିଲେ ସେମାନଙ୍କର ଉନ୍ନତି ହେବ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରହିବ। ପରିଶେଷରେ ଆମକୁ ନିର୍ଣ୍ଣୟ ନେବାର ଅଛି ପକ୍ଷୀମାନଙ୍କୁ ଖାଦ୍ୟ ଓ ବାସଗୃହ ଯୋଗାଇ ତାଙ୍କୁ ସ୍ୱଳ୍ପ କାଳ ପାଇଁ ସାହାଯ୍ୟ କରିବା ନା ତାଙ୍କର ଦୀର୍ଘସ୍ଥାୟିତ୍ୱ ଓ ପ୍ରାକୃତିକ ଜୀବନଧାରାକୁ ବଜାୟ ରଖିବା ପାଇଁ ତାଙ୍କୁ ପ୍ରକୃତି ସହିତ ଜଡ଼ିତ ରଖିବା।

ବରଗଡ଼, ମୋ: ୯୪୩୯୮୯୬୫୧୬

# ଇନ୍ଦ୍ରସ୍ୱାମୀ ମଠ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ମହାରାଷ୍ଟ୍ରରୁ ଏକ ତୀର୍ଥଯାତ୍ରୀଦଳ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେ ଦଳରେ ଥିଲେ ମହାପ୍ରଭୁଙ୍କର ପରମଭକ୍ତ ଓ କର୍ମାବାଈ ଖେଚୁଡ଼ି ଭୋଗର ପ୍ରବର୍ତ୍ତିକା କର୍ମାବାଈ ଏବଂ ତାଙ୍କର ଦୀକ୍ଷାଗୁରୁ ପରମ ବୈଷ୍ଣବ ଇନ୍ଦ୍ରସ୍ୱାମୀ। ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତେ ନିଜ ଦେଶକୁ ଫେରିଗଲେ। କିନ୍ତୁ କର୍ମାବାଈ ଓ ଇନ୍ଦ୍ରସ୍ୱାମୀ ବାକି ଜୀବନ ପାଇଁ କ୍ଷେତ୍ରବାସୀ ହୋଇ ନୀଳାଚଳରେ ରହିଗଲେ। କାୟମନୋବାକ୍ୟରେ ଜଗନ୍ନାଥଙ୍କୁ ଆରାଧନା କରିବାକୁ ଲାଗିଲେ।

କିଛିଦିନ ପରେ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେଲା। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ରୁଣ୍ଡ ହେଲେ। ଭକ୍ତ ଇନ୍ଦ୍ରସ୍ୱାମୀ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ସେ ଗଭୀର ଭାବେ ଚିନ୍ତାରେ ବୁଡ଼ି ରହିଥିଲେ - 'ମୁଁ ଯାହା ଜାଣେ ଶ୍ରୀମନ୍ଦିର ଭାଙ୍ଗିଗଲେ ମଧ୍ୟ ମହାପ୍ରଭୁ ରତ୍ନସିଂହାସନ ଛାଡ଼ି ଅନ୍ୟତ୍ର ଯିବେ ନାହିଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କଥା ଦେଇଥିଲେ। କିନ୍ତୁ ଆଜି ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ଚାଲି ଯାଉଛନ୍ତି! ତା'ହେଲେ ସ୍କନ୍ଦ ପୁରାଣର ବର୍ଣ୍ଣନା କ'ଣ ମିଛ?'

ଇନ୍ଦ୍ରସ୍ୱାମୀ ଏହିପରି ଗଭୀର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଘଣ୍ଟଘଣ୍ଟା ଧ୍ୱନୀ ଓ ହରିବୋଲ ହୁଳହୁଳି ଶବ୍ଦ ତାଙ୍କର ଧ୍ୟାନ ଭାଙ୍ଗି ଦେଲା। ଶ୍ରୀଜିଉମାନେ ରଥାରୂଢ଼ ହେଲେ। ତିନି ରଥ ଗୁଣ୍ଡିଚା ମନ୍ଦିର ଆଡ଼କୁ ଚାଲିଗଲେ। ସିଂହଦ୍ୱାରର ଭିଡ଼ ଭାଙ୍ଗି ଗଲା। କିନ୍ତୁ ମନ ଭିତରେ ଦ୍ୱନ୍ଦ୍ୱ ନେଇ ଇନ୍ଦ୍ରସ୍ୱାମୀ ସିଂହଦ୍ୱାର ପାଖରେ ଠିଆ ହୋଇ ରହିଲେ। ସେ ନିଜକୁ ବୁଝେଇ ଦେବାକୁ ଚେଷ୍ଟା କଲେ ବର୍ତ୍ତମାନ କେବଳ ଦାରୁବିଗ୍ରହ ମନ୍ଦିର ଛାଡ଼ି ଚାଲିଗଲେ ସିନା, ମହାପ୍ରଭୁଙ୍କର ଆତ୍ମା କେବେ ହେଲେ ରତ୍ନବେଦୀ ତ୍ୟାଗ କରି ନ ଥିବେ।

ଆଶ୍ରମକୁ ଫେରି ଆସି ଠାକୁରମାନଙ୍କୁ ରତ୍ନବେଦୀରେ ମାନସ ଦର୍ଶନ କରିବା ପାଇଁ ଧ୍ୟାନରେ ବସିଲେ। କିନ୍ତୁ ରତ୍ନସିଂହାସନ ଶୂନ୍ୟ ଥିବା ଧ୍ୟାନବଳରେ ଦେଖିବାକୁ ପାଇଲେ। ମନ ବ୍ୟାକୁଳ ହେଲା। ସେ ଶୋଇ ପାରିଲେ ନାହିଁ। ତା' ପରଦିନ ସକାଳେ ସେ ସ୍ନାନଶୌଚ ହୋଇ ଶ୍ରୀମନ୍ଦିର ଗଲେ। ସେବକମାନେ ଆଡ଼ପ ମଣ୍ଡପରେ ଥିବାରୁ ସେ ନିର୍ବିଘ୍ନରେ ଗର୍ଭଗୃହରେ ପ୍ରବେଶ କଲେ। କିନ୍ତୁ ସେ ସେଠାରେ ଯାହା ଦେଖିଲେ, ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ। ରତ୍ନ ସିଂହାସନ ଶୂନ୍ୟ ଥିଲା। କ୍ଷେତ୍ରପାଳ ଭୈରବ ଏକ ଭୟଙ୍କର ମୂର୍ତ୍ତି ଧରି ତାଙ୍କ ଆଗରେ ଠିଆ ହୋଇଗଲେ - ଲମ୍ବ କହରା ବାଳ, ବଡ଼ ବଡ଼ ଦାନ୍ତ, ବିରାଟ କାୟ ଶରୀର କାହିଁ କେତେ ଉପରକୁ ଲମ୍ବି ଯାଇଥିଲା। ଜଣେ ନିର୍ଭୀକ ସନ୍ନ୍ୟାସୀ ବୋଲି ତାଙ୍କର ଥିବା ଗର୍ବ ଭାଙ୍ଗି ଚୂନା ହୋଇଗଲା। ଭୟରେ ବରଡ଼ା ପତ୍ରପରି ଥରୁଥିବା ଅବସ୍ଥାରେ ସେ ଖନେଇ ଖନେଇ ପଚାରିଲେ - 'ଆପଣ କିଏ?' ଉତ୍ତର ଆସିଲା - 'ମୁଁ କ୍ଷେତ୍ରପାଳ ଭୈରବ। ମହାପ୍ରଭୁଙ୍କ ଅନୁପସ୍ଥିତିରେ ଶ୍ରୀମନ୍ଦିର ଓ ରତ୍ନବେଦୀର ସୁରକ୍ଷା ମୋର ଦାୟିତ୍ୱ। ସେ ସମୟରେ ରତ୍ନବେଦୀକୁ ସ୍ପର୍ଶ କରିବାର ଅଧିକାର ମୋ ବ୍ୟତୀତ ଆଉ କାହାର ନାହିଁ। ତୁମେ ଯଦି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହଁ, ତେବେ ଆଡ଼ପ ମଣ୍ଡପକୁ ଯାଇ ଦର୍ଶନ କର।'

ଅଦର୍ଶନର ଅସନ୍ତୋଷ, ମହାପ୍ରଭୁଙ୍କ ଉପରେ ଅଭିମାନ ଓ ଭୈରବଙ୍କୁ ଦେଖି ମନରେ ଜାତ ହୋଇଥିବା ଭୟ ଯୋଗୁଁ ଇନ୍ଦ୍ରସ୍ୱାମୀଙ୍କ ମନ ଅତ୍ୟନ୍ତ ଅସ୍ଥିର ହେଉଥିଲା। ସେ ଆଶ୍ରମକୁ ଫେରିଗଲେ। ସେ ଦିନ ରାତିରେ ଶୋଇ ପାରିଲେ ନାହିଁ। ହଠାତ ଆଶ୍ରମରେ ଏକ ଦିବ୍ୟଆଲୋକ ଆବିର୍ଭାବ ହେଲା। ତୁଳସୀ ଦୟଣାର ସୁଗନ୍ଧିରେ ଆଶ୍ରମ ମହକି ଉଠିଲା। ନିଜେ ମହାପ୍ରଭୁ ସେଠାରେ ବିଜେ କରି କହିଲେ- 'ଇନ୍ଦ୍ରସ୍ୱାମୀ, ମାତା ଗୁଣ୍ଡିଚା ଦେବୀ ଓ ଯଜ୍ଞରକ୍ଷୀମାନଙ୍କୁ ଦର୍ଶନ ଦେବା ପାଇଁ ମୁଁ ସାତଦିନ ପାଇଁ ଆଡ଼ପ ମଣ୍ଡପରେ ବିଜେ କରେ।'

ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇ ଇନ୍ଦ୍ରସ୍ୱାମୀ କୃତ୍ୟକୃତ୍ୟ ହେଲେ ଏବଂ ତାଙ୍କ ମନରେ ଥିବା ଶଙ୍କା ଦୂର ହେଲା। ମହାପ୍ରଭୁଙ୍କ ଶ୍ରୀମୁଖରୁ ଆଡ଼ପ ମଣ୍ଡପର ମହିମା ଶ୍ରବଣ କରି ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ - 'ଏହି ବର ଦିଅ ପ୍ରଭୁ ନିତ୍ୟ ମୁଁ ଆଡ଼ପ ବେଦୀ ପଖାଳିବି ମୁହିଁ ମୋ ସେବା ସ୍ୱରୂପ।' ତା'ପର ଦିନ ଇନ୍ଦ୍ରସ୍ୱାମୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ ମନ୍ଦିର ନିକଟରେ ଆଶ୍ରମ କରି ରହିଲେ। ଦୈନିକ ପବିତ୍ର ଆଡ଼ପ ମଣ୍ଡପକୁ ପୂଜା କରିବାରେ ବ୍ରତୀ ହେଲେ। ତାଙ୍କର ଆଶ୍ରମ ସମୟକ୍ରମେ ଇନ୍ଦ୍ରସ୍ୱାମୀ ମଠ ନାମରେ ପ୍ରସିଦ୍ଧ ହେଲା।

ମୋ: ୯୯୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ମୃତିରେ ପଦ୍ମିନୀ ରଥ

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ପଦ୍ମିନୀ ରଥଙ୍କ ବୈକୁଣ୍ଠ ପ୍ରାପ୍ତିକୁ ଇତିମଧ୍ୟରେ ୯ବର୍ଷ ବିତିଲାଣି। ତାଙ୍କ ଅବର୍ତ୍ତମାନ ଆମ ସମସ୍ତଙ୍କ ଭିତରେ ଏକ ଅପୂରଣୀୟ ଶୂନ୍ୟତା ଭରିଦେଇଛି। ଶାସ୍ତ୍ର କହେ, ବ୍ୟକ୍ତିର ମୃତ୍ୟୁ ଅଛି ହେଲେ, ବ୍ୟକ୍ତିତ୍ୱ ଚିର ଅମର। ପଦ୍ମିନୀଙ୍କ ବ୍ୟକ୍ତିତ୍ୱର ବର୍ଣ୍ଣାଳି ଚିହ୍ନା ଅଚିହ୍ନା ସମସ୍ତଙ୍କୁ ଆକର୍ଷିତ କରୁଥିଲା। ଶ୍ରଦ୍ଧାଶୀଳତା, ଉଦାରତା, ସମଦର୍ଶିତା ଓ ଶାନ୍ତ, ସ୍ନିଗ୍ଧ ଆଚରଣ ଓ ଉଚ୍ଚାରଣ ଥିଲା ତାଙ୍କର ସହଜାତ ଗୁଣ। 'ଡ୍ରିମ୍ସ' ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ପଶ୍ଚାତ୍‌ଭାଗରେ ପଦ୍ମିନୀଙ୍କ ପ୍ରେରଣା ଯେ ନିହିତ ଥିଲା, ଏକଥା ସମସ୍ତେ ସ୍ୱୀକାର କରିବେ। 'ଡ୍ରିମ୍ସ' ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ରାଜ୍ୟର ଜଣାଶୁଣା ଶିଳ୍ପପତି ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସହଧର୍ମିଣୀ ଭାବରେ କେବଳ ନୁହେଁ, ଜଣେ ଭଲ ମଣିଷ, ସୁଗୃହିଣୀର ପରିଚୟ ନେଇ ସେ ବିତାଇଥିଲେ ସାରା ଜୀବନ। ଅନେକଙ୍କ ପାଇଁ ସେଥିଲେ ପରଶମଣି ସଦୃଶ।



କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସୌରୀ ଗ୍ରାମରେ ୧୯୬୨ ଅକ୍ଟୋବର ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପଦ୍ମିନୀ। ପିତା ଗୋଲକ ଚନ୍ଦ୍ର ଶତପଥୀ ଓ ମାତା ଭବାନୀ ଶତପଥୀଙ୍କର ମଧ୍ୟମା କନ୍ୟା ଥିଲେ ସେ। 'ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟକାଳରୁ ହିଁ ପଦ୍ମିନୀଙ୍କର ସୁଗୁଣ ଆକର୍ଷିତ କରିଥିଲା ସମସ୍ତଙ୍କୁ। ସ୍କୁଲ ଶିକ୍ଷା ଶେଷ କରି କଲେଜରେ ପଢ଼ିଲେ ଓ ସ୍ନାତକ ଡିଗ୍ରୀ ବି ହାସଲ କଲେ। ଏହି ସମୟରେ ତାଙ୍କର ବିବାହ ହେଲା। କର୍ମଯୋଗୀ ଧନେଶ୍ୱର ରଥଙ୍କ ତୃତୀୟ ପୁତ୍ର ବଧୂ ଭାବରେ ସୌଭାଗ୍ୟବତୀ ପଦ୍ମିନୀ ସମୟକ୍ରମେ ଏକ ପୁତ୍ର ଓ କନ୍ୟା ସନ୍ତାନର ଜନନୀ ହେଲେ। ବହୁ କୁଟୁମ୍ବୀ ପରିବାର ଭିତରେ ତାଙ୍କର ବ୍ୟକ୍ତିତ୍ୱର ନିଆରାପଣ ଆକୃଷ୍ଟ କରୁଥିଲା ସଭିଙ୍କୁ। ସ୍ନେହ, ସଦିଚ୍ଛା ଓ ଭଲ ପାଇବାର ଡୋରିରେ ସମସ୍ତଙ୍କୁ ବାନ୍ଧି ରଖିବାର ମହନୀୟ ଗୁଣ ଭରି ରହିଥିଲା ତାଙ୍କ ପାଖରେ। ପରିବାର ଓ ଏହାର ପରିଧି ବାହାରେ ଅନେକଙ୍କ ପାଇଁ ସେଥିଲେ 'ପରଶମଣି' ସଦୃଶ। ତାଙ୍କରି ସାହାଯ୍ୟ ଓ ସଦିଚ୍ଛା ଯୋଗୁ ଅନେକ ଆଜି ଆଗକୁ ବଢ଼ିବାକୁ ସକ୍ଷମ ହୋଇପାରିଛନ୍ତି। ପ୍ରେରଣା ବଦଳରେ କେବେ କୌଣସି ପ୍ରତ୍ୟାଶା ରଖି ନଥିବା ପଦ୍ମିନୀଙ୍କ ପାଇଁ 'ପରୋପକାରାୟ ସ୍ୱର୍ଗାୟ ପାପାୟ ପର ପୀଡ଼ନ' ଥିଲା ଜୀବନ ଜୀଇଁବାର ମନ୍ତ୍ର। ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଭିତରେ ଥିଲେ ବି ସମାଜର ଅଭାବୀ, ଅବହେଳିତ, ଦୁଃଖୀରଙ୍କିଙ୍କ ପାଇଁ ତାଙ୍କ ମନ ଦରଜା ସବୁବେଳେ ଖୋଲାଥିଲା। ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତି, ଶିକ୍ଷାନୁଷ୍ଠାନର ପ୍ରଗତିରେ ତାଙ୍କର ଅକୁଣ୍ଠ ସହଯୋଗ ରହିଥିଲା। ୨୦୧୫ ଅଗଷ୍ଟ ୧୩ ତାରିଖରେ ଅବେଳରେ ଲିଭିଗଲା ପଦ୍ମିନୀଙ୍କ ଜୀବନ ଦୀପ। ତାଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ତାଙ୍କ କର୍ମଭୂମି ଟାଙ୍ଗୀରେ ସ୍ଥାପିତ ହୋଇଛି 'ପଦ୍ମିନୀ କେୟାର' ହସ୍‌ପିଟାଲ ଓ ମେଡିକାଲ କଲେଜ। ଯେଉଁଠି ଗ୍ରାମାଞ୍ଚଳର ସବୁବର୍ଗର ଲୋକେ ଚିକିତ୍ସା ସୁବିଧା ପାଉଛନ୍ତି, ମେଧାବୀ ଛାତ୍ରଛାତ୍ରୀ ପାଠପଢ଼ି ଦକ୍ଷ ଡାକ୍ତର ହେବାର ଅଭିଳାଷ ପୋଷଣ କରିଛନ୍ତି। ଏସବୁ ସମ୍ଭବ ହୋଇଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ଓ ପଦ୍ମିନୀ ରଥଙ୍କ ସୁକୃତ ପାଇଁ। ଆଜି ତାଙ୍କର ୧୦ମ ଶ୍ରାଦ୍ଧବାର୍ଷିକୀ। ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଥିଲେ ହେଁ ଅନେକଙ୍କ ହୃଦୟ ଓ ମନରେ ସେ ଚିର ଆୟୁଷ୍ମାନ୍। ଏହି ଅବସରରେ ତାଙ୍କ ସ୍ମୃତିକୁ ଆମେ ଶ୍ରଦ୍ଧାର ସହ ସ୍ମରଣ କରବା ସହ ଅମର ଆତ୍ମାର ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଜଣାଉଛି। ■

ନିରାକାର ସାହୁ, ଆବାହକ,
ଧନେଶ୍ୱର ରଥ ଫାଉଣ୍ଡେସନ୍,
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଟାଙ୍ଗୀ, କଟକ

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**କଟକ,୨୨।୭ (ସମିସ):** କଟକ ଜିଲ୍ଲା ବାରଙ୍ଗ ଥାନା ଅଞ୍ଚଳରେ ଜଣେ ୬ବର୍ଷିଆ ନାବାଳିକାଙ୍କୁ ଯୌନ ନିର୍ଯାତନା ତଥା ଦୁଷ୍କର୍ମ କରିବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦,୦୦୦ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଉଛି, ବାରଙ୍ଗ ଅଞ୍ଚଳର ଅଭିଯୁକ୍ତ କୈଳାସ ସୁନାର(୨୨)। ଗତ ନଭେମ୍ବର ୨୦, ୨୦୨୪ରେ ବାରଙ୍ଗ ଥାନାରେ ଏହି ମାମଲା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ କୈଳାସ ସୁନାର ପୀଡ଼ିତା ନାବାଳିକାଙ୍କୁ ଚକୋଲେଟ୍‌ର ପ୍ରଲୋଭନ ଦେଖାଇ ନରଣପୁରରେ ଥିବା ଏକ ଇଟାଭାଟି ପରିସରରେ ଦୁଷ୍କର୍ମ କରିଥିଲା। ଏପରିକି, ଘଟଣା ସଂକ୍ରାନ୍ତରେ କାହା ସମ୍ମୁଖରେ ପ୍ରକାଶ ନକରିବାକୁ ଧମକ ଦେଇଥିଲା। କିନ୍ତୁ ନାବାଳିକାଜଣଙ୍କ ନିଜ ପିତାମାତାଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

# ହତ୍ୟାକାରୀ ବାପ-ପୁଅଙ୍କୁ ଆଜୀବନ କାରାଦଣ୍ଡ

**ଅନୁଗୋଳ, ୨୨।୭ (ସମିସ):** ୨୦୨୧ ମସିହାରେ ବନ୍ତଲା ଥାନା ଅଧୀନ ବଡ଼କନ୍ତକୁଲୁ ଗ୍ରାମରେ ସଂଘଟିତ ଅଖିଳ ବେହେରା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପ-ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ପୈଠ ନ କଲେ ଅତିରିକ୍ତ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ, ଗ୍ରାମର ବିଶ୍ୱନାଥ ସାହୁ ଓ ତାଙ୍କ ପୁଅ ଶିଶିର ସାହୁ। ସୂଚନାନୁଯାୟୀ, ୨୦୨୧ଜୁନ୍ ୩୦ ତାରିଖ ଦିନ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବଡ଼କନ୍ତକୁଲୁର ବିଶ୍ୱନାଥ ଏବଂ ତାଙ୍କ ପୁଅ ଶିଶିର ବନ୍ଧୁକ ଓ ଟାଙ୍ଗିଆ ଧରି ସେହି ଗ୍ରାମର ଟୁଟୁ ବେହେରା ଏବଂ ତାଙ୍କ ପରିବାରଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରେ ପଶିଥିଲେ। ସେହି ସମୟରେ ଟୁଟୁଙ୍କ ପୁତୁରା ଅଖିଳ ବେହେରା ପ୍ରତିବାଦ କରିବାରୁ ଶିଶିର ତାକୁ ଗୁଳି କରିଥିଲେ। ଏଥିରେ ଅଖିଳଙ୍କ ମୃତ୍ୟୁ ଘଟିଥିଲା। ପରେ ବିଶ୍ୱନାଥ ଟାଙ୍ଗିଆରେ ଟୁଟୁଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଟୁଟୁଙ୍କ ଅଭିଯୋଗ ଆଧାରରେ ବନ୍ତଲା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଉଭୟ ବାପ-ପୁଅଙ୍କୁ ଗିରଫ କରିଥିଲା। ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ଏବଂ ଧ୍ରୁବଚରଣ ସାହୁ ଏହି ମାମଲା ପରିଚାଳନା କରୁଥିଲେ।

# ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

**ରାଜନଗର,୨୨।୭ (ସମିସ):** ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ।

ଭିତରକନିକାରେ ବଉଳା କୁମ୍ଭୀର, ୫ପ୍ରଜାତିର ଡଲଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ, ପାଣି ଗୋଧି ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖୁବାକୁ ମିଳେ। ସେହିପରି ହେନ୍ତାଳ ବଣ ସହ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାରହଜାର ସଂଖ୍ୟାରେ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି।

ଅପରପକ୍ଷେ, ରାଜନଗର ବନବିଭାଗ ପକ୍ଷରୁ ଗତବର୍ଷ ପର୍ଯ୍ୟଟକଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗବେରଙ୍ଗର ପକ୍ଷୀଙ୍କ କାକଳି ସହ ଜୀବନଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏୱାକ୍ ବ୍ରିଜ ନିର୍ମାଣ କରାଯାଇଥିଲା। ୬୦୦ ମିଟର ଲମ୍ବ ଯାଏ ଏହି ସ୍କାଏୱାକ୍ ନିର୍ମାଣ ହୋଇଛି। ସ୍କାଏୱାକ୍‌ଟି ମଝିରେ ମଝିରେ ଉଠାଣି ଗଡ଼ାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏୱାକର ଉଚ୍ଚତା ୧୫ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଏଥିରେ, ଟିକେ ଉପରୁ ଥାଇ ଜଙ୍ଗଲର ପ୍ରାକୃତିକ ଶୋଭାରାଜିକୁ ମନଭରି ଉପଭୋଗ କରିପାରିବେ ପର୍ଯ୍ୟଟକ।

■ ରାମିଆଳରେ ବୁଡ଼ିଗଲେ ଜଳଯୋଗାଣ କର୍ମଚାରୀ

# ଗେଟ୍ ସଫା କରୁକରୁ ଭାସିଗଲେ

**କାମାକ୍ଷାନଗର,୨୨।୭ (ସମିସ):** କାମାକ୍ଷାନଗର ସହର ନିକଟବର୍ତ୍ତୀ ରେଙ୍ଗୁଳା ରାମିଆଳ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ରେଙ୍ଗୁଳା ଗ୍ରାମର ପ୍ରଦୀପ୍ତ ବେହେରା। ପ୍ରଦୀପ୍ତ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରନ୍ତି। ଆଜି ସେ ନଦୀରେ ଥିବା ଜଳନିୟନ୍ତ୍ରଣ ଗେଟ୍ ସଫା କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ଭାସି ଯାଇଥିଲେ। ଏହା ଦେଖି ନିକଟରେ ଥିବା କିଛି କର୍ମଚାରୀ ଓ ସ୍ଥାନୀୟ ଲୋକ ତାଙ୍କୁ ଖୋଜାଖୋଜି କରିବା ସହ କାମାକ୍ଷାନଗର ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କାମାକ୍ଷାନଗର ଓ ଢେଙ୍କାନାଳ ଅଗ୍ନିଶମ ବାହିନୀଙ୍କ ସମେତ ଓଡ୍ରାଫ୍‌ର ଏକ



ଟିମ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ଅପରେସନ୍ ପରେ ପ୍ରଦୀପ୍ତଙ୍କୁ ଉଦ୍ଧାରକାରୀ ଦଳ ଠାବ କରିଥିଲେ। ପରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ରେଙ୍ଗୁଳା ଗ୍ରାମବାସୀ ଶବକୁ ରାସ୍ତାରେ ରଖି ରାସ୍ତାରୋକ କରିଥିଲେ। ପ୍ରଦୀପ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ତାଙ୍କ ପତ୍ନୀଙ୍କୁ ଚାକିରି ଦେବା ପାଇଁ ଦାବି କରିଥିଲେ। ଏହି ରାସ୍ତାରୋକ

**୨୦ ଲକ୍ଷ କ୍ଷତିପୂରଣ ଓ ପତ୍ନୀଙ୍କୁ ଚାକିରି ଦାବିରେ ରାସ୍ତାରୋକ**

ଯୋଗୁଁ କାମାକ୍ଷାନଗର-ଢେଙ୍କାନାଳ ମଧ୍ୟରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ କାମାକ୍ଷାନଗର ତହସିଲଦାର ଓ ଥାନା ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ଉତ୍ତ୍ୟକ୍ତ ଲୋକେ ଜିଦ୍‌ରେ ଅଡ଼ି ବସିଥିଲେ। ତେବେ ତହସିଲଦାର ଶୁଭ୍ରକାନ୍ତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ୧ଘଣ୍ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।


## AFFIDAVIT

I, Nasad Ali Khan S/o.: Ashaf Ali Khan, Resident of At/PO.: Mohana, P.S.: Salipur, Dist.: Cuttack, PIN-754201, Odisha, declare by this affidavit No.: 101, dated 16.07.2025, that now onwards I shall be known as **NAUSHAD ALI KHAN** for all future purposes.

## AFFIDAVIT

I, Pradipta Kumar Nanda S/o.: Late Raghunath Nanda, Resident of Village/PO.: Krushnapalipatana, Kalapathar, Dist.: Cuttack, PIN-754201, Odisha, declare by this affidavit No.: 9291, dated 10.03.2025, that now onwards I shall be known as **PRADIP KUMAR NANDA** for all future purposes.

## AFFIDAVIT

I, Asis Agrawal, S/o Shankarlal Agrawal, At - Weekly Market Road, PO/PS-Kantabanji, Dist- Bolangir - 767039 Odisha declare by this affidavit No- 44506, dtd. 21.07.2025 that now onwards I shall be known as **ASHISH AGRAWAL** for all future purposes.

Sd- ASHISH AGRAWAL

## AFFIDAVIT

By virtue of an affidavit sworn before the Executive Magistrate, G.Udayagiri on Dt.21.07.2025 I, Hemanta Kumar Pradhan, S/o.: Ghasiram Prdahan, Vil: Majumaha, PO.: Sudhipada, P.S.: Raikia, Dist.: Kandhamal-762100 declare that I have changed my minor son's name from Aryadev Prdahan to Akhil Pradhan. Henceforth, he will be known as **Akhil Pradhan** for all purposes.

## AFFIDAVIT

I, Sambobinodini Sahu (47) D/o Shantanu Kumar Sahu, At-Sukhalhar Samil Mahulia, Po.-Betnoti, Ps.-Betnoti, Dist-Mayurbhanj, Pin No-757025, Odisha declared by this affidavit No-4380 dtd.21.07.2025 that now onwards I shall be Known as **Shambobinodini Samal** for all future purposes.

Shambobinodini Sahu

## AFFIDAVIT

I, Sanjay Pradhan, S/o.- Kailash Chandra Pradhan, resident of - Sector-14, Qtr. No-B/210, Rourkela, Dist- Sundargarh, Pin-769009, Odisha declare by this affidavit No. 471, Dated: 21.07.2025 that now onwards I shall be known as **SANJAY KUMAR PRADHAN** for all future purposes.

## AFFIDAVIT

By virtue of an affidavit sworn before Notary Public, Bhubaneswar, dated 21.07.2025, I Kishorimani Ray, Address At- Basantapur, Po.- Ghutur, PS-Keonjhar Sadar, Dist- Keonjhar, Pin-758002, Odisha, declare that I have changed my name from **Kishori Mani Maharaj to Kishorimani Ray**. Henceforth, I shall be known as **Kishorimani Ray** for all purposes.

## OFFICE OF THE PANCHAYAT SAMITI
### JEYPORE, DISTRICT - KORAPUT

i-231

Letter No. 2765/2025 Dated. 19.07.2025

**E-TENDER CALL NOTICE**

Seal tenders are invited from Registered Contractor from State PWD / M.I / Irrigation / Rural works for execution of Building etc. The details information of which are made available in the **(www.tendersorissa.gov.in)** website and also in Koraput Dist. Website i.e **http://www.koraput.nic.in**. The date and time of apply & receive of Tender paper is from date. **23.07.2025 to 06.08.2025 up to 17.30 Hrs** through in the www.tendersorissa.gov.in website only.

Tender will be opened on **07.08.2025 at 11.00 Hrs** onwards in the Office of the Panchayat Samiti, Jeypore, Dist- Koraput.

OIPR-19065/11/0010/2526 **Sd/- Block Development Officer, Jeypore**

## OFFICE OF THE NOTIFIED AREA COUNCIL, BALIMELA
Odisha, Pin-764051, email: eonacbalimela@gmail.com

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ଆବର୍ଜନା ବାହନରେ ପକାଇବେ।
୦୨॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୦୫॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭॥ ସହରକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନକରି ପରିଷଦକୁ ସହଯୋଗ ପ୍ରଦାନ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସ୍ୱଚ୍ଛ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନ କୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

e-mail ID: rw_rayagada@yahoo.co.in

## GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION: RAYAGADA

O-453

**E-Procurement Notice**

**Bid Identification No: EERWRGD – Online – 02/2025-26**

Letter No. 2385 / Date 17.07.2025

| | | |
|---|---|---|
| 1 | Name of the Work | : Construction of Building works |
| 2 | Total No. of Works | : 3 Nos (Percentage rate tender) |
| 3 | Estimated Cost | : Varies from 3.98 lakhs to 31.81 lakhs |
| 4 | Class of Contractor | : "D","C" and "B" |
| 5 | Time of Completion | : Specified in DTCN. |
| 6 | Mode of submission of tender | : Tender should be submitted only in online https://www.tendersodisha.gov.in |
| 7 | Other details | : Detailed tender condition specified in DTCN. |

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 02/2025-26 | 03 (Three) Nos | 24.07.2025 at 11.00 A.M. | 07.08.2025 up to 5.00 P.M. | 08.08.2025 at 11.00 A.M. |

Further details can be seen from the website: **www.tendersodisha.gov.in**

OIPR-25072/11/0024/2526 **Executive Engineer, Rural Works Division**

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

**ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ**

**ଖରିଫ - ୨୦୨୫**

**ଭାରତ ସରକାର, ଓଡ଼ିଶା ସରକାର ଓ ଏଗ୍ରୀକଲଚର ଇନସ୍ୟୁରାନ୍ସ କମ୍ପାନୀ (ଏ.ଆଇ.ସି.)ର ମିଳିତ ସହଯୋଗରେ କାର୍ଯ୍ୟକାରୀ**

ଋଣୀ କୃଷକ: ଯଦି କୃଷକଙ୍କର ବ୍ୟାଙ୍କରେ ଅଧିସୂଚିତ ଫସଲ ପାଇଁ ଋଣ ସ୍ୱୀକୃତ / ନବୀକରଣ ହୋଇଛି କିନ୍ତୁ ବୀମା ଆଚରଣରୁ ନିବୃତ୍ତ ହେବାପାଇଁ ଆବେଦନ (Optout Application) ବୀମା ଅବଧି ଶେଷ ହେବାର 7 ଦିନ ପୂର୍ବରୁ ବ୍ୟାଙ୍କରେ ଦାଖଲ କରିନାହାନ୍ତି ତେବେ ସେମାନଙ୍କ ବୀମା କରିବା ବ୍ୟାଙ୍କମାନଙ୍କ ପାଇଁ ବାଧ୍ୟତାମୂଳକ।

ଅଣଋଣୀ କୃଷକ: ଅଣଋଣୀ କୃଷକମାନେ ଯୋଜନାରେ ସାମିଲ ହେବା ପାଇଁ ନିମ୍ନଲିଖିତ ଦସ୍ତାବିଜ ଆବଶ୍ୟକ :
୧. ଆଧାର କାର୍ଡର ନକଲ (ବାଧ୍ୟତାମୂଳକ)
୨. ବ୍ୟାଙ୍କ ପାସ ବହି କିମ୍ବା ଚେକର ନକଲ
୩. ଭୂମି ପ୍ରମାଣପତ୍ର / ଜମି ପଟ୍ଟାର ନକଲ
୪. ନିର୍ଦ୍ଧାରିତ ଫର୍ମରେ ସ୍ୱୀକାରୋକ୍ତି (Self-declaration)
୫. ଭାଗଚାଷୀ କ୍ଷେତ୍ରରେ ଜମି ମାଲିକଙ୍କ ଠାରୁ ସମ୍ମତି ପତ୍ର (ଜମି ମାଲିକଙ୍କ ଆଧାର କାର୍ଡର ନକଲ ସହିତ)
୬. ସମ୍ପୂର୍ଣ୍ଣ ପୂରଣ ହୋଇଥିବା ବୀମା ପ୍ରସ୍ତାବ ପତ୍ର
୭. ମୋବାଇଲ ନମ୍ବର (ଅଧିକୃତ ବୀମା ଏଜେଣ୍ଟ / ବୀମା ମଧ୍ୟସ୍ଥିଙ୍କ ଦ୍ୱାରା ବୀମା କରିବା ପାଇଁ OTP ଜରୁରୀ)

**ବୀମିତ ଫସଲ, ବୀମିତ ରାଶି ଓ ପ୍ରିମିୟମ**

ଚଳିତ ଖରିଫ ୨୦୨୫ ଋତୁରେ ଜଣେ ଚାଷୀ ସର୍ବାଧିକ ୨ ହେକ୍ଟର (୫ ଏକର) ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ ବିନା କୌଣସି ଦେୟରେ କରିପାରିବେ। ବ୍ୟାଙ୍କ ଆକାଉଣ୍ଟ Validation ପାଇଁ ଆବେଦନ ପତ୍ର (ଫ୍ଲଟ) ପିଛା କେବଳ ୧ ଟଙ୍କା ଦେବାକୁ ପଡିବ। ୨ ହେକ୍ଟର ପର୍ଯ୍ୟନ୍ତ କୃଷକଙ୍କର ବୀମା ପ୍ରିମିୟମ୍ ରାଜ୍ୟ ସରକାର ବହନ କରିବେ। ଜଣେ ଚାଷୀ ୨ ହେକ୍ଟରରୁ ଅଧିକ ଜମି ପଞ୍ଜିକରଣ କରିବାକୁ ଚାହୁଁଥିଲେ, ଅଧିକ ଜମି ପାଇଁ ବୀମାକୃତ ରାଶିର ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରିମିୟମ ଦର ହିସାବରେ ଦେବାକୁ ହେବ।

**ମୁଖ୍ୟ ବୀମା ସୁରକ୍ଷା ଓ ଲାଭ (ଗ୍ରାମ ପଞ୍ଚାୟତ / ବ୍ଲକ ଆଧାରିତ)**

ପ୍ରାକୃତିକ ବିପର୍ଯ୍ୟୟ, ରୋଗ ଏବଂ ପୋକ କାରଣରୁ ବୀମିତ ଫସଲର 'ପ୍ରକୃତ ଅମଳ' (AY) ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ / ବ୍ଲକ) ନିମନ୍ତେ ପୂର୍ବ ନିର୍ଦ୍ଧାରିତ 'ଧାର୍ଯ୍ୟ ଅମଳ' (TY) ଠାରୁ କମ୍ ହେଲେ , ବୀମାଭୁକ୍ତ ଚାଷୀଙ୍କୁ ସ୍ୱତଃପ୍ରବୃତ୍ତ ବୀମା କ୍ଷତିପୂରଣ ପ୍ରଦାନ। ଚାଷୀଙ୍କୁ ବ୍ୟକ୍ତିଗତ ଭାବେ କୌଣସି ପ୍ରକାର କ୍ଷତିର ସୂଚନା ଦେବାର ଆବଶ୍ୟକତା ନାହିଁ।

**ଅତିରିକ୍ତ ବୀମା ସୁରକ୍ଷା ଓ ଲାଭ**

୧. ଧାନ ବୁଣା କିମ୍ବା ରୁଆରେ ବିଫଳତା (ଗ୍ରାମପଞ୍ଚାୟତ ଆଧାରିତ): ଅଭାବୀ ବର୍ଷା / ପ୍ରତିକୂଳ ମୌସମ କାରଣରୁ ବିଜ୍ଞପିତ ଅଞ୍ଚଳରେ ୭୫%ରୁ ଅଧିକ ଶସ୍ୟ କ୍ଷେତ୍ରରେ ଧାନ ବୁଣା କିମ୍ବା ରୁଆ ହୋଇ ନପାରିଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ। କ୍ଷତିପୂରଣ ଦେବାପରେ ବୀମା ଆବରଣ ଅବଶିଷ୍ଟ ସମୟ ପାଇଁ ନିରସ୍ତ ହୋଇଯିବ। ବ୍ୟକ୍ତିଗତ କୃଷକ ଧାନ ବୁଣି କିମ୍ବା ରୋଇ ନପାରିଲେ ବୀମା କ୍ଷତିପୂରଣ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ।

୨. ସ୍ଥାନୀୟ ଆପଦ ଯୋଗୁଁ କ୍ଷତି (ବ୍ୟକ୍ତିଗତ ଆଧାରିତ): ଭୂସ୍ଖଳନ, କରକାପାତ, ବାଦଲଫଟା ବର୍ଷା, ପ୍ରାକୃତିକ ଅଗ୍ନିକାଣ୍ଡ ଓ ଜଳ ପ୍ଲାବନ କାରଣରୁ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ। ଏହିସବୁ କାରଣରୁ ବ୍ୟକ୍ତିଗତ ଫସଲ କ୍ଷତି ହେଲେ କୃଷକଙ୍କୁ ୭୨ ଘଣ୍ଟା ମଧ୍ୟରେ ବୀମା କମ୍ପାନୀକୁ ସୂଚନା ଦେବା ଅନିବାର୍ଯ୍ୟ। ଅନ୍ୟ କାରଣ (ଯଥା: ରୋଗ ପୋକ) ହେତୁ ଫସଲ କ୍ଷତି ହୋଇଥିଲେ ବ୍ୟକ୍ତିଗତ ଆଧାରରେ କ୍ଷତିପୂରଣ ଦିଆଯିବ ନାହିଁ। ଜଳ ପ୍ଲାବନ ଜନିତ କ୍ଷତି ଧାନ ଫସଲ ପାଇଁ ପ୍ରଯୁଜ୍ୟ ନୁହେଁ।

୩. ମଧ୍ୟବର୍ତ୍ତୀ କାଳୀନ ଫସଲ କ୍ଷତି (ଗ୍ରାମପଞ୍ଚାୟତ / ବ୍ଲକ ଆଧାରିତ): ପ୍ରତିକୂଳ ମୌସମ ଏବଂ ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା, ଭୟଙ୍କର ମରୁଡ଼ି) କାରଣରୁ ସାମ୍ଭାବ୍ୟ ଅମଳ ସ୍ୱାଭାବିକ ଅମଳର ୫୦%ରୁ କମ୍ ହେବା ସ୍ଥିତିରେ, ସାମ୍ଭାବ୍ୟ କ୍ଷତି ପୂର୍ତ୍ତି ରାଶିର ୨୫% ଅଗ୍ରୀମ କ୍ଷତିପୂରଣ।

୪. ଅମଳ ପରବର୍ତ୍ତୀ ଫସଲ କ୍ଷତି (ବ୍ୟକ୍ତିଗତ ଆଧାରିତ): ଧାନକଟାର ୧୪ଦିନ ଭିତରେ ବାତ୍ୟା, ବାତ୍ୟାଜନିତ ବର୍ଷା, କରକାପାତ କିମ୍ବା ଅଦିନିଆ ବର୍ଷା କାରଣରୁ ବିଲରେ ଶୁଖିବା ପାଇଁ ବିଛାଡ଼ି ହୋଇ ପଡ଼ିଥିବା କଟା ଧାନର କ୍ଷତି ହେଲେ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ। ଉପରୋକ୍ତ କାରଣରୁ ବ୍ୟକ୍ତିଗତ ଫସଲ କ୍ଷତି ହେଲେ କୃଷକଙ୍କୁ ୭୨ ଘଣ୍ଟା ମଧ୍ୟରେ ବୀମା କମ୍ପାନୀକୁ ସୂଚନା ଦେବା ଅନିବାର୍ଯ୍ୟ। ବିଲରେ କିମ୍ବା ଖଳାରେ ଗଦା କରି ରଖିଥିବା ଧାନ କ୍ଷତିଗ୍ରସ୍ତ ହେଲେ ବୀମା କ୍ଷତିପୂରଣ ପାଇଁ ବିଚାର ଯୋଗ୍ୟ ହେବ ନାହିଁ। ନିଆଁ ଲାଗିବା କାରଣରୁ ବ୍ୟକ୍ତିଗତ ଫସଲ କ୍ଷତି ବିଚାର ଯୋଗ୍ୟ ନୁହେଁ।

ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS/LAMPS), ବ୍ୟାଙ୍କ ଶାଖା, ଜନ ସେବା କେନ୍ଦ୍ର (CSC), ଜିଲ୍ଲା / ବ୍ଲକ କୃଷି ଅଧିକାରୀ, ARCS, DRCS ଅଫିସ୍, ଅଧିକୃତ ବୀମା ଏଜେଣ୍ଟ / ବୀମା ମଧ୍ୟସ୍ଥି, ଭାରତ ସରକାରଙ୍କ PMFBY ପୋର୍ଟାଲ (www.pmfby.gov.in) କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ମୁଖ୍ୟମନ୍ତ୍ରୀ ମକା ମିଶନ**

କୃଷକଙ୍କ ଜୀବିକା ଉପରେ ମକା ଚାଷର ପରିବର୍ତ୍ତନଶୀଳ ସମ୍ଭାବନାକୁ ସ୍ୱୀକୃତି ଦେଇ ଓଡ଼ିଶା ସରକାର ନବରଙ୍ଗପୁରରେ ଦେଖାଯାଇଥିବା ସଫଳତାକୁ ବିସ୍ତାର କରି ଏକ ଉଚ୍ଚକୋଟୀର ପଦକ୍ଷେପ ନେଇଛନ୍ତି। ଏହି ପ୍ରୟାସ ସମଗ୍ର ରାଜ୍ୟରେ ମକା ଚାଷର ବ୍ୟାପକ ପ୍ରୋତ୍ସାହନ ପାଇଁ ଉଦ୍ଦିଷ୍ଟ "ମୁଖ୍ୟମନ୍ତ୍ରୀ ମାକା ମିଶନ୍" (MMM) ନାମକ ଏକ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକାଶ ପାଇଛି। ଡାଲି ସହିତ ମକା ଇଣ୍ଟରକ୍ରପିଂକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବ୍ଲକ ୯୦ ହେକ୍ଟର ଟାର୍ଗେଟ କରିବା କୁ ଲକ୍ଷ୍ୟ ରଖିଛି ଏବଂ ତାସହିତ ୧୨୦୦ କୃଷକଙ୍କୁ ଫସଲ ପ୍ରଦର୍ଶନ ପାଇଁ ନିୟୋଜିତ ହୋଇଛନ୍ତି। ଇଣ୍ଟରକ୍ରପ୍ ପାଇଁ ଅନୁମୋଦିତ ଅର୍ଥ ହେଉଛି ହେକ୍ଟର ପ୍ରତି INR ୮୪୫୦ ସାର ଖତ ଔଷଧ ଓ ବିହନ ଆଦି ଖର୍ଚ୍ଚ ବାବଦ DBT ମାଧ୍ୟମରେ ପ୍ରଦାନ କରାଯାଉଛି। ଅନ୍ତଃ ଫସଲ ଅଭ୍ୟାସକୁ ଉତ୍ସାହିତ କରି, ଏହି କାର୍ଯ୍ୟକ୍ରମଟି କୃଷକଙ୍କ ଅମଳ ଏବଂ ଆୟର ସୁଯୋଗକୁ ବୃଦ୍ଧି କରିବା ସହିତ ବିବିଧ କରଣ ଏବଂ ନିରନ୍ତର କୃଷିର ଲାଭ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି।

ମକା ମୁଖ୍ୟ ଫସଲ ପାଇଁ ଚଳିତ ଖରିଫ ଋତୁ ରେ ମୋଟ ୪ ହଜାର ହେକ୍ଟର ମଧ୍ୟରୁ ବ୍ଲକ ପିଛା ୪ ଶହ ହେକ୍ଟର ଚାଷ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ସହିତ ସାର ଖତ ଔଷଧ, ବିହନ ଆଦି ବାବଦକୁ ମୋଟ ୮୫୦୦ ପ୍ରତି ହେକ୍ଟ ପିଛା ଚାଷୀ ମାନଙ୍କ DBT ମାଧ୍ୟମରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ମୋଡାଲିଟିଗୁଡିକ ଅନୁସାରେ ୮୫୦୦ ହେକ୍ଟର ପିଛା ମନୋକ୍ରପ, ୮୪୫୦ ହେକ୍ଟର ପିଛା ଇଣ୍ଟରକ୍ରପ ପାଇଁ DBT ମାଧ୍ୟମରେ ଚାଷୀ ମାନଙ୍କୁ ପ୍ରଦାନ କରାଯିବ।

ନବରଙ୍ଗପୁର ଜିଲ୍ଲାରେ ୨୦୨୫-୨୬ ଖରିଫ ପାଇଁ ମୋଟ ୪୯୦୦ ହେକ୍ଟର ମକା ପ୍ରଦର୍ଶନୀ କ୍ଷେତ୍ର ଯୋଜନା କରାଯାଇଛି।

**ଖରିଫ ଫସଲ ପାଇଁ ବୀମା କରିବାର ଶେଷ ତାରିଖ - ୩୧.୦୮.୨୦୨୫**
**ଏ.ଆଇ.ସି. ଟୋଲ୍ ଫ୍ରି ନମ୍ବର - ୧୮୦୦୧୯୦୪୧୧**

## CHINTAMANI JENA
### MAHILA HIGHER SECONDARY SCHOOL, CHHACHINA
ESTD. - 1987
P.O. - MUKULISHI, DIST. - BALASORE,
PIN - 756022 (ODISHA), PH - (06781) 258916

**WALK-IN-INTERVIEW**

Walk-in interview for engagement of Guest Faculty in the subject of Education, one Junior-Clerk-cum-Typist, & one D.F.D will be held at **1.00 PM on 28.07.2025** in our H.S. School. Interested candidates may appear for the interview with biodata & other required certificates.

Sd/- Principal
CJM HSS, Chhachina, Balasore

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
**୧୦୯ ତମ ବାର୍ଷିକ ସାଧାରଣ ସଭା ନୋଟିସ**

ନୋଟିସ୍ ନଂ.: ୧୪୮୪ ତାରିଖ: ୧୬.୦୭.୨୦୨୫

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୦୯ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୮.୦୮.୨୦୨୫ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଜୟୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭା ରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ତା.୨୫.୦୯.୨୦୨୪ରିଖ ରେ ଅନୁଷ୍ଠିତ ହୋଇଥିବା ୧୦୮ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୪-୨୦୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ୨୦୨୪-୨୦୨୫ ବର୍ଷର ସମୀକ୍ଷା ପତ୍ର ଓ ତତ ସଂଲଗ୍ନ ଆୟ ବ୍ୟୟ ପ୍ରାପ୍ୟ ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୪-୨୦୨୫ ବର୍ଷର ନିଟ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା (ଡିଏପି) ପଠନ ଓ ଦୃଢ଼ୀକରଣ।
୬. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସଭାପତିଙ୍କ ନିର୍ଦ୍ଦେଶ କ୍ରମେ
ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## 'ସ୍ୱଚ୍ଛ ସୁନାବେଡା ସୁସ୍ଥ ସୁନାବେଡା'
### ପୌର ପରିଷଦ କାର୍ଯ୍ୟାଳୟ, ସୁନବେଡା

ଦୈନିକ ଖବର କାଗଜ ସକାଳ ଜୟପୁର ସଂସ୍କରଣର ଚତୁର୍ଥ ବର୍ଷ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସୁନାବେଡା ପୌର ପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣା ବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକ ମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

**ଅନୁରୋଧ**

୧. ଅଳିଆ ଆବର୍ଜନା ଏଣେତେଣେ ନପକାଇ ସବୁଜ ଏବଂ ନୀଳ ରଙ୍ଗର ଡଷ୍ଟବିନ ବ୍ୟବହାର କରନ୍ତୁ।
୨. ପ୍ରତିଦିନ ସଫେଇ କର୍ମଚାରୀ ମାନଙ୍କୁ ଓଦା ଏବଂ ଶୁଖିଲା ଅଳିଆ ପୃଥକ ଭାବରେ ହସ୍ତାନ୍ତର କରନ୍ତୁ।
୩. ଖାଲିଥିବା ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ।
୪. ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତାଘାଟ ଅବରୋଧ କରନ୍ତୁ ନାହିଁ।
୫. ଗୃହ ପାଳିତ ପଶୁଙ୍କୁ ରାସ୍ତା ଘାଟରେ ବୁଲିବାକୁ ଛାଡନ୍ତୁ ନାହିଁ।
୬. ପରିଷଦଦ୍ୱାରା ନିର୍ମିତ ପାର୍କ , ଜିମ , ଗୋଷ୍ଠୀ କେନ୍ଦ୍ର ଆଦିର ରକ୍ଷାବେକ୍ଷଣରେ ସାହାଯ୍ୟ କରନ୍ତୁ।
୭. ପରିଷଦ ଦ୍ୱାରା ନିର୍ଧାରିତ ସମସ୍ତ ଟିକସ ଠିକ ସମୟରେ ପ୍ରଦାନ କରନ୍ତୁ ଏବଂ ପରିଷଦର ଉନ୍ନୟନ ନିମନ୍ତେ ସହାୟ ହୁଅନ୍ତୁ।
୮. ଖୋଲା ସ୍ଥାନରେ ମଳତ୍ୟାଗ ନକରି , ପାଇଖାନା ବ୍ୟବହାର କରନ୍ତୁ।
୯. ପରିଷଦ ଦ୍ୱାରା ନିର୍ମିତ ଡ୍ରେନ ମାନଙ୍କରେ ଅଳିଆ ଆବର୍ଜନା ପକାଇ ଡ୍ରେନ ଅବରୋଧ କରନ୍ତୁ ନାହିଁ।
୧୦. ଏହି ସହରର ସବୁଜ ଏବଂ ସୌନ୍ଦର୍ଯ୍ୟ କରଣ ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡା
ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ, ସୁନାବେଡା
ଶ୍ରୀମତୀ ରିତୁ କଣ୍ଡ, ଉପ ନଗରପାଳ, ପୌରପରିଷଦ, ସୁନାବେଡା
ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡା

## ଦାଦନ ଶ୍ରମିକଙ୍କ ପାଇଁ ଆଇନଗତ ସୁରକ୍ଷା

ପ୍ରତିବର୍ଷ ଏହି ଜିଲ୍ଲାରୁ କିଛି ଶ୍ରମିକ ବାହାର ରାଜ୍ୟକୁ କାର୍ଯ୍ୟକରିବା ଉଦ୍ଦେଶ୍ୟରେ ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଶ୍ରମିକ ସ୍ୱଇଚ୍ଛାରେ ଏବଂ ଅନ୍ୟ କେତେକ ଶ୍ରମିକ ଠିକାଦାର/ଏଜେଣ୍ଟଙ୍କ ମାଧ୍ୟମରେ ଯାଇଥାନ୍ତି। କେତେକ ସ୍ଥଳରେ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଅନେକ ଶ୍ରମିକ ବାହାର ରାଜ୍ୟରେ ନିର୍ଯ୍ୟାତିତ ହେଉଛନ୍ତି, କିନ୍ତୁ ସେମାନଙ୍କୁ ଠିକ୍ ସମୟରେ ଆବଶ୍ୟକ ସାହାର୍ଯ୍ୟ କରିବା ସମ୍ଭବ ହେଉନାହିଁ। କାରଣ ସେମାନେ ପ୍ରାୟତଃ ଅଣ ଲାଇସେନ୍ସ ପ୍ରାପ୍ତ ଠିକାଦାର/ଏଜେଣ୍ଟଙ୍କ ପ୍ରରୋଚନାରେ ଏବଂ ଜିଲ୍ଲା ପ୍ରଶାସନର ଅଗୋଚରରେ ରାଜ୍ୟ ବାହାରକୁ ଯାଇଥାନ୍ତି। ଏପରି ଶ୍ରମିକ ମାନଙ୍କ ବ୍ୟକ୍ତିଗତ ଓ ଅର୍ଥନୈତିକ ନିରାପତ୍ତା ରକ୍ଷାକରିବା ପାଇଁ ସରକାର ପ୍ରଣୟନ କରିଥିବା ଆନ୍ତଃରାଜ୍ୟ ପ୍ରବାସି ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ୍, 1979 ରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି। ଉକ୍ତ ଆଇନଗତ ବ୍ୟବସ୍ଥା ସଂପର୍କରେ ସମସ୍ତ ଦାଦନ ଶ୍ରମିକ ତଥା ଜନ ସାଧାରଣ ଅବଗତ ହେବା ଆବଶ୍ୟକ।

**ଠିକାଦାର/ଏଜେଣ୍ଟଙ୍କ ଦାୟିତ୍ୱ -**

୧. କୌଣସି ଠିକାଦାର/ଏଜେଣ୍ଟ୍ ଏହି ଜିଲ୍ଲାରୁ 5 (ପାଞ୍ଚ) ଜଣ କିମ୍ବା ତତୋଃଧିକ ଶ୍ରମିକଙ୍କୁ ନେଇ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ନେଉଥାନ୍ତି, ତେବେ ଉକ୍ତ ଆଇନ୍ ଅନୁଯାୟୀ ସଂପୃକ୍ତ ଠିକାଦାର/ଏଜେଣ୍ଟ୍ ଜିଲ୍ଲା ଶ୍ରମ ଅଧିକାରୀ, ନବରଙ୍ଗପୁରଙ୍କ ଠାରୁ ଅନୁମତି ପତ୍ର (Licence) ନେବାକୁ ବାଧ୍ୟ ଅଟନ୍ତି।

୨. ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ପଠାଇବା ବା ଚାଲାଣ କରିବା ପୂର୍ବରୁ ପ୍ରତି ଶ୍ରମିକଙ୍କ ଫଟୋ ଥିବା ଏକ ପାସ୍‌ବୁକ୍ ଉକ୍ତ ଠିକାଦାର/ଏଜେଣ୍ଟ୍ ସେମାନଙ୍କୁ ପ୍ରଦାନ କରିବେ। ସେଥିରେ ଶ୍ରମିକଟି କେଉଁ ଠାରୁ କାମ କରିବା ପାଇଁ ଯାଉଛନ୍ତି, ସେଠାରେ କେତେଦିନ କାମ କରିବେ, ସେମାନଙ୍କ ମଜୁରିହାର, ସ୍ଥାନଚ୍ୟୁତ ଭତ୍ତା, ଯାତାୟତ ଖର୍ଚ୍ଚ ବହନ ଆଦିର ସବିଶେଷ ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖିତ ହେବ। ଠିକାଦାର/ଏଜେଣ୍ଟ ମାନେ ସ୍ଥାନଚ୍ୟୁତ ଭତ୍ତା ଜଣପିଛା 15 (ପନ୍ଦର) ଦିନର ମଜୁରି ହିସାବରେ ଦେବେ ଓ ସେମାନଙ୍କର ସଂପୂର୍ଣ୍ଣ ଯାତାୟତ ଖର୍ଚ୍ଚ ପ୍ରବାସି ଶ୍ରମିକଙ୍କୁ ପ୍ରଦାନ କରିବେ। ଉକ୍ତ ଦେୟ ବାବଦକୁ ସେମାନଙ୍କ ମଜୁରିରୁ କାଟି ପାରିବେ ନାହିଁ। ଶ୍ରମିକମାନେ ନିଜ ଗ୍ରାମ (ବାସସ୍ଥାନ) ଛାଡ଼ିବା ଦିନଠାରୁ କାର୍ଯ୍ୟରେ ଯୋଗଦେଲେ ବୋଲି ଧରି ନିଆଯିବ ଏବଂ ସେହିଦିନ ଠାରୁ ତଥା ରାସ୍ତାରେ ଯିବା ସମୟରେ ମଜୁରି ସେମାନେ ପାଇବା ପାଇଁ ହକ୍‌ଦାର ଅଟନ୍ତି।

**ଶ୍ରମିକଙ୍କ ଦାୟିତ୍ୱ -**

କ) ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ସେମାନଙ୍କୁ ନେଉଥିବା ଠିକାଦାର/ଏଜେଣ୍ଟ ମାନଙ୍କୁ ଚିହ୍ନିବା ଦରକାର। ଉକ୍ତ ଠିକାଦାର/ଏଜେଣ୍ଟ୍ ଙ୍କର ଶ୍ରମିକ ସଂଗ୍ରହ/ନିଯୁକ୍ତିପାଇଁ ଉପଯୁକ୍ତ ଲାଇସେନ୍ସ ଅଛି କି ନାହିଁ, ଏ ବିଷୟରେ ଜାଣିବା ଦରକାର।

ଖ) ଶ୍ରମିକମାନେ ସେମାନଙ୍କର ବାସସ୍ଥାନ ଛାଡ଼ିବା ପୂର୍ବରୁ ଠିକାଦାର/ଏଜେଣ୍ଟଙ୍କ ଠାରୁ ପାସ୍‌ବୁକ୍, ଅଣଫେରନ୍ତ ସ୍ଥାନଚ୍ୟୁତ୍ ଭତ୍ତା ଓ ଯାତାୟତ ଖର୍ଚ୍ଚ ମାଗି ରଖିବା ଦରକାର।

ଗ) ଶ୍ରମିକମାନେ କେଉଁ ସ୍ଥାନକୁ କାମ କରିବାକୁ ଯାଉଛନ୍ତି, ସେ ସଂପର୍କରେ ନିଜେ ଅବଗତ ହେବା ସଙ୍ଗେ ସଙ୍ଗେ ଗାଁ ଛାଡ଼ିବା ପୂର୍ବରୁ ନିଜର ଗ୍ରାମ ପଞ୍ଚାୟତ, ନିକଟସ୍ଥ ପୋଲିସ ଥାନା କିମ୍ବା ଶ୍ରମ କାର୍ଯ୍ୟାଳୟରେ ଜଣାଇବା ଆବଶ୍ୟକ।

ଘ) ପ୍ରବାସି ଶ୍ରମିକମାନେ କାର୍ଯ୍ୟସ୍ଥଳୀ ରାଜ୍ୟର ଘୋଷିତ ସର୍ବନିମ୍ନ ମଜୁରି ସମାନ କାମକୁ ସମାନ ମଜୁରି, କାର୍ଯ୍ୟ କରିବା ନିମନ୍ତେ ଉପଯୁକ୍ତ ପରିବେଶ ରହିବା ପାଇଁ ସ୍ଥାନ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା, ଶୀତବସ୍ତ୍ର ତଥା କାର୍ଯ୍ୟ ସାଧନ ସାମଗ୍ରୀ ଠିକାଦାର/ଏଜେଣ୍ଟଙ୍କ ଠାରୁ ପାଇବା ପାଇଁ ହକ୍‌ଦାର ଅଟନ୍ତି।

ଙ) ମହିଳା ଶ୍ରମିକ ମାନଙ୍କୁ ସେମାନଙ୍କର ଗର୍ଭବସ୍ଥାର ଶେଷ ପର୍ଯ୍ୟାୟରେ କଠିନ କାର୍ଯ୍ୟରେ ନିଯୁକ୍ତି ଦିଆଯାଇ ପାରିବ ନାହିଁ। ସେମାନଙ୍କର ଶିଶୁମାନଙ୍କୁ ଖୁଆଇବା ପାଇଁ ମହିଳା ଶ୍ରମିକଙ୍କୁ ଦିନକୁ ଦୁଇଥର ବିରତ ସମୟ ଦିଆଯିବାର ବିଧି ବ୍ୟବସ୍ଥା ଅଛି।

ଚ) ଶ୍ରମିକଙ୍କର ଦେହ ଅସୁସ୍ଥ କିମ୍ବା ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେଲେ, ସେମାନଙ୍କର ଚିକିତ୍ସା ପାଇଁ ସଂପୃକ୍ତ ଠିକାଦାର/ଏଜେଣ୍ଟ୍ ସଂପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଯଦି କୌଣସି ଶ୍ରମିକଙ୍କର କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା ଜନିତ ଆଘାତ କିମ୍ବା ରୋଗ ହେତୁ ମୃତ୍ୟୁ ହୋଇଯାଏ, ତେବେ ତାର ସଂପର୍କୀୟ ମାନେ ତତ୍‌ଜନିତ କ୍ଷତି ପୂରଣ ନିଶ୍ଚିତ ଭାବେ ପାଇବେ।

ଛ) କାର୍ଯ୍ୟ କ୍ଷେତ୍ରରେ କୌଣସି ଶ୍ରମିକ କୌଣସି ପ୍ରକାରର ଶୋଷଣ, ନିର୍ଯ୍ୟାତନାର ଶୀକାର ହେଲେ ସଙ୍ଗେ ସଙ୍ଗେ ସଂପୃକ୍ତ ରାଜ୍ୟର ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରନ୍ତୁ।

ଏଣୁ ଏହି ଆଇନ୍‌ର କାର୍ଯ୍ୟକାରିତା ତଥା ପ୍ରତିପାଳନ ପାଇଁ ଠିକାଦାର, ଏଜେଣ୍ଟ୍, ଶ୍ରମିକ ତଥା ଜନ ସାଧାରଣଙ୍କର ସହଯୋଗ ନିତାନ୍ତ ଜରୁରୀ।

ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ଜାଣିବା ପାଇଁ - ଫୋନ କରନ୍ତୁ (ଟୋଲଫ୍ରି ନମ୍ବର - 155368)
ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର

**ବାଡ଼ ଖାଉଛି ଫସଲ**

# ରେଞ୍ଜ ଅଫିସ୍ ନା ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି

ନୟାଗଡ଼, ୨୨।୭ (ସମିସ)

ନୟାଗଡ଼ ବନବିଭାଗ ଜଙ୍ଗଲ ସୁରକ୍ଷା ବଦଳରେ ଜଙ୍ଗଲ ଲୁଟ କରୁଛି। ବନ କର୍ମଚାରୀମାନେ ନିଜ ସ୍ୱାର୍ଥ ସାଧନକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବନୀକରଣ ନାଁରେ ସରକାରୀ ଅର୍ଥକୁ ଅପବ୍ୟୟ କରୁଥିବା ବେଳେ ଏବେ ବନ କର୍ମଚାରୀ କାର୍ଯ୍ୟାଳୟରେ କାଠ ଫର୍ଣ୍ଣିଚର କାର୍ଯ୍ୟ କରି

- ୪ ମାସ ହେଲା ଚାଲିଛି କାଠ କାମ
- ପୂରଣ ହେଉଛି ବଡ଼ ଅଧିକାରୀଙ୍କ ସଉକ

ବଡ଼ ଅଧିକାରୀଙ୍କ ସଉକ ପୂରଣ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ନୟାଗଡ଼ ବନାଞ୍ଚଳ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଫର୍ଣ୍ଣିଚର କାମ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଯାହା ଆଜି ଗଣମାଧ୍ୟମ ସାମ୍ନାକୁ ଆସିଛି। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ପୁରୁଣା କ୍ୱାର୍ଟର ତଥା ନୂତନ ଭାବେ ନିର୍ମାଣ କରାଯାଇଥିବା ବନାଞ୍ଚଳ କାର୍ଯ୍ୟାଳୟ ପଛ ପାଖରେ କିଛି କାଠମିସ୍ତ୍ରିଙ୍କୁ ଧରି ଏଭଳି କାରନାମା ଚାଲିଥିବା ଦେଖାଯାଇଛି।





ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାଠ କାମ ଚାଲିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏଠାରେ କାର୍ଯ୍ୟ ଚାଲୁଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଦେଖାଯାଇଛି। କବାଟ, ଝରକା, ଡାଇନିଂ ସେଟ୍, ବକ୍ସ ଖଟ ପ୍ରଭୃତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତିତ ଦୁଇଟି ସଟର ରୁମ ତଥା ପୁରୁଣା ଗ୍ୟାରେଜ୍ ଘରେ ବ୍ୟାପକ ପରିମାଣର କାଠ ପଟା ମହଜୁଦ ରଖାଯାଇଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଦୀର୍ଘ ୪ ମାସ ହେଲା ଏଠାରେ କାଠ ଆସବାବ ପତ୍ର ନିର୍ମାଣ କରାଯାଉଛି। ଏହି ଆସବାବ ପତ୍ରକୁ ବନବିଭାଗ ବରିଷ୍ଠ ଅଧିକାରୀଙ୍କ ଘରକୁ ପଠାଯାଉଛି। ଦାମୀ କାଠରେ ଖଟ ଏବଂ ଡାଇନିଂ ସେଟ୍ ନିର୍ମାଣ କରି କିଛି ବନକର୍ମଚାରୀ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଆଜି ହଠାତ୍ ଗଣମାଧ୍ୟମ ପ୍ରତିନିଧିମାନେ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ହଡ଼ ବଡ଼େଇ ଯାଇଥିଲେ। ଏ ସବୁ ବନବିଭାଗ ବଙ୍ଗଳା ଏବଂ କ୍ୱାର୍ଟର ପାଇଁ ନିର୍ମାଣ କରାଯାଉଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କଠାରୁ ଅନୁମତି ଅଣା ଯାଇଥିବା ବେଳେ ରୟାଲିଟ୍ ମଧ୍ୟ ଡିପୋଜିଟ୍ ହୋଇଥିବା କହିଥିଲେ। ବିଭିନ୍ନ ୟୁଡି କେସରେ ଜବତ ହୋଇଥିବା କାଠରେ ବନବିଭାଗ ପାଇଁ ଆବଶ୍ୟକ ଆସବାବପତ୍ର ନିର୍ମାଣ ହେଉଥିବା କହିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ନୟାଗଡ଼ ବନାଞ୍ଚଳ ଅଧିକାରୀଙ୍କ ପାଇଁ ନିର୍ମାଣ କରାଯାଉଥିବା କ୍ୱାର୍ଟରରେ ସମସ୍ତ କବାଟ, ଝରକା ଲାଗି ସାରିଥିବା ଦେଖିବାକୁ ମିଳିଛି। ତଥାପି ଆହୁରି କବାଟ ଝରକା ନିର୍ମାଣ କରାଯିବା, ବିଳାସପୂର୍ଣ୍ଣ ଖଟ ଓ ଡାଇନିଂ ସେଟ୍ ନିର୍ମାଣ କରାଯିବା ଘଟଣାକୁ ଆହୁରି ସମ୍ବେଦନଶୀଳ କରୁଛି। ବନବିଭାଗ ବରିଷ୍ଠ ଅଧିକାରୀ ଏହି ଘଟଣାର ଛାନଭିନ୍ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଯୌନ ନିର୍ଯାତନାକୁ ବିରୋଧ ପାଇଁ ଶପଥ

ଭାପୁର, ୨୨।୭ (ସମିସ): ସମାଜର ପ୍ରତ୍ୟେକ ସ୍ତରରେ ନାରୀ ସୁରକ୍ଷା ବିଶେଷ କରି ଉଚ୍ଚ ଶିକ୍ଷିତାଙ୍କ କ୍ଷେତ୍ରରେ ଯୌନ ନିର୍ଯାତନା ବୃଦ୍ଧି ପାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଏହାର ଶିକାର ଅଧିକ ହେଉଛନ୍ତି। ଏହାର ନିରାକରଣ ପାଇଁ ଯୁବ ସମାଜ ସଚେତନତା ହେବାର ଆବଶ୍ୟକତା ରହିଛି। ମଙ୍ଗଳବାର ଦିନ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଟିକିରିପଡ଼ା ସ୍ଥିତ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ ଅଧାପକଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜିତ ହୋଇ ସମସ୍ତ ଛାତ୍ରଛାତ୍ରୀ ଯୌନ ନିର୍ଯ୍ୟାତନାକୁ ବିରୋଧ କରିବା ଓ ଅନ୍ୟଙ୍କୁ ସଚେତନତା କରାଇବା ପାଇଁ ଶପଥ ପାଠ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୌରୋହିତରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧାପକ ପ୍ରସନ୍ନ କୁମାର ମହାରଣା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଛାତ୍ରଛାତ୍ରୀମାନେ ଶପଥ ପାଠ କରି ଯୌନ ନିର୍ଯ୍ୟାତନା ଭଳି କୁତ୍ସିତ କାର୍ଯ୍ୟକୁ ବିରୋଧ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ନେଇ ସଚେତନତା କରାଇବେ ବୋଲି ଶପଥ କରିଥିଲେ। ସମାଜକୁ ଏପରି ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବା କାର୍ଯ୍ୟକ୍ରମରେ ଅଧାପକ ସତ୍ୟସୁନ୍ଦର ଦାଶ, ଲକ୍ଷ୍ମୀଧର ଜେନା, ଦାଶରଥି ରାଉତ, ପ୍ରକାଶ କୁମାର ସାହୁ, ମାୟାଧର ରାଉତରାୟ, ଜ୍ୟୋତି ପ୍ରକାଶ ସୁବୁଦ୍ଧି, ବିଜୟ ଲକ୍ଷ୍ମୀ ମଙ୍ଗରାଜ, ସଂଘମିତ୍ରା ଆଚାର୍ଯ୍ୟ ଓ ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ।

**■ ପାଇପ୍ ଲାଇନ୍ ବିଛାଇବା ବେଳେ ଅଘଟଣ**

## ଦବିଗଲା ନୟାଗଡ଼ ଗୋଲେଇ ଛକ




ନୟାଗଡ଼, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବହୁ ବିରୋଧ ସତ୍ତ୍ୱେ ନୟାଗଡ଼ ସହର ଦେଇ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ନୟାଗଡ଼ ଗୋଲେଇ ଛକରେ ଚ୍ୟାମ୍ବର ନିର୍ମାଣ କରିବା ସହ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରୁଛି। ଆଜି ନିର୍ମାଣଧୀନ ଚ୍ୟାମ୍ବରଠାରୁ ଗୋଲେଇ ଛକ ଦେଇ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଥିବା ବେଳେ ଗୋଲେଇ ଛକ ରାସ୍ତା ଦବି ଯାଇଛି। ୪ ଫୁଟ ଖାଲ ହେବା ସହ ମାଟି ଦବି ଯିବାରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଯାଇଛି। ଟ୍ରାଫିକକୁ ଏକ ପାଖିଆ କରାଯାଇଥିବା ବେଳେ ଏହି ଅଘଟଣରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ଦୁଇ ବର୍ଷ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟ କରାଯାଇ ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକକୁ ଗୋଲେଇ ଛକରେ ପରିଣତ କରାଯାଇଥିଲା। ଏହି କାର୍ଯ୍ୟ ନୟାଗଡ଼କୁ ଏକ ନୂତନ ସୌନ୍ଦର୍ଯ୍ୟ ଦେଇଥିଲା। ଗୋଲେଇ ଛକ ଦେଇ ପାଇପ ଲାଇନ ବିଛାଇବା ଦ୍ୱାରା ମାଟି ଦବି ଯାଇଛି। ଏହି ପାଇପ୍ ଲାଇନ ଦ୍ୱାରା ଭବିଷ୍ୟତରେ ମଧ୍ୟ ଅଘଟଣ ଆଶଙ୍କା କରାଯାଉଛି।

**■ ମୃତ ଲୋକଙ୍କ ନାଁରେ ଋଣ ଉଠାଣ ଘଟଣା**

## କୋମଣ୍ଡ ପୂର୍ବତନ ସମ୍ପାଦକଙ୍କୁ ଜେଲଦଣ୍ଡ

ନୟାଗଡ଼/ଓଡ଼ଗାଁ, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା କୋମଣ୍ଡ ସେବା ସମବାୟ ସମିତିରେ ଅନିୟମିତତା ଘଟଣାରେ ଭିଜିଲାନ୍ସ ବିଭାଗ ଦ୍ୱାରା ହୋଇଥିବା ମାମଲାରେ ପୂର୍ବତନ ସମ୍ପାଦକ ପ୍ରଫୁଲ କୁମାର ମିଶ୍ରଙ୍କୁ ୪ ବର୍ଷ ଜେଲ ଦଣ୍ଡ ସହ ଜରିମାନା ଆଦେଶ ହୋଇଛି। କୋମଣ୍ଡ ପ୍ରାଥମିକ କୃଷିଋଣ ସମବାୟ ସମିତିରେ ୧୫ ବର୍ଷ ପୂର୍ବେ ମୃତ ଲୋକଙ୍କ ନାଁରେ ଋଣ ଉଠାଣ ଘଟଣାର ଅଭିଯୁକ୍ତ ତତ୍କାଳୀନ ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱରଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇ, ଜରିମାନା ସହିତ ୪ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ମଙ୍ଗଳବାର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଘଟଣା ଅନୁଯାୟୀ ୨୦୧୦ ମସିହାରେ ପ୍ରଫୁଲ୍ଲ କୁମାର ମିଶ୍ର କୋମଣ୍ଡ ପ୍ରାଥମିକ କୃଷିଋଣ ସମବାୟ ସମିତିର ସମ୍ପାଦକ ଥିବା ବେଳେ କୋମଣ୍ଡ ଅନ୍ତର୍ଗତ ଉଦୟପୁର ଗାଁର ମୃତ ଆନନ୍ଦ ପ୍ରଧାନଙ୍କ ନାମରେ ୨୫ ହଜାର ଟଙ୍କାର ଋଣ ଉଠାଣ ହୋଇଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ଆର୍ଥିକ ଅନିୟମିତତାର ତଦନ୍ତ ଭାର ଭିଜିଲାନ୍ସ ବିଭାଗ ଭୁବନେଶ୍ୱର ନେଇଥିଲେ। କୃଷି ଋଣର ଅପବ୍ୟବହାର ପାଇଁ ଓଡ଼ିଶା ଭିଜିଲାନ୍ସରେ ମାମଲା ରୁଜୁ ହୋଇଥିଲା। ବର୍ତ୍ତମାନ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦୋଷୀ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରାଧିକୃତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ସମ୍ପର୍କରେ ଅନୁସନ୍ଧାନ ବେଳେ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ତତ୍କାଳୀନ କ୍ୟାସିୟର ସ୍ୱର୍ଗତ ଜଗନ୍ନାଥ ଚୌଧୁରୀଙ୍କୁ ଉକ୍ତ ଘଟଣାରେ ମଧ୍ୟ ନିଲମ୍ବନ କରାଯାଇଥିଲା। ଡି. ଘଡ଼େଇ ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ଭୁବନେଶ୍ୱର, ଏ/ପି ରାଉରକେଲା ଡିଭିଜନ ଇନ୍ସପେକ୍ଟର ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଭିଜିଲାନ୍ସ ତରଫରୁ ପବ୍ଲିକ ପ୍ରସକ୍ୟୁଟର ବିଶ୍ୱରଞ୍ଜନ ରାଉତ, ଶୈଳଜା କୁମାର ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ଗୋଚର ଜମି ଜବର ଦଖଲ ଅଭିଯୋଗ

ନୟାଗଡ଼, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟଙ୍କ ଘର ଏକ ଗୋଚର ଜମିରେ ନିର୍ମିତ ହୋଇଥିବା ଆଜି ଭାପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ କରାଯିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି। ଭାପୁର ପଞ୍ଚାୟତ ଭାପୁର ଗ୍ରାମରେ ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁଙ୍କ ବାପା ତ୍ରିନାଥ ସାହୁ ଏକ ଘର ବହୁ ବର୍ଷ ତଳେ ନିର୍ମାଣ କରିଛନ୍ତି। ଏହା ଏକ ଗୋଚର କିସମ ଜମି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗ୍ରାମର ଜନୈକ ବ୍ୟକ୍ତି ସୁଦର୍ଶନ ଦେହୁରୀ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

## ଅଙ୍ଗଦାନ କରିଥିବା ଯୁବକଙ୍କ ବିୟୋଗରେ ସ୍ମୃତିସଭା

କଣ୍ଟିଲୋ, ୨୨।୭ (ସମିସ): କଣ୍ଟିଲୋ ଗ୍ରାମପଞ୍ଚାୟତ ପକ୍ଷରୁ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ଅଙ୍ଗଦାନ କରିଥିବା ମୃତକ ଯୁବକ ସୌମ୍ୟରଞ୍ଜନ ବେହେରାଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ଖଳିସାହି ଜୋନ ଜିଲ୍ଲାପରିଷଦ ସଭ୍ୟା ରାମେଶ୍ୱର ଶତପଥି, ସାମ୍ବାଦିକ ପ୍ରଭାକର ଶିରୋମଣୀ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ଗଣ ଯୋଗଦେଇ ସ୍ୱର୍ଗତ ସୌମ୍ୟଙ୍କ ସୁଗୁଣା ବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରି ଉଦାହରଣ ପାଲଟିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୃତକ ଯୁବକ ମାଛ ବ୍ୟବସାୟ ଭାବେ ଜଣା ଶୁଣାଥିଲେ। ଗତ ୮ ଦିନ ପୂର୍ବେ ସେ ହଠାତ ଖସି ପଡ଼ିଥିଲେ। ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ହେଉଥିବା ସମୟରେ ବ୍ରେନ ଡେଡ ହୋଇଯାଇଥିଲା। ତାଙ୍କ ଅକାଳ ବିୟୋଗ ପରେ ତାଙ୍କ ଭାଇ, ଭଉଣୀ ଓ ସମ୍ପର୍କୀୟଙ୍କ ନିଷ୍ପତି କ୍ରମେ କିଡ୍ନୀ, ଲିଭର ଆଦି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରାଯାଇଥିଲା। ପରିବାର ଏହି ନିଷ୍ପତି ଅନ୍ୟକୁ ନୂତନ ଜୀବନ ପ୍ରଦାନ କରିଛି ଓ ଅନ୍ୟଙ୍କ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ।

**ଅନୁନ୍ନତ ଗଣିଆ ବ୍ଲକ**

## ୨ ବର୍ଷରେ ବଦଳିଲେଣି ୪ ବିଡ଼ିଓ

ଗଣିଆ, ୨୨।୭ (ସମିସ): ଆଦିବାସୀ ଅଧ୍ୟୁଷିତ ତଥା ବଣଜଙ୍ଗଲ ଘେରା ଅଞ୍ଚଳ ଭାବେ ପରିଗଣିତ ଗଣିଆ ବ୍ଲକ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଏଠାରେ ବିପର୍ଯ୍ୟସ୍ତ। ବିଦ୍ୟାଳୟରେ ଶିକ୍ଷକ ନଥିବା ବେଳେ ମେଡିକାଲରେ ଡାକ୍ତର ନାହାନ୍ତି। ଗାଁକୁ ପକ୍କା ସଡ଼କ ନଥିବା ବେଳେ ବିଶୁଦ୍ଧ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି ଗ୍ରାମବାସୀ। ଏଭଳି ଅନୁନ୍ନତ ବ୍ଲକ ଏବେ ମୂରବୀ ବିହିନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଡ଼ିଓଙ୍କ ଭୂମିକା ଏହି ବ୍ଲକରେ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଗତ ୨ ବର୍ଷରେ ୪ ଜଣ ବିଡ଼ିଓଙ୍କ ବଦଳି ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ୨୦୨୩ ଜାନୁୟାରୀ ମାସ ୧ ତାରିଖରେ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କ ବଦଳି ପରେ ଦାୟିତ୍ୱ ଗ୍ରହଣ କରିଥିଲେ ଅତିରିକ୍ତ ବିଡିଓ ରତନଲାଲ ଲୋହରା। ୨୦୨୩ ଫେବୃୟାରୀ ୧୩ ତାରିଖରେ ନୂତନ ବିଡ଼ିଓ ଖଗେଶ୍ୱର ପାତ୍ର ଦାୟିତ୍ୱ ନେଇଥିଲେ। ତାଙ୍କର ବଦଳି ହେବାରୁ ୨୦୨୩ ଅଗଷ୍ଟ ୧୫ରୁ ପୁଣି ଥରେ ଅତିରିକ୍ତ ବିଡିଓ ଶ୍ରୀଯୁକ୍ତ ଲୋହରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୩ ଅକ୍ଟୋବର ୨୬ ତାରିଖରେ ନୂତନ ବିଡ଼ିଓ ଭାବେ ଡମ୍ବରୁଧର ମଲ୍ଲିକ ଯୋଗ ଦେଇଥିଲେ। ୪ ମାସ ପରେ ତଥା ୨୦୨୪ ମସିହା ଫେବୃୟାରୀ ୨୭ ତାରିଖରେ ତାଙ୍କର ମଧ୍ୟ ବଦଳି ହୋଇଯାଇଥିଲା। ଫଳରେ ପୁଣିଥରେ ଅତିରିକ୍ତ ବିଡିଓ ଶ୍ରୀଯୁକ୍ତ ଲୋହରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୪ ମାର୍ଚ୍ଚ ୬ ତାରିଖରେ ନୂତନ ବିଡ଼ିଓ ଭାବେ ଡ. ବେବିତା ମଞ୍ଜରୀ ନାୟକ ଯୋଗ ଦେଇଥିଲେ। ୯ ମାସ ପରେ ସେ ଗଣିଆ ବ୍ଲକର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ୨୦୨୪ ଡିସେମ୍ବର ୨୧ ତାରିଖରେ ତାଙ୍କର ବଦଳି ହୋଇଥିବା ବେଳେ ତହସିଲଦାର ପ୍ରିତିବାଳା ରଣାଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୫ ମାର୍ଚ୍ଚ ୫ ତାରିଖରେ ନୂତନ ବିଡ଼ିଓ ଭାବେ ସାଗର କୁମାର ନନ୍ଦ ଯୋଗ ଦେଇଥିଲେ। ସେ ମାତ୍ର ୪ ମାସ ରହିବା ପରେ ଗତ ୧୯ ତାରିଖରେ ତାଙ୍କର ଜଗତସିଂହପୁର ବାଲିକୁଦା ବଦଳି ହୋଇଛି। ଉପରୋକ୍ତ ତଥ୍ୟ ଅନୁସାରେ କିଏ ୪ ମାସ ତ ଆଉ କିଏ ୯ ମାସରୁ ଅଧିକ ସମୟ ତିଷ୍ଠି ପାରୁ ନାହାନ୍ତି। ଯାହା ଫଳରେ ଗଣିଆ ବ୍ଲକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ୮ଟି ପଞ୍ଚାୟତରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ବ୍ଲକ ସମ୍ମୁଖରେ ଟେଣ୍ଟବାନ୍ଧି ଧାରଣା ବୃଦ୍ଧି ପାଇଛି। ଗଣିଆ ବ୍ଲକର ୮ଟି ପଞ୍ଚାୟତ ଉନ୍ନତୀ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ କାମ ନହୋଇ ପଡ଼ି ରହିଛି। ବିଡିଓଙ୍କ ଏଭଳି ବଦଳି ପଛରେ ରାଜନୈତିକ ଅଭିସନ୍ଧି ନା ବ୍ୟକ୍ତିଗତ କାରଣ ତାହା ଜଣାପଡ଼ିନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଜଣେ ସ୍ଥାୟୀ ବିଡ଼ିଓ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

## ଆବର୍ଜନା ମୁକ୍ତ ସହର ଗଠନ ପାଇଁ ସ୍ୱଚ୍ଛତା ଅଭିଯାନ

ଓଡ଼ଗାଁ, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ 'ସଫାଇ ଅପନାଓ ବେମାରୀ ହଟାଓ' ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ବିଭାଗୀୟ ନିର୍ଦ୍ଦେଶ କ୍ରମେ ସମ୍ପୁର୍ଣ୍ଣ ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ଓଡ଼ଗାଁ ଏନ୍‌ଏସି ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡଗାଁ ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ଶନିବାର ସମସ୍ତ ସଫେଇ କର୍ମଚାରୀ ଓ କାର୍ଯ୍ୟାଳୟର ଅଧିକାରୀମାନେ ଭିନ୍ନ ଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ୧୫ ଗୋଟି ୱାର୍ଡ ମଧ୍ୟରୁ ଦିନକୁ ଗୋଟିଏ ଦୁଇଟି ୱାର୍ଡକୁ ଚିହ୍ନଟ କରି ତାହାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ କରାଯାଉଅଛି। ଉକ୍ତ ୱାର୍ଡରେ ଥିବା ସର୍ବସାଧାରଣ ଅନୁଷ୍ଠାନ, ଡାକ୍ତରଖାନା, ମନ୍ଦିର, ଶୌଚାଳୟ, ପରିବା ବଜାର, ହୋଟେଲ, ଜଳଖିଆ ଦୋକାନ ଓ ପୋଖରୀ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରକୁ ସ୍ୱଚ୍ଛତା ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ସଚ୍ଛତା କାର୍ଯ୍ୟ ସହିତ ଉକ୍ତ ୱାର୍ଡରେ ଜନ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ୱାର୍ଡର ରହିଥିବା ପ୍ରତ୍ୟେକ ପରିବାରର ନାଗରିକ ଏଥିରେ ସାମିଲ ହୋଇ ନିଜ ଘରୁ ୱାଡକୁ ସ୍ୱଚ୍ଛତା ରଖିବା ପାଇଁ ପ୍ରୟାସ ଆରମ୍ଭ କରିବା ସହିତ ଦୃଷ୍ଟି ଆଢୁଆଳରେ ରହିଯାଉଥିବା ଆବର୍ଜନା ସ୍ଥାନ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ୱାର୍ଡର ପଥପ୍ରାନ୍ତ ଆଲୋକ, ପାନୀୟଜଳ ବିତରଣ ବ୍ୟବସ୍ଥା ସଠିକ୍ ଭାବେ ପରିଚାଳିତ ହେଉଛି କି ନାହିଁ, ତାହାର ତଦନ୍ତ ତଦନ୍ତ କରାଯାଉଛି। ସମଗ୍ର ସହରକୁ ଆଗାମୀ ୧୦ ଦିନ ମଧ୍ୟରେ ଆବର୍ଜନା ମୁକ୍ତ କରାଯାଇ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରି ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ କର୍ମଚାରୀ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ୩୦ ତାରିଖରେ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବ। ଏଥିସହିତ ସ୍ୱଚ୍ଛତା ଅଭିଯାନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯିବ।

## ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ

ଗଣିଆ, ୨୨।୭ (ସମିସ): ଗଣିଆ ରଘୁନାଥ ଜୀଉ ମନ୍ଦିର ପରିସରରେ ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱଭାତୃତ୍ୱ ଦିବ୍ୟାବା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ମାହାଙ୍ଗା କଟକଙ୍କ ଦଶପଲ୍ଲା ସ୍ୱତନ୍ତ୍ର ଶାଖା ଆନୁକୂଲ୍ୟରେ ଏକ ସତସଙ୍ଗ ମହୋତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପ୍ରଭାତ ଫେରି, ସୂର୍ଯ୍ୟପୂଜା, ପାଦୁକା ସ୍ନାନ, ପାଦୁକା ମଣ୍ଡପ ପୂଜା, ଆହୁତି ହେବା ସହିତ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗଣିଆର ପ୍ରତ୍ୟକ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ରୀତିନୀତି କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା ମଣ୍ଡପରେ କେଶବ ମହାରାଜାଙ୍କ ପାଦୁକା ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁ ସେବା ହିଁ ପ୍ରକୃତ ସେବା ବୋଲି ଆୟୋଜକମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ପ୍ରବଚକ ଭକ୍ତ ବିନୋଦ ବିପିନ ବିହାରୀ ସାମଲ ଯୋଗଦେଇ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ବାବା ପରିଚାଳନା କରିଥିବାବେଳେ ପ୍ରବଚନ ଶୁଣିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ଯୌନ ନିର୍ଯାତନା ପ୍ରତିରୋଧ ଓ ନିରାକରଣ ପ୍ରଶିକ୍ଷଣ ଶିବିର



ନୟାଗଡ଼, ୨୨।୭ (ସମିସ): ଜିଲ୍ଲାପାଳଙ୍କ ସଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅଧକ୍ଷତାରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କର ଯୌନ ନିର୍ଯାତନାର ପ୍ରତିରୋଧ, ନିରାକରଣ ଏବଂ ରିଡ୍ରେସାଲ ଆକ୍ଟ ୨୦୧୩ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଡିଏଲ୍‌ଏସ୍‌ଏ ସେକ୍ରେଟାରୀ ଅଞ୍ଜଳି ମାଛଖଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଗଣିଆ ଉନ୍ନୟନ କମିଟିର ସମ୍ପାଦିକା ଉଷାରଣୀ ପଟ୍ଟନାୟକ ରିର୍ସୋସ ପର୍ସନ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଥମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ରଖିଥିଲେ। ଏହା ପରେ ଗଣିଆ ଉନ୍ନୟନ କମିଟିର ସମ୍ପାଦିକା ମହିଳାଙ୍କୁ ନିର୍ଭିକ ଭାବେ ପ୍ରତିବାଦ କରିବାକୁ ଆହ୍ୱାନ କରିଥିଲେ। ସେ ଏସିସି ଓ ଆଇସିସି ଗଠନ ଓ ଭୂମିକା ଉପରେ ଗୁରୁତ୍ୱ ଦେଇ ଆଲୋକପାତ କରିଥିଲେ। ଏହାପରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ ଆଭ୍ୟନ୍ତରୀଣ କମିଟି ଗଠନ କରିବା ସହ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ଦରକାର ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ କହିଲେ ଯେ, ଅନ୍ୟାୟ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନିଆଯିବ। ଏହା ନିସଙ୍କୋଚରେ ପ୍ରତିବାଦ କରିବା ଦରକାର। ପରିବାର ସଚେତନ ରହିବା ଦରକାର। ଝିଅକୁ ଯେପରି ବାପା ମାଆ ତାଗିଦ୍ କରିଥାନ୍ତି ସେହିପରି ପୁଅକୁ ଯଦି କରାଯାଆନ୍ତା ତେବେ ସବୁ ପରିବାରରେ ସଂସ୍କାର ଆସନ୍ତା। ଡିଏଲ୍‌ଏସ୍‌ଏ ତରଫରୁ ପକ୍‌ସୋ ଆକ୍ଟ ଉପରେ ଏକ ଛୋଟ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ତପତି ରାଜ୍, ତରୁଣ କୁମାର ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ଡିଏଲ୍‌ଏସ୍‌ଏର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ସଭା ସାଙ୍ଗ କରାଯାଇଥିଲା।

## ଜିଲ୍ଲାରେ ଭୁଶୁଡ଼ି ଗଲାଣି ସାମ୍ବିଧାନିକ ବ୍ୟବସ୍ଥା

ନୟାଗଡ଼, ୨୨।୭ (ସମିସ):

ନୟାଗଡ଼ ଜିଲ୍ଲାରେ ଅଣନିର୍ବାଚିତ ବିଜେପି ନେତା ବି ନିଜକୁ ମନ୍ତ୍ରୀ ଭାବିଲେଣି। ବିଭାଗୀୟ ଅଧିକାରୀମାନେ ମଧ୍ୟ ତାଙ୍କୁ ଏନେଇ ସୁଯୋଗ ଦେଲେଣି। ଯାହାର ଆଜି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ। ନୟାଗଡ଼ ଗସ୍ତରେ ଆସି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ

- ବିଜେପି ନେତା କଲେଣି ସମୀକ୍ଷା

ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ ଏବଂ ଅନ୍ୟାନ ବିଜେପି ନେତା କୃଷି ବିଭାଗ କାର୍ଯ୍ୟାଳୟକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ରଙ୍କ ସହ ସାର ସମ୍ପର୍କରେ ଆଲୋଚନା କରିଥିବା ଦେଖାଯାଇଛି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୮ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ୪୮୦ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୨ ହଜାର ୪୪ ମେଟ୍ରିକ୍ ଟନ୍ ସାର ଆସିଛି। ଏନ୍‌ପିକେ ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୬ ଶହ ୧୪ ମେଟ୍ରିକ୍ ଟନ୍ ସାର ଆସିଛି। ପଟାସ ସାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୪୮୦ ମେଟ୍ରିକ୍ ଟନ୍ ଆସିଛି। ସୁପର ସାର ୬ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୯ ହଜାର ୩୩୯ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ୧୪୫ ସେବା ସମବାୟ ସମିତି ଓ ୩୯୬ ଜଣ ସ୍ୱୀକୃତି ପ୍ରାପ୍ତ ଡିଲରଙ୍କ ଜରିଆରେ ଚାଷୀ ମାନଙ୍କୁ ସାର ବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏହି ଆଲୋଚନା ସମୟରେ ବରିଷ୍ଠ ବିଜେପି ନେତା ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାମନ୍ତରାୟ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର ସାମିଲ ଥିଲେ। ବିଜେପି ନେତାମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା ପରେ ବିଭାଗ ପକ୍ଷରୁ ଚାଲିଥିବା ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ସମୀକ୍ଷା କରିଥିବା ଦେଖାଯାଇଛି। ବିଜେପି ନେତା ତଥା ଅଣ ସାମ୍ବିଧାନିକ ପଦବୀରେ ରହିଥିବା ନେତାଙ୍କୁ କେଉଁ ଭଳି ଭାବେ ସରକାରୀ କାର୍ଯ୍ୟରେ ସାମିଲ ହେବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅନୁମତି ଦେଲେ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ବିଜୁ ଜନତା ଦଳର ଅନେକ ବରିଷ୍ଠ ନେତା ଏହାକୁ ବିରୋଧ କରିଛନ୍ତି।



## ପିକଅପ୍ ଜବତ; ୧୬ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୨୨।୭(ସମିସ): ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟରୁ ପୁଲିସ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିଛି। ଗାଡ଼ିରୁ ପୁଲିସ ଦୟନୀୟଭାବେ ବନ୍ଧା ହୋଇଥିବା ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ଗୋରୁ ମାଫିଆ ଖସି ଯାଇଥିବାବେଳେ ଗାଡିଟି ତୋଟାପଡା ଦିଗରୁ ବେଣାପଞ୍ଜୁରୀ ଅଭିମୁଖେ ଯାଉଥିବା ପୁଲିସ ଜାଣିବାକୁ ପାଇଛି। ଗାଡ଼ିକୁ ଜବତ କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଦ୍ଧାର ସମସ୍ତ ଗୋରୁଙ୍କୁ ପୁଲିସ ସିଜୁଆ ଗୋସାଳାରେ ଛାଡ଼ିଥିବା ଜଣାଯାଇଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବାଲୁଗାଁ,୨୨।୭(ସମିସ):୧୬ ନମ୍ବର ଜାତୀୟ ରାଜପଥର ପ୍ରାଣଦେଇପୁର ଧାନ ମିଲ୍ ନିକଟ ରାସ୍ତା କଡ଼ରୁ ମଙ୍ଗଳବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁଦେହ ଉଦ୍ଧାର କରିଛି ବାଲୁଗାଁ ପୁଲିସ। ବ୍ୟକ୍ତି ଜଣକ ଧଳା ରଂଗର ଚେକ୍ ସାର୍ଟ ଓ ଧୂସର ରଂଗର ଟ୍ରାକ୍‌ପ୍ୟାଣ୍ଟ ପିନ୍ଧିଥିବା ସହ ତାଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୋମବାର ବିଳମ୍ବିତ ରାତ୍ରରେ ଉକ୍ତ ବ୍ୟକ୍ତିଙ୍କୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିବା ଅନୁମାନ କରାଯାଉଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡି ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟକାନ୍ତ ପାଣିଗ୍ରାହୀ ପୁଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

### ଚାଷୀ ମୁହଁରେ ହସ ଫୁଟାଉଛି ବର୍ଷା

# ଅଣ୍ଟା ଭିଡ଼ିଲେଣି ଅଣଜଳସେଚିତ ଜମିର କୃଷକ

ଖୋର୍ଦ୍ଧା,୨୨।୭(ସମିସ)



ସଅଳ ଆସିଲା ପୁଣି ଫେରିଗଲା ମୌସୁମୀ। ମୌସୁମୀ ଫେରିବା ଦେଖି ଚାଷୀ ମନରେ ଛନକା ପଶିଥିଲା। ମାତ୍ର ପଛକୁ ପଛ ଲଘୁଚାପ ବର୍ଷା ଯୋଗୁ ଜିଲ୍ଲାରେ କୃଷିକାର୍ଯ୍ୟ ବେଶ ଉତ୍ସାହର ସହ ଆଗେଇ ଚାଲିଛି। ଚାଷ ହୋଇପାରି ନ ଥିବା ଅଣଜଳସେଚିତ ଜମି ଗୁଡ଼ିକର ଚାଷୀଙ୍କ ମନରେ ଲଘୁଚାପ ବର୍ଷା ଆନନ୍ଦ ଆଣିଛି। ଯଦିଓ ଦିନବେଳେ ଗୁଳୁଗୁଳି ଗରମ ହେଉଛି, ତଥାପି ଅପରାହ୍ନ ବେଳକୁ କଳାମେଘ ବାଦଲ ଘୋଟାଇ ମାଡ଼ି ଆସୁଛି ବର୍ଷା। ଅସରାଏ ଦୁଇ ଅସରାଏ ଅନର୍ଗଳ ବର୍ଷୁଛି। ଆଉ ମଝିରେ ମଝିରେ ମେଘୁଆ ଖରା ମଧ୍ୟ ହେଉଛି। ପ୍ରକୃତିର ଏଭଳି ପ୍ରେମ ଦେଖି ଚାଷୀକୂଳ ମଧ୍ୟରେ ହସ ଫୁଟିଛି। ଚାଷ ଲାଗି ସେମାନେ ଆଗଭର ହେଲାଣି। ଯଦିଓ ନାଳ ଅଞ୍ଚଳ ବିଲ ଏବଂ ଜଳସେଚିତ ଜମିଗୁଡିକରେ ରୁଆପୋତା କାର୍ଯ୍ୟ ଚାଲିଛି, ତଥାପି ଅଣଜଳସେଚିତ ଜମିର ଚାଷୀ ବର୍ଷା ହେବାରେ ବିହନ ବୁଣାକାର୍ଯ୍ୟ କରିବାକୁ ଆଗଭର ହୋଇଛି। ବର୍ଷାକୁ ନେଇ ଚାଷୀଙ୍କ ମଧ୍ୟରେ ଚାଷପାଇଁ ଉତ୍ସାହ ଉଦ୍ଦିପନା ଦେଖିବାକୁ ମିଳିଛି। ଗତବର୍ଷ ପ୍ରଥମେ ସ୍ୱଳ୍ପ ବୃଷ୍ଟି ବିହନ ବୁଣା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ପରେ ଧାନ ଅମଳ ସମୟରେ ଲଗାଣବର୍ଷା ଯୋଗୁ ଚାଷୀ ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା।

କଥାରେ ଅଛି ଚାଷ ତରତର ବଣିଜ ମଠ। ଚଳିତ ବର୍ଷ ଯଦିଓ ବିଳମ୍ବ ହୋଇଛି ତଥାପି ଧାନ ବୁଣା ପାଇଁ ଏବେ ମଧ୍ୟ ସମୟ ରହିଛି ବୋଲି ଚାଷୀ ଜାମିନିକାନ୍ତ ସୁବୁଦ୍ଧି ପ୍ରକାଶ କରିଛନ୍ତି। ଏବେ ବି ବହୁ ଚାଷୀ ଘରେ ଧାନ ଗଜା କରି ବିଲରେ ଛାଟୁଥିବାବେଳେ ଆଉ କିଛି ତଳି ରୋଉଛନ୍ତି।

ଚାଷୀ ଜିତେନ୍ଦ୍ର ସ୍ୱାଇଁଙ୍କ କହିବା କଥା ସାଧାରଣତଃ ପବିତ୍ର ଅକ୍ଷୟ ତୃତୀୟାରେ ଚାଷୀକୂଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମିପୂଜନ ସହ ବିଲରେ ହଳ କରିଥାନ୍ତି। ସେହିଦିନ ଠାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ବିଲରେ ଧାନ ବୁଣିବା ପରେ ଚାଷୀ ମୌସୁମୀକୁ ଚାହିଁ ବସିଥାଏ। ବର୍ଷା ଆରମ୍ଭ ହେଲେ ଜୁନ ଶେଷ ଏବଂ ଜୁଲାଇ ପହିଲାରୁ ତଳିବୁଣା ଆରମ୍ଭ କରନ୍ତି। ଚଳିତବର୍ଷ ଚାଷ ପାଇଁ ଜୁଲାଇର ଠିକ ସମୟରେ ବର୍ଷା ହୋଇଛି। ଫଳରେ ଅଣଜଳସେଚିତ ଜମିଗୁଡିକ ମଧ୍ୟ ପାଣି ଲାଗି ଚାଷ ହୋଇପାରିବ। ଜିଲ୍ଲା କୃଷି ବିଭାଗ ସୂଚନା ଅନୁସାରେ ଦୟା, ମଲାଗୁଣୀ, ରଣା ଭଳ ନଦୀ ଦ୍ୱାରା ୧୬୧୯୩.୪୭ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। କେନାଲ ଦ୍ୱାରା ୬୫୫୯.୧୮ ହେକ୍ଟର ଜମି ଜଳସେଚନ ହେଉଥିବାବେଳେ ସରକାର ଉଠାଜଳସେଚନ ପ୍ରକଳ୍ପରେ ପ୍ରାୟ ୬୯୭୦.୦୮ହେକ୍ଟର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୧୦୯୮୯.୯ହେକ୍ଟର ଚାଷଜମିକୁ ଜଳମାଡୁଛି।

ସେହିପରି ନଳକୂପ ଜରିଆରେ ୨୧୯ହେକ୍ଟର ଏବଂ ଅନ୍ୟାନ୍ୟ ଜଳଉତ୍ସରୁ ପ୍ରାୟ ୨୩୬୭.୬୧ହେକ୍ଟର ଚାଷଜମି ଉପରେ ନିର୍ଭର କରୁଥିବା କୃଷକ ଉପକୃତ ହେଉଛନ୍ତି। ଜିଲ୍ଲାବ୍ୟାପି ପାଖାପାଖି ୪୩୨୯୯.୨୪ ହେକ୍ଟର ଚାଷକୁ ଜଳସେଚନ ସୁବିଧା କରାଯାଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ବାଲିପାଟଣା ବ୍ଲକରେ ସର୍ବାଧିକ ୯୩୭୬.୨୬ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ଖୋର୍ଦ୍ଧା ବ୍ଲକରେ ସର୍ବନିମ୍ନ ୧୮୩୧ହେକ୍ଟର ଜମି ଜଳସେଚିତ ରହିଛି। ଚିଲିକା ବ୍ଲକ୍ ରେ ୨୩୩୫.୧୫ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ବେଗୁନିଆ ବ୍ଲକ୍ ରେ ୨୯୮୨ହେକ୍ଟର, ବୋଲଗଡ଼ରେ ୪୧୦୪ହେକ୍ଟର, ଟାଙ୍ଗି ବ୍ଲକ୍‌ରେ ୨୮୫୮ ହେକ୍ଟର, ବାଣପୁର ବ୍ଲକ୍ ରେ ୭୪୪୭.୧୮ ହେକ୍ଟର, ଭୁବନେଶ୍ୱର ବ୍ଲକ୍ ରେ ୨୩୪୧.୫୬ହେକ୍ଟର, ଜଟଣୀ ବ୍ଲକ୍‌ରେ ୨୦୭୩.୪୦ହେକ୍ଟର ଓ ବାଲିଅନ୍ତା ବ୍ଲକ୍ ରେ ୭୯୫୦.୫୮ହେକ୍ଟର ଜଳସେଚିତ ଚାଷ ଜମି ରହିଛି। ଜିଲ୍ଲାର ଅବଶିଷ୍ଟ ଜମିର ଚାଷୀ ଜଳସେଚନରୁ ବଂଚିତ ଥିବାବେଳେ ସେମାନଙ୍କ ନିମନ୍ତେ ଚାଷପାଇଁ ବର୍ଷା ଜଳ ହିଁ ଏକମାତ୍ର ଭରସା। ତେବେ ଲଘୁଚାପ ବର୍ଷା ଏହି ଜମିର ଚାଷୀଙ୍କ ମନରେ ହସର ଲହରୀ ଖେଳାଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ଜିଲ୍ଲାର ୧ଲକ୍ଷ ୨୦ହଜାର ୧୫୦ହେକ୍ଟର ଚାଷ ଜମିରୁ ଚଳିତ ଖରିଫ ଋତୁରେ ୧ଲକ୍ଷ ୩ହଜାର ୦୫୪ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଅବଶିଷ୍ଟ ଜମିରେ ଅଣଧାନ ଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

## ଷ୍ଟେସନ୍‌ରୁ ମୋବାଇଲ୍ ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

**● ୫ ମୋବାଇଲ୍ ଜବତ**

ଜଟଣୀ,୨୨।୭(ସମିସ): ଖୋର୍ଦ୍ଧାରୋଡ୍ ରେଳଷ୍ଟେସନ୍ ଅଞ୍ଚଳରୁ ଜଣେ ମୋବାଇଲ୍ ଲୁଟେରାକୁ ଗିରଫ କରିଛି ଜିଆର୍‌ପି



ପୁଲିସ। ତାଙ୍କ ନିକଟରୁ ୫ଟି ଚୋରା ମୋବାଇଲ୍ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ସୂର୍ଯ୍ୟନଗରର ବାବୁଲା ବାରିକ ଓରଫ୍ ପ୍ରଫୁଲ(୩୫)। ସୂଚନାଯୋଗ୍ୟ ଯେ, ଗିରଫ ଅଭିଯୁକ୍ତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ଅଞ୍ଚଳରୁ ବିଭିନ୍ନ ଯାତ୍ରୀଙ୍କଠାରୁ ମୋବାଇଲ୍ ଲୁଟ୍ କରି ଆସୁଥିଲା। ସୋମବାର ଅଭିଯୁକ୍ତ ଜଣଙ୍କ ପ୍ଲାଟଫର୍ମର ଶେଷଆଡ଼କୁ ଲୁଟ୍ ମୋବାଇଲ୍‌କୁ ସବୁକୁ ବିକ୍ରି କରିବା ପାଇଁ ଜଣେ ଗ୍ରାହକକୁ ଅପେକ୍ଷା କରିଥିଲା। ବିଶେଷ ସୂତ୍ରରୁ ପୁଲିସ ଖବରପାଇ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ ଅଭିଯୁକ୍ତକୁ କାବୁ କରିଥିବାବେଳେ ଗ୍ରାହକ ଜଣଙ୍କ ଖସି ପଳାଇଥିଲା। ଯାଞ୍ଚ ବେଳେ ୫ଟି ମୋବାଇଲ୍ ଫୋନ୍ ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ବାଲିପାଟପୁରରେ ସ୍ୱାସ୍ଥ୍ୟ ସଚେତନତା ଶିବିର



ଭୂଷଣ୍ଡପୁର,୨୨।୭(ସମିସ): ଟାଙ୍ଗୀ ବ୍ଲକର ଚିଲିକା ସଂନିକଟ ବାଲିପାଟପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବାଲିପାଟପୁର ସରପଞ୍ଚ ଭାବି ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମୂଲ୍ୟ କୁମାର ଭୋଇ ଏବଂ ବାଲିପାଟପୁର ନୂତନ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପୌରୋହିତ୍ୟ କରିଥିବାବେଳେ ଅଙ୍ଗନବାଡି କର୍ମଚାରୀ ଏବଂ ଆଶା ର ସମସ୍ତ କର୍ମୀ ଅଂଶଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ବିଭିନ୍ନ ସଂକ୍ରାମକ ରୋଗରୁ ରକ୍ଷା ନିମନ୍ତେ ପୋଖରୀ, କୂଅ ପରିଷ୍କାର କରିବା ସହିତ ରାସ୍ତା ଉପରୁ ଅଳିଆ ସଫା କରିବାକୁ ପରାମର୍ଶ ଦିଆଯାଇଥିଲା।

## ବାରମ୍ବାର ଭାଙ୍ଗୁଛି ରେଳଫାଟକ; ଲୋକେ ହନ୍ତସନ୍ତ

ନିରାକାରପୁର,୨୨।୭(ସମିସ): ଦୈନଦିନ ହଜାର ହଜାର ସଂଖ୍ୟାରେ ଗାଡିମଟର ଅତିକ୍ରମ କରୁଥିବା ଖୋର୍ଦ୍ଧା ଜିଲ୍ଲା ନୂଆ ଜଗନ୍ନାଥ ସଡ଼କର ନିରାକାରପୁର ସ୍ଥିତରେଳ ଫାଟକ ଆଉ ସମ୍ଭାଳୁନି। ବାରମ୍ବାର ଗେଟ ବନ୍ଦ ହେଉଥିବାରୁ ଏହା ଆପେ ଭାଙ୍ଗି ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ବହୁ ସଂଖ୍ୟାରେ ଟ୍ରେନ୍ ଯାତାୟାତ କରିଥିବାରୁ ପ୍ରତି ୫ ମିନିଟରେ ଏହି ରେଳ ଫାଟକ ବନ୍ଦ କରିବାକୁ ପଡୁଛି। ଏହାର ରକ୍ଷଣାବେକ୍ଷଣ ପାଇଁ କିଛି ରେଳ ବିଭାଗ କର୍ମଚାରୀ ବି ନିୟୋଜିତ ହୋଇ ରହିଛନ୍ତି। ତଥାପି ମଙ୍ଗଳବାର ସକାଳ ୧୦ ଟା ସମୟରେ ଭାଙ୍ଗି ପଡ଼ିଥିବାରୁ ବହୁ ସମୟ ଯାତ୍ରୀ ମାନେ ଗେଟର ଉଭୟ ପାର୍ଶ୍ୱରେ ଛିଡା ହୋଇ ରହିଥିଲେ। ପରେ କର୍ମଚାରୀମାନେ ପୁରୁଣା ଗେଟକୁ ବାହାର କରି ମରାମତି କରିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।




## କାମ ଚାଲିଥିବା ବେଳେ ଭୁଶୁଡ଼ିଲା ବ୍ରିଜ୍



ବାଲୁଗାଁ,୨୨।୭ (ସମିସ) : ୧୬ ନମ୍ବର ଜାତୀୟ ରାଜପଥର ଗଞ୍ଜାମ ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ସୀମାସ୍ଥିତ ତଥା ନାଭାଲ ଛକର ଅନତିଦୂର ଜରିଶଙ୍ଖ ପୁରାତନ ବ୍ରିଜ କାମ ଚାଲିଥିବା ବେଳେ ସୋମବାର ଉକ୍ତ ବ୍ରିଜଟି ଭୁଶୁଡି ପଡ଼ିଥିଲା। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ସୋମବାର ଉକ୍ତ ଜରି ଶଙ୍ଖ ପୁରାତନ ବ୍ରିଜକୁ ଏକ ପ୍ରୋକଲିନ ସାହାଯ୍ୟରେ ଭଙ୍ଗା ଯାଉଥିବା ସମୟରେ ଅସାବଧାନତା ବଶତଃ ପ୍ରୋକଲିନଟି ବ୍ରିଜକୁ ଜୋରରେ ଆଘାତ କରିବାରେ ବ୍ରିଜର ଅଧା ଅଂଶ ଭୁଶୁଡ଼ି ପଡ଼ିବା ସହ ଉକ୍ତ ପ୍ରୋକଲିନଟି ମଧ୍ୟ ସେଥିରେ ଫସି ରହିଥିଲା। ପରବର୍ତ୍ତି ସମୟରେ ପ୍ରୋକଲିନକୁ ସେଠାରୁ କଢାଯାଇଥିଲା।

**ଛିଡ଼ିଲା ବିଦ୍ୟୁତ୍ ତାର**

## ୮ ଗାଈ ମୃତ, ଗାଇଆଳ ଆହତ

ଯାଁଳା/ଜଟଣୀ, ୨୨।୭(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ରାଜଧାନୀ ଉପକଣ୍ଠ ତଳଖେତା ଛକ ରାଧାଚରଣପୁରରେ ଏକ ଟ୍ରାନ୍ସଫର୍ମର ଜଳିବା ସହ ବିଦ୍ୟୁତ୍ ତାର ଛିଡ଼ି ୮ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୋପାଳକ ଆହତ ହୋଇଛନ୍ତି। ଆହତ ଗୋପାଳକ ଜଣକ ହେଲେ ରାଧାଚରଣପୁରରେ ରହୁଥିବା ସାକ୍ଷିଗୋପାଳ ଅଞ୍ଚଳର ଗୋଲଖ ବେହେରା।



ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ତଳଖେତା ଛକ ଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ହଠାତ୍ ନିଆଁ ବାହାରିବା ସହ ନିକଟରେ ଥିବା ଏକ ଟ୍ରାନ୍ସଫର୍ମର ପର୍ଯ୍ୟନ୍ତ ଜଳି ଯାଇଥିଲା ଓ ପ୍ରବଳ ଶବ୍ଦ ମଧ୍ୟ କରିଥିଲା। ଟ୍ରାନ୍ସଫର୍ମର ନିକଟରେ ଥିବା ଏକ ଖୋଲା ପଡ଼ିଆରେ ଦାସିଆ ବେହେରା ନାମକ ଜଣେ ଗୋପାଳକଙ୍କ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ଗାଈ ଠିଆ ହୋଇଥିଲେ। ବିଦ୍ୟୁତ ତାର ଜଳିବା ସହ ଶବ୍ଦ ଶୁଣି ଗାଈଗୁଡିକ ମଧ୍ୟ ଦୌଡି ଥିଲେ। ସେହି ସମୟରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ କରେଣ୍ଟ ଲାଗି ୮ଟି ଗାଈ ଟଳି ପଡ଼ିଥିଲେ। ଗାଈଗୁଡିକ ଏଣେ ତେଣେ ଦୌଡିବା ଦେଖି ଗୋଲକ ଗାଈଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସେ ମଧ୍ୟ କରେଣ୍ଟ ଲାଗି ଆହତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ପହଞ୍ଚି ମୃତ ଗାଈକୁ ଉଦ୍ଧାର କରିବା ସହ ଆହତ ଗୋପାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। ବିଳମ୍ବିତ ରାତିରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ ସଂଯୋଗ କାଟିବା ସହ ବିଦ୍ୟୁତ ମରାମତିରେ ଲାଗିଛନ୍ତି। ଏବେ ବି ଅନେକ ଅଞ୍ଚଳର ଅନ୍ଧାରରେ ରହିଛି।

## ଆହତ ଷଣ୍ଢର ଚିକିତ୍ସା ଦାବି



ବେଗୁନିଆ,୨୨।୭(ସମିସ): ବେଗୁନିଆ ବ୍ଲକ୍ ଅଧୀନ ସିମୋର ଗ୍ରାମ ଉପର ସାହିର ଭୀମସେନ ବେହେରା ଏକ ଆହତ ହୋଇଥିବା ବୁଲାଷଣ୍ଢକୁ ରଖି ଚିକିତ୍ସା କରୁଛନ୍ତି। ଆବଶ୍ୟକତା ଅନୁଯାଇ ଔଷଧ ବ୍ୟବହାର କରିବାକୁ ପଡୁଥିବାରୁ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହି ଘଟଣା ସମ୍ପର୍କରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ ପ୍ରୀତିଶ ରଥଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି, ବୁଧବାର ଷଣ୍ଢଟିକୁ ଆବଶ୍ୟକୀୟ ଔଷଧ ପତ୍ର ଦେଇ ଚିକିତ୍ସା କରାଯିବ ବୋଲି କହିଛନ୍ତି।

**ନାବାଳିକାକୁ ପୋଡ଼ିଦେବା ଘଟଣା**

## ଅତିରିକ୍ତ ଏସ୍‌ପି ଓ ଡିଏସ୍‌ପିଙ୍କ ସହ ଆଲୋଚନା କଲା କଂଗ୍ରେସ

ବଳଙ୍ଗା,୨୨।୭(ସମିସ)

ନାବାଳିକାକୁ ନିଆଁ ଲଗାଇ ଦେଇଥିବା ଘଟଣାରେ କଂଗ୍ରେସ ପକ୍ଷରୁ ପୀଡ଼ିତାର ଘର, ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବଳଙ୍ଗା ଥାନାରେ ପହଞ୍ଚି ଅତିରିକ୍ତ ଏସପି ସଚିନ ପଟେଲ ଓ ପିପିଲି ଡିଏସପି ଦେବାଶିଷ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଘଟଣା ଘଟିବାର ଚାରି ଦିନ ବିତିଯାଇଥିଲେ ମଧ୍ୟ କଣ ପାଇଁ ଆସାମୀ ଚିହ୍ନଟ ହୋଇ ପାରିଲାନି, ତଦନ୍ତର ଦିଗ କେତେବାଟ ଅଗ୍ରସର କରିଛି ଭଳି ବିଭିନ୍ନ ପ୍ରଶ୍ନ ପଚାରି ଥିଲେ ଶ୍ରୀକାନ୍ତ ଜେନା। ପରେ ପୀଡ଼ିତାର ଘରେ ପହଞ୍ଚି ପୀଡ଼ିତାର ମାଆଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସେଠୀ, ମହିଳାନେତ୍ରୀ ନିରୂପମା ପାତ୍ର, ବନ୍ଦିତା ପରିଡ଼ା, ରାଜେଶ ମିଶ୍ର, ଜ୍ୟୋତି ମହାନ୍ତି ଓ ନିମାପଡ଼ା ବ୍ଲକର ସଂଯୋଜକ କାଳନ୍ଦୀ ବାରିକ, ବିରଞ୍ଚି ପ୍ରମୁଖ ଉପସ୍ଥିତ ଥିଲେ।

### ପରିବହନ ବିଭାଗର ଚଢ଼ଉ

# ୨ ଲକ୍ଷ ୭୧ ହଜାର ୫ ଶହ ଜରିମାନା

ଟାଙ୍ଗୀ,୨୨।୭(ସମିସ)

ବିଭିନ୍ନ ବିଦ୍ୟାଳୟ ଯଥା ସରକାରୀ ହେଉ କି ଘରୋଇ ଛାତ୍ରଛାତ୍ରୀମାନଙ୍କୁ ପରିବହନ କରିବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ହେଲେ ଟାଙ୍ଗୀ, ଚାନ୍ଦପୁର, କନ୍ଧନୟାଗଡ, ଚଣ୍ଡେଶ୍ୱର, କାଲୁପଡାଘାଟ, ଭୂଷଣ୍ଡପୁର, କୁହୁଡି, ସୋରଣ, ଗଇନଡ଼ା, ହାଟବରଡ଼ି ସମେତ ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିବା ଭଳି ଘରୋଇ ବିଦ୍ୟାଳୟ ଏପରିକି ଆଦର୍ଶ ବିଦ୍ୟାଳୟ ଗୁଡିକରେ ମଧ୍ୟ ସରକାରଙ୍କ ନିତିନିୟମକୁ ଭୃକ୍ଷେପ କରିବା ତ ଦୂରର କଥା ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳଖେଳା ଯାଉଥିବା ସମ୍ପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ସଦଳବଳ ଚଢ଼ଉ କରି ୪୨ଟି ଭେଇକିଲ ଚେକ୍ ରିପୋର୍ଟ(ଭିସିଆର) କରି ୨ ଲକ୍ଷ ୭୧ ହଜାର ୫ ଶହଟଙ୍କା ଜରିମାନା କରିଥିବା ଜଣାପଡ଼ିଛି। ସୂଚନା ଥାଉକି କୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରିବହନ କରିବା ପାଇଁ ଗାଡ଼ିର ରଙ୍ଗ ହଳଦିଆ, ସେ ଗାଡ଼ିର ଫିଟନେସ୍, ପାଞ୍ଚବର୍ଷିଆ ପରମିଟ, ଇନସ୍ୟୁରାନ୍ସ, ପ୍ରଦୂଷଣ ପ୍ରମାଣପତ୍ର, ଜିପିଆରଏସ, ଭେହିକିଲ ଟ୍ରାକିଂ ଡିଭାଇସ୍ ଏପରିକି ସେହି ଗାଡିରେ ଛାତ୍ରଛାତ୍ରୀଙ୍କ ସ୍କୁଲ ବ୍ୟାଗ୍ ରଖିବା ପାଇଁ ରାକ, ସ୍ୱତନ୍ତ୍ର ଆଟେଣ୍ଡାଣ୍ଟ, ଯଦି କେବେଳ ଛାତ୍ରୀ ଯାଉଥିବେ ତେବେ ଜଣେ ମହିଳା ଆଟେଣ୍ଡାଣ୍ଟ ରଖିବା ବାଧ୍ୟତାମୂଳକ ରହିଛି। ଏ ଅଞ୍ଚଳରେ ଛତୁ ଫୁଟିବା ଭଳି ବିଦ୍ୟାଳୟ ଗୁଡ଼ିକରେ ଦୂର୍ଭାଗ୍ୟଜନକ ଭାବେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଦ୍ୟାଳୟକୁ ପରିବହନ କରୁଥିବା ଦେଖିବାକୁ ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ଚଢ଼ଉ କରିଥିଲେ। ଏହି ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟିଏସ୍‌ଆଇ ତୃପ୍ତିରେଖା ଜେନା ସୂଚନା ଦେଇଛନ୍ତି।

## ଦେଶୀମଦ ଜବତ, ଦୁଇ ଗିରଫ

ବାଲୁଗାଁ,୨୨।୭ (ସମିସ): ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ ମଙ୍ଗଳବାର ପୂର୍ବାହ୍ନରେ ଚଢ଼ଉ କରି ୬୫ ଲିଟର ମଦସମେତ ଦୁଇଟି ବାଇକ୍ ଜବତକରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଭାଗ। ଟାଙ୍ଗୀ ଥାନା ଅଧୀନ ଗୋଡ଼ିସାହି ଗ୍ରାମ ରାସ୍ତାରେ ଚଢ଼ଉ କରି ଏକ ବାଇକରେ ବେଆଇନ ଭାବେ ଚୋରା ମଦ ଚାଲାଣ କରୁଥିବା ଚାନ୍ଦପୁର ଥାନା ଅଧୀନ କଦମ୍ବଝୋଲା ଗ୍ରାମର ଅନାମ ନାୟକ (୨୭) କୁ ଗିରଫ କରି ତାଙ୍କ ନିକଟରୁ ୨୫ ଲିଟର ଆସ୍କାଫର୍ଟି ମଦ ସହ ବାଇକ୍ ଜବତ କରିଛି। ସେହିପରି ଟାଙ୍ଗୀ ଥାନା ଅଧୀନ ମଧୁମଙ୍ଗଳ ପଡିଆ ରାସ୍ତାରେ ଏକ ବାଇକ୍‌ରେ ମଦ ନେଇ ଯାଉଥିବା ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ଗ୍ରାମର ବିଭୁତିଭୂଷଣ ପ୍ରଧାନ (୩୨) କୁ ଗିରଫ କରି ତା ନିକଟରୁ ୪୦ ଲିଟର ଦେଶୀ ମଦ ସହ ବାଇକ୍ ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଯାଇଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅବକାରୀ ବିଭାଗର ରାମଚନ୍ଦ୍ର ଜେନା, ମୀନକେତନ ମାହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଓ ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।



■ ଡାକ୍ତରୀ ଛାତ୍ର ବିହାର ଏମ୍ସରେ ସନ୍ଦେହଜନକ ମୃତ୍ୟୁ

# ୫ ଦିନ ପରେ ଫେରିଲା ଶବ; ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ



ଢେଙ୍କାନାଳ,୨୨।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିଳପ୍ରସାଦ ଥାନାର ବୈଦ୍ୟକାଶେଣୀ ଗ୍ରାମର ଡାକ୍ତରୀ ଛାତ୍ର ପାଟନା ଏମ୍ସରେ ପାଠ ପଢୁଥିବାବେଳେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ର୍ୟାଗିଂ ଯୋଗୁ ପୁଅକୁ ହତ୍ୟା କରାଯାଇଛି ବୋଲି ପରିବାର ବର୍ଗ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଗ୍ରାମକୁ ଶବ ଫେରିବା ପରେ ଗ୍ରାମର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବୈଦ୍ୟକାଶେଣୀ ଗ୍ରାମର ଯାଦବେନ୍ଦ୍ର ସାହୁ ପାଟନା ଏମ୍ସରେ ପିଜିରେ ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ଭାବରେ ଶିକ୍ଷାଲାଭ କରୁଥିଲେ। ଗତ ୧୮ ତାରିଖରେ ଏମସ ମେଡିକାଲ ହଷ୍ଟେଲ ମଧ୍ୟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ୫ଦିନ ପରେ ଗ୍ରାମରେ ଶବ ପହଞ୍ଚିବା ପରେ ମୃତକଙ୍କ ମାଆ, ଭାଇ ଓ ପିଉସାଙ୍କ ମନରେ କୋହର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ତରଫରୁ ମୃତ ଯାଦବେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଗ୍ରାମ ପରିକ୍ରମା ପରେ ଶବଦାହ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ଯାଇଥିଲେ।

ଯାଦବେନ୍ଦ୍ରଙ୍କ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶଙ୍କର୍ଷଣ ବ୍ରହ୍ମ କହିଥିଲେ ଯେ ସେ ଜଣେ ମେଧାବୀ ଛାତ୍ର ଥିଲେ। ସେ ଆତ୍ମହତ୍ୟା କରିଥିବା କଥା ବିଶ୍ୱାସ କରିପାରୁନଥିବା ବେଳେ ହତ୍ୟା କରାଯାଇଛି ବୋଲି ସନ୍ଦେହ ପ୍ରକଟ କରିଛନ୍ତି। କିପରି ସଠିକ ତଦନ୍ତ ହେବ ଓ ଦୋଷୀମାନେ ଦଣ୍ଡ ପାଇବେ ସେଥିପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ମୃତକଙ୍କ ଘରେ ଢେଙ୍କାନାଳ ବିଧାୟକ ସତ୍ୟଜିତ ମହାପାତ୍ର ପହଞ୍ଚି ତାଙ୍କ ପରିବାରକୁ ସାନ୍ତ୍ୱନା ଦେବାସହ ରେଡ଼କ୍ରସ ତରଫରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ମୃତକଙ୍କ ମାଆ ସୀତା ସାହୁଙ୍କ ଅଭିଯୋଗ ଅନୁସାରେ ମୋ ପୁଅ ମରିନାହିଁ ତାକୁ ମାରିଦିଆଯାଇଛି। ଏହାର ସଠିକ ତଦନ୍ତ ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି। ମୃତକଙ୍କ ଭାଇ କହିଛନ୍ତି ତାଙ୍କ ଡାହାଣ ହାତରେ ସିରିଞ୍ଜ ଲାଗିଥିବାର ଦେଖି ତାଙ୍କୁ ହତ୍ୟା ହୋଇଥିବା ଅଭିଯୋଗ କରିଥିଲେ। ଘଟଣାର ୨ ଦିନ ପର୍ଯ୍ୟନ୍ତ ପୁଲିସ ଓ ଏମ୍ସ କର୍ତ୍ତୃପକ୍ଷ ଶୁଣିନଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫୋନ ଯୋଗେ ବିହାର ସରକାରଙ୍କ ସହ ଆଲୋଚନା କରିବା ପରେ ପୁଲିସ ଏକ ଅଭିଯୋଗ ରଖୁଥିଲା। ୨୦ ତାରିଖରେ ଅନ୍ୟ ଏକ ଚିକିତ୍ସାଳୟରେ ଯାଦବେନ୍ଦ୍ରଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ଏମ୍ସ କର୍ତ୍ତୃପକ୍ଷ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ଓଡିଶାକୁ ଆଣିଥିଲେ।

# ଜଗତସିଂହପୁର ଗଣଦୁଷ୍କର୍ମ: ୨ ଗିରଫ

ଜଗତସିଂହପୁର, ୨୨।୭(ସମିସ): ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଗତରାତିରେ ଘଟିଥିବା ଗଣଦୁଷ୍କର୍ମ ମାମଲାରେ ପୁଲିସ ଆଜି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ପ୍ରତିରଞ୍ଜନ ବେହେରା ଓ ସହଯୋଗୀ କାର୍ତ୍ତିକ ମାଝୀ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତାଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ଅଜିତ୍ୟା ବାବୁରାଓ ମାନେଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ସକାଳେ ପ୍ରତିରଞ୍ଜନଙ୍କୁ ସଦର ଥାନା ଅନ୍ତର୍ଗତ କୋଳକପଙ୍କସା ଗ୍ରାମରୁ ଧରିଥିଲା। ପରେ ଅପରାହ୍ଣରେ ବିରିଡି ଥାନା ଅଞ୍ଚଳରୁ ଦ୍ୱିତୀୟ ଅଭିଯୁକ୍ତ କାର୍ତ୍ତିକ ମାଝିଙ୍କୁ ଧରିବାରେ ସଫଳ ହୋଇଥିଲା। ଏମାନେ ବ୍ୟବହାର କରିଥିବା ବାଇକ ଓ ପିନ୍ଧା କପଡା ଜବତ ହୋଇଥିବା ପୁଲିସ ସୂଚନା ଦେଇଛି। ଆଜି ପ୍ରତିରଞ୍ଜନଙ୍କୁ କୋର୍ଟଚାଲାଣ କରାଯାଇଛି। ଆସନ୍ତାକାଲି କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସଦର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଏହି ଘଟଣାରେ ଆଜି ବିଜେଡିର ଏକ ରାଜ୍ୟସ୍ତରୀୟ ପ୍ରତିନିଧିଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରମାନଙ୍କଠାରୁ ପଚାରି ବୁଝିଛନ୍ତି। ଏହାସହ ତାଙ୍କ ବାପା-ମାଆ ଓ ପରିବାରସଦସ୍ୟଙ୍କୁ ସାନ୍ତ୍ୱନା ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଗଠିତ ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପ୍ରତିନନ୍ଦା ରାଉତରାୟ, ଲୋରା ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ବ୍ଲକ ଅଧ୍ୟକ୍ଷ କନକପ୍ରଭା ଲେଙ୍କା ଓ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ପ୍ରମୁଖ ସାମିଲ ଥିଲେ। ପରେ ଏହି ପ୍ରତିନିଧିଦଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି।



■ ପୀଡ଼ିତାଙ୍କୁ ଭେଟିଲା ବିଜେଡି ପ୍ରତିନିଧିଦଳ
■ ରାଜ୍ୟରେ ନାରୀ ଅସୁରକ୍ଷିତ: ସୁଲୋଚନା

ଗଣମାଧ୍ୟମ ସହ ଆଲୋଚନା ସମୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଓ ପ୍ରଶାସନର ନିଦ ଭାଙ୍ଗୁନି। ଘରେ-ବାହାରେ, ସ୍କୁଲ-କଲେଜ; କେଉଁଠି ବି ଆଜି ନାରୀ ସୁରକ୍ଷିତ ନୁହନ୍ତି। ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଚିରଞ୍ଜୀବ ବିଶ୍ୱାଳ ମଧ୍ୟ ଝିଅ-ବୋହୂଙ୍କ ଉପରେ କ୍ରମାଗତ ଭାବେ ଶାରୀରିକ ଓ ମାନସିକ ଅତ୍ୟାଚାର ବଢ଼ିଚାଲିଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଦୀପ୍ତି କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ଚିରଞ୍ଜନ ରାଉଳ, ପ୍ରଶାନ୍ତ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଦିଲ୍ଲୀପ ସିଂ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ସମ୍ବିତ ମହାନ୍ତି, ପ୍ରଭାତୀ ମହାନ୍ତି, ପ୍ରଶାନ୍ତ ମଲ୍ଲିକ, ଅଦିତ ଜେନା, ରାଜୀବଲୋଚନ ବେହେରା, ସରୋଜ ବିଶ୍ୱାଳ, ସୁବାସ ସାହୁ, ବାବୁଲି ମହାନ୍ତି, ପ୍ରସନ୍ନ ମହାନ୍ତି, ସୋନାଲି ସିଂ, ବିଜେଡି ସମର୍ଥକ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି ପାରିଷଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜମିଦାର ଡିଏଫ୍ଓ ଗିରଫ

କେନ୍ଦୁଝର, ୨୨।୭(ସମିସ): ଗିରଫ ହେଲେ କୋଟିପତି ଡିଏଫ୍ଓ। କେନ୍ଦୁଝର କେନ୍ଦୁପତ୍ର ଡିଏଫ୍ଓ ନିତ୍ୟାନନ୍ଦ ନାୟକଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ମଙ୍ଗଳବାର ହାଜର କରାଯାଇଥିଲା। ବାଲେଶ୍ୱର ଭିଜିଲାନ୍ସ କେସ ନମ୍ବର ୬/୨୦୨୫ ପିସି ଆକ୍ଟରେ ତାଙ୍କ ନାମରେ ମାମଲା ହୋଇଥିଲା। ସେ ଆୟଠାରୁ ଅଧିକ ୨୧୮% ଅଧିକ ବହିର୍ଭୂତ ସମ୍ପତ୍ତିର ହିସାବ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ଅଧିକାରୀମାନେ ଗତ ରବିବାରଠାରୁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍ଓ ନିତ୍ୟାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢଉ କରି ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତିକୁ ଜବତ କରିଛନ୍ତି। ବହୁତଳ କୋଠା ସହ ତାଙ୍କ ପାଖରେ ୧୨୩ଟି ମୂଲ୍ୟବାନ ପ୍ଲଟ ଠାବ କରାଯାଇଛି। ସେହିପରି ତାଙ୍କ ୯ଟି ବ୍ୟାଙ୍କ ଖାତାରେ ୫୦ଲକ୍ଷରୁ ଅଧିକ ଟଙ୍କା ଜମା ଥିବା ଜଣାପଡିଛି। ଛେଣ୍ଡିପଦାରେ ୧ଏକର ୫୦ ଡିସିମିଲ ଜମିରେ ଏକ ଫାର୍ମହାଉସ ଠାବ ହୋଇଛି। ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ଡିଏଫ୍ଓ ଶ୍ରୀ ନାୟକଙ୍କ ନାମରେ ୫୮ଟି ପ୍ଲଟ, ତାଙ୍କ ପତ୍ନୀଙ୍କ ନାମରେ ୪୨ଟି ପ୍ଲଟ, ଦୁଇପୁଅଙ୍କ ନାମରେ ୧୮ ଟି ପ୍ଲଟ, ଝିଅଙ୍କ ନାମରେ ୪ଟି ପ୍ଲଟ ରହିଛି। ୨୦୦ ଶହ ଗ୍ରାମର ସୁନା ଗହଣା ଟଙ୍କା ଜବତ ହୋଇଛି। ଇନ୍ସୁରାନ୍ସ, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୫୦ ଲକ୍ଷ ୩୮ ହଜାର ୬୬୦ଟଙ୍କା ଜମା ରହିଛି। ଘରକରଣା ଆସବାବପତ୍ର ବାବଦକୁ ମୋଟ ୨୩ଲକ୍ଷ ୮୦ ହଜାର ଟଙ୍କା ଆକଳନ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍ଓ ଶ୍ରୀ ନାୟକଙ୍କ ବିରୋଧରେ ଅଭିଯୋଗ ଥିଲା। କେନ୍ଦୁଝରର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୩ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଅନୁଗୁଳ, କେନ୍ଦୁଝର ଓ ନୟାଗଡ ଜିଲ୍ଲାରେ ଏକକାଳୀନ ତଲାସି କରି ୭ଟି ସ୍ଥାନରେ ଏକକାଳୀନ ଚଢଉ କରିଥିଲେ।

ପାରାଦୀପରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମିଳିଲାନି ଆମ୍ବୁଲାନ୍ସ, ଅସୁସ୍ଥ ପତ୍ନୀଙ୍କୁ ଟ୍ରଲିରେ ନେଲେ ସ୍ୱାମୀ



ପାରାଦୀପ, ୨୨।୭(ସମିସ): ଶିଳ୍ପ ସହର ପାରାଦୀପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ନ ମିଳିବାରୁ ଜଣେ ବ୍ୟକ୍ତି ତାଙ୍କ ଅସୁସ୍ଥ ପତ୍ନୀଙ୍କୁ ରାସ୍ତାରେ ଟ୍ରଲିରେ ବୋହି ନେଉଥିବା ଦୃଶ୍ୟ ଏବେ ମୋବାଇଲରେ ଘୂରି ବୁଲୁଛି। ଏଭଳି ଘଟଣା ଖୋଦ୍ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ପାରାଦୀପ ନିର୍ବାଚନମଣ୍ଡଳୀ ତଥା ଶିଳ୍ପ ସହର ପାରାଦୀପରେ ଘଟିଛି। ଏହି ଦୃଶ୍ୟଟି ପାରାଦୀପ ଅଠରବାଙ୍କୀ ପୋଲ ନିକଟର। ପତ୍ନୀକୁ ଟ୍ରଲିରେ ବୋହି ନେଇ ମେଡିକାଲକୁ ଯାଉଥିବା ଲୋକଜଣଙ୍କ ହେଲେ, ବୁଦ୍ଧିରାମ ପାତ୍ର। ସେ ଷଣ୍ଢକୁଦ ବସ୍ତି ଅଞ୍ଚଳରେ ରହନ୍ତି। ଗରିବ ଶ୍ରେଣୀର ଏହି ଦମ୍ପତି ଜରି ଗୋଟାଉଥିବା ସମୟରେ ହଠାତ ପତ୍ନୀ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରିନଥିଲା। ତେଣୁ ଟ୍ରଲିରେ ନେବାକୁ ବାଧ୍ୟ ହୋଇଥିଲେ। ଏହି ସମୟରେ ଜଣେ ବାଇକ୍ ଆରୋହୀ ଟ୍ରଲିକୁ ପେଲି ପେଲି ନେବାର ଦୃଶ୍ୟ ଭିଡିଓରେ ଦେଖିବାକୁ ମିଳିଛି।

ନୀତି ଆୟୋଗ ପକ୍ଷରୁ ବିଜ୍ଞପ୍ତି

# ଆକାଂକ୍ଷୀ ବ୍ଲକରେ ଓଡ଼ିଶାର ୧୧ ସାମିଲ

ଭୁବନେଶ୍ୱର,୨୨।୭(ସମିସ): ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି ଓଡ଼ିଶାର ୧୧ଟି ବ୍ଲକ। କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକ ରେ ପରିଣତ ହୋଇଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗିକୁ ଆକାଂକ୍ଷୀ ବ୍ଲକ୍ ସୂଚୀରେ ସାମିଲ କରାଯାଇଛି।

■ ବୋହୂକୁ ମାଡ଼ ମାରିବାରୁ ଅଟକାଇବାରୁ

# ମାଆକୁ ମାରିଦେଲା ପୁଅ

ପଟ୍ଟାମୁଣ୍ଡାଇ/ମାଳିପୁର,୨୨।୭(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଓଉପଦା ପଞ୍ଚାୟତର ବିଶ୍ଣୁନୁପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୋହୂକୁ ମାଡ଼ ମାରିବାରୁ ଅଟକାଇବାରୁ ନିଜ ଜନ୍ମଦାତ୍ରୀ ମା'କୁ ପିଟିପିଟି ମାରିଦେଲା ପୁଅ। ମୃତ ମହିଳା ହେଲେ, ଗ୍ରାମର ଶାନ୍ତିଲତା ମଲ୍ଲିକ (୫୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ମନୋଜକୁ ହେପାଜତକୁ ନେଇଛି। ଏହି ଖବର ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନା ମୁତାବକ, ଗ୍ରାମର ଗୌରାଙ୍ଗ ମଲ୍ଲିକଙ୍କ ପୁଅ ମନୋଜ ୩ ମାସ ତଳେ ବିବାହ କରିଥିଲା। ଗତକାଲି ବିଳମ୍ବିତ ରାତିରେ ସେ ତା' ସ୍ତ୍ରୀ ସସ୍ମିତାକୁ ଭୀଷଣ ମାଡ଼ ମାରିଥିଲା। ଏହା ଦେଖି ମନୋଜଙ୍କ ମା' ଶାନ୍ତିଲତା ତାକୁ ବିରୋଧ କରିଥିଲେ। ଏଥିରେ ମନୋଜ ଆହୁରି ରାଗି ଯାଇଥିଲା ଏବଂ ଶାନ୍ତିଲତାଙ୍କ ମୁଣ୍ଡକୁ କାନ୍ଥରେ ବାରମ୍ବାର ପିଟି ଚାଲିଥିଲା। ଫଳରେ ଘଟଣାସ୍ଥଳରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ମନୋଜ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାକୁ କାବୁ କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଧୀରଜ ଲେଙ୍କା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମନୋଜକୁ ହେପାଜତକୁ ନେଇଥିଲା। ଏ ନେଇ ଗ୍ରାମାଞ୍ଚଳ ଥାନା ପୁଲିସ୍ ନମ୍ବର ୨୭୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସାନଖେମୁଣ୍ଡିରେ ପୁଣି ଝାଡ଼ାବାନ୍ତି; ୨ ମୃତ

ସାନଖେମୁଣ୍ଡି, ୨୨।୭(ସମିସ): ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପୁଣି କାୟା ମେଲାଇଛି ଝାଡ଼ାବାନ୍ତି। ବ୍ଲକର ଟି. ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗ୍ରାମରେ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ, ଦାମପୁର ଗ୍ରାମର ସମ୍ବାରି ମଲ୍ଲିକ(୬୦) ଓ କାନ୍ଦରା ମଲ୍ଲିକ(୬୩) ଏବଂ ଗୁରୁତରଜଣଙ୍କ ହେଲେ ଶୁକ୍ରୀ ମଲ୍ଲିକ(୪୫)। ଦୂଷିତ ପାଣି ପାଇଁ ଏପରି ଝାଡ଼ାବାନ୍ତି ବ୍ୟାପୁଥିବା ଅଞ୍ଚଳବାସୀ କହିଛନ୍ତି। ଏଣେ ଦୁଇଜଣଙ୍କ ମୃତ୍ୟୁ ଏବଂ ସ୍ଥାନୀୟ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ସ୍ଥାନୀୟ ବାସିନ୍ଦାମାନେ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବରୁ ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତ ପୋଡ଼ାମାରି, ତାଳପୁର ଗ୍ରାମରେ, କଂସାମାରି ପଞ୍ଚାୟତ ଓ ନିକଟବର୍ତ୍ତୀ ଦିଗପହଣ୍ଡି ବ୍ଲକ ସହ ଦେବ ଟିକରପଡ଼ା ପଞ୍ଚାୟତ ଉସ୍ତପଲ୍ଲୀ ଗ୍ରାମରେ ପ୍ରାୟ ୫ରୁ ଉର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଛନ୍ତି। ଆଉ କିଛି ରୋଗୀଙ୍କୁ ପରିବାରବର୍ଗ ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରୁଛନ୍ତି। ମେଡିକାଲ ସୁପରଭାଇଜର ଓ ଏଏନଏମ୍ ନମିତା ନାୟକ ପହଞ୍ଚି ସ୍ଥିତି ପରଖିଛନ୍ତି।

# ନଙ୍ଗଲବୋର୍ଡରେ ଝାଡ଼ାବାନ୍ତି ୧୬ ଆକ୍ରାନ୍ତ, ୬ ଗୁରୁତର

ସିନାପାଲି,୨୨।୭(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ବଣପାହାଡ଼ ଘେରା ଉପାନ୍ତ ନଙ୍ଗଲବୋର୍ଡ ଗ୍ରାମରେ ଝାଡ଼ାବାନ୍ତି ୧୬ ଜଣ ଆକ୍ରାନ୍ତ ହୋଇ ଥିବା ବେଳେ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି। ଗୁରୁତର ବ୍ୟକ୍ତି ହେଲେ ବିଶି ମାଝି (୩୦), ଉଗ୍ରେସନ ମାଝି (୩୩), ବନିତା ମାଝି (୨୭), ମାଧୁରୀ ମାଝି (୫୦), ଗନସି ମାଝି (୪୫), ଦେବକୀ ମାଝି (୩୦) ବୋଲି ଜଣା ପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ସିନାପାଲି ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ଗତ ତିନିଦିନ ଧରି ଝାଡ଼ାବାନ୍ତି ବ୍ୟାପି ଥିବା ବେଳେ ସ୍ଥାନୀୟ ଗ୍ରାମର ଆଶା କର୍ମୀ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣାଇବା ପରେ ଆମ୍ବୁଲାନ୍ସ ଯୋଗେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଚାଲିଥିବା ବେଳେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟିମ୍ ଗାଁକୁ ଯାଇ ଅଧିକ ତଦନ୍ତ କରିବା ସହ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଜେ ରୋଜଗାର...

ସଂରକ୍ଷିତ ରଖିଥିଲେ। ଏହା ସହିତ ମାମଲାକୁ ରଦ୍ଦ କରିବାକୁ ପ୍ରସ୍ତାବ ଦେଇଥିଲେ।

କୋର୍ଟରେ ନିଜ ପକ୍ଷ ରଖି ମହିଳା କହିଥିଲେ ଯେ ତାଙ୍କ ସ୍ୱାମୀ ସିଟି ବ୍ୟାଙ୍କରେ ମ୍ୟାନେଜର ଅଛନ୍ତି। ତାଙ୍କର ୨ଟି ବ୍ୟବସାୟ ମଧ୍ୟ ରହିଛି। ସ୍ୱାମୀ ବହୁତ ଧନୀ। ମାନସିକ ରୋଗରେ ପୀଡ଼ିତ ଥିବା ଦାବି କରି ଛାଡ଼ପତ୍ର ନେବାକୁ ସ୍ୱାମୀ ଆବେଦନ କରିଛନ୍ତି। ନିଜେ ମାନସିକ ରୋଗୀ ଭଳି ଦେଖାଯାଉଛନ୍ତି କି ବୋଲି ସେ କୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଚାକିରି ଛାଡ଼ିବାକୁ ସ୍ୱାମୀ ତାଙ୍କୁ ବାଧ କରିଥିଲେ। ସ୍ୱାମୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମାଧବୀ ଦିୱାନ କହିଥିଲେ ଯେ ତାଙ୍କ ମହକିଲଙ୍କୁ ମଧ୍ୟ କାମ କରିବାକୁ ପଡୁଛି। ମହିଳା ଏଭଳି ସାମଗ୍ରୀ ଦେବା ପାଇଁ ଦାବି କରିପାରିବେ ନାହିଁ। ୨୦୧୫-୧୬ରେ ସ୍ୱାମୀଙ୍କ ଆୟ ୨.୫ କୋଟି ଟଙ୍କା ଥିଲା। ଏଥିରେ କୋଟିଏ ଟଙ୍କାର ବୋନସ ସାମିଲ ଥିଲା। ପୂର୍ବରୁ ପତ୍ନୀଙ୍କ ପାଖରେ ୨ଟି କାର୍ ପାର୍କିଂ କରିବା ଭଳି ଏକ ଫ୍ଲାଟ ରହିଛି।

### ସାରା ରାଜ୍ୟରେ...

ରୁହେ ସେବେ ଦାୟିତ୍ୱବୋଧ ହ୍ରାସ ପାଏ। ଏଥିପାଇଁ ପ୍ରଥମ ମୂଲ୍ୟ ମା', ଭଉଣୀଙ୍କୁ ଦେବାକୁ ପଡ଼େ। ଏହି ସମୟରେ ଆମେରିକା ସରକାର ଗତ ମାସରେ ଜାରି କରିଥିବା ଭ୍ରମଣ ନିର୍ଦ୍ଦେଶନାମା ଆହୁରି ଚିନ୍ତାଜନକ। ଏଥିରେ ଓଡ଼ିଶାକୁ ସେହି ୬ ରାଜ୍ୟମାନଙ୍କ ଭିତରେ ରଖାଯାଇଥିଲା; ଯେଉଁଠାରେ ରହୁଥିବା ଆମେରିକୀୟ ନାଗରିକ ରାଜଧାନୀ ବ୍ୟତୀତ ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ ସ୍ୱତନ୍ତ୍ର ଅନୁମତି ଜରୁରୀ। ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ଏବେ ହ୍ରାସ ପାଇଥିବା ବେଳେ ଆତଙ୍କବାଦ ପ୍ରାୟ ନାହିଁ। ହେଲେ ମହିଳାଙ୍କ ବିରୋଧରେ ବଢୁଥିବା ଏପରି ଅପରାଧ ଚିନ୍ତାକୁ ଆହୁରି ବଢ଼ାଇ ଦେଉଛି ବୋଲି ଉଲ୍ଲେଖ କରି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜୁଲାଇ ୧୭ ତାରିଖରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ସନ୍ଧ୍ୟା ୫ଟା୩୦ ପରେ କ୍ୟାମ୍ପସରେ ନ ରହିବାକୁ ବାରଣ କରି ଜାରି କରାଯାଇଥିବା ନିର୍ଦ୍ଦେଶନାମା ପରିସ୍ଥିତିର ଗମ୍ଭୀରତାକୁ ଇଙ୍ଗିତ କରୁଛି। ଲୋକଙ୍କ ବିରୋଧ ପରେ ଏହି ନିର୍ଦ୍ଦେଶନାମାକୁ ଫେରାଇ ନିଆଯାଇଥିଲେ ବି ଏହା ମହିଳାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବାର ମାନସିକତାକୁ ଦର୍ଶାଉଛି। ଏହା ପ୍ରକୃତ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ମହିଳାଙ୍କୁ ଅଧିକ ଦଣ୍ଡିତ କରିବା ପରି ମନେ ହେଉଛି। ରାଜ୍ୟର ବିଜେପି ସରକାର ତୁରନ୍ତ ପଦକ୍ଷେପ ନେଇ ମା'ମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ବ୍ୟବସ୍ଥା ଉପରେ ଥିବା ସେମାନଙ୍କ ବିଶ୍ୱାସ ଫେରାଇ ଆଣିବା ଆବଶ୍ୟକ ବୋଲି ନବୀନ କହିଛନ୍ତି। ଆମ ମା' ଓ ଭଉଣୀଙ୍କ ସୁରକ୍ଷା ପାଇଁ ବିଜୁ ଜନତା ଦଳ ପ୍ରତିଟି ସ୍ତରରେ ସ୍ୱର ଉଠାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ନବୀନ।

### ଦ୍ୱିତୀୟ ଦିନ...

ଦାବି କରିଛନ୍ତି। ଆଜି ଲୋକସଭା କାର୍ଯ୍ୟ ଆରମ୍ଭ ହେବାର କିଛି ମିନିଟ ପରେ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଦିଆଯାଇଥିଲା। ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଏହା ନ ଥମିବାରୁ ୨ଟା ପର୍ଯ୍ୟନ୍ତ ପୁଣି ଗୃହକୁ ସ୍ଥଗିତ ରଖା ଯାଇଥିଲା। ଦୁଇଟା ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ଦିନ ୧୨ ଏବଂ ପରେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। କିନ୍ତୁ ପରିସ୍ଥିତିରେ ସୁଧାର ନଆସିବାରୁ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା। ଏହାପୂର୍ବରୁ ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫା ଗୃହୀତ ହୋଇଥିବା ଘୋଷଣା କରିଥିଲେ।

ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ସହିତ ଅନେକ ନେତା ସଂସଦର ମକର ଦ୍ୱାରରେ ଛିଡ଼ା ହୋଇ ବିହାର ଏସଆଇଆର ବିରୋଧରେ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ ସରକାର ଚର୍ଚ୍ଚା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧୀ ବିକ୍ଷୋଭ କରି ଜନତାଙ୍କ ଟଙ୍କା ବର୍ବାଦ କରୁଛନ୍ତି। ସେହିପରି ଆଜିର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଂସଦ ଭବନରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ବିଦେଶ ମନ୍ତ୍ରୀ ଜୟଶଙ୍କରଙ୍କ ବୈଠକ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ସାମିଲ ହୋଇଥିଲେ। ଇଣ୍ଡିଆ ମେଣ୍ଟର ନେତା ମଧ୍ୟ ପୃଥକ ବୈଠକ କରିଥିଲେ।

### ଧନଖଡ଼ଙ୍କ ଇସ୍ତଫା...

ହେବାମାତ୍ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ନିର୍ବାଚନ କମିସନ। କେବଳ ଲୋକସଭା ଏବଂ ରାଜ୍ୟସଭା ସଭ୍ୟ ଏହି ନିର୍ବାଚନରେ ଭାଗ ନେଇପାରିବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି।

ଏହି ପଦବୀ ଲାଗି ଯେଉଁ ନେତାମାନଙ୍କ ନାମ ଚର୍ଚ୍ଚାରେ ରହିଛି, ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ, ଜେପି ନଡ୍ଡା. ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ରାଜ୍ୟସଭା ଉପାଧ୍ୟକ୍ଷ ହରିଭଂଶ ନାରାୟଣ ସିଂହ ଏବଂ କଂଗ୍ରେସର ଅସନ୍ତୁଷ୍ଟ ସାଂସଦ ଶଶୀ ଥରୁର। ଏହି ଦୌଡ଼ରେ ରାଜନାଥ ସିଂହ ସର୍ବାଗ୍ରେ ଥିଲା ବେଳେ କୌଣସି ଚର୍ଚ୍ଚାରେ ନଥିବା ନେତାଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ମଇଦାନରେ ଏନ୍‌ଡିଏ ଓହ୍ଲାଇବା ଅସମ୍ଭବ ନୁହେଁ ବୋଲି କୁହାଯାଉଛି।

### ଦୁଷ୍କର୍ମ ଉଦ୍ୟମ...

ଗୁରୁତର ଅବସ୍ଥାରେ ଗ୍ରାମବାସୀ ଓ ପରିବାରଲୋକ ମହିଳାଙ୍କୁ ଉଦ୍ଧାର କରିଥିଲେ। ଏନେଇ ମହିଳାଙ୍କ ଭାଇ ନରୋତ୍ତମ ପୃଷ୍ଟି ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ଆସିଛି, ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଆଇଏଏସ୍‌ସ୍ତରରେ...

ଶିଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡିଙ୍କୁ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗର ସଚିବ ଦାୟିତ୍ୱ ସହ ଇଡ୍‌କୋର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫ୍ୟାକ୍ଟ୍ରି ଓ ବଏଲର ନିରୀକ୍ଷକ ଅତିରିକ୍ତ ଦାୟିତ୍ୱ ମିଳିଛି। ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ମନୀଷ ଅଗ୍ରୱାଲ୍‌ଙ୍କୁ ଅତିରିକ୍ତ ଏସ୍‌ଆରସି, ଜଙ୍ଗଲ ପରିବେଶ ବିଭାଗର ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନଙ୍କୁ ଓଡ଼ିଶା ପାନୀୟ ନିଗମର ଏମ୍‌ଡି ଭାବେ ଅବସ୍ଥାପିତ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଭାବେ ନୂଆ ନିଯୁକ୍ତି ମିଳିଛି। ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବୈଷୟିକ ଶିକ୍ଷା ଏବଂ ତାଲିମ୍‌ର ନିର୍ଦ୍ଦେଶକ, ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଯେଦୁଲ୍ଲା ବିଜୟଙ୍କୁ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ନିୟତି ପଟ୍ଟନାୟକଙ୍କୁ ଉଚ୍ଚମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ପ୍ରତାପ ଚନ୍ଦ୍ର ହୋତାଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ସାଗରିକା ହୋତାଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି।

ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ରୂପେ ନିଯୁକ୍ତି ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ , ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ରଘୁରାମ ଆର୍ ଆୟରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି। ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ବିଏମ୍‌ସି କମିସନର ଭାବେ ବଦଳି କରାଯାଇଛି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ରାୟଗଡ଼ା ଜିଲ୍ଲାପାଳ ଭାବେ କାର୍ଯ୍ୟରତ ପାରୁଲ ପଟ୍ଟୱାରୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଭାବରେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ୍ ନରୱଣେଙ୍କୁ ଶିଳ୍ପ ନିର୍ଦ୍ଦେଶକ(କଟକ) ଓ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ରୁତୁରାଜଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକ, ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀ ଜିଲ୍ଲାପାଳ, ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଜିଲ୍ଲାପାଳ, ମ ଆଶିଷ ଇଶ୍ୱର ପାଟିଲ୍ ଢେଙ୍କାନାଳ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ କୀର୍ତ୍ତି ଭାସନ୍ ଭିଙ୍କୁ ଗଞ୍ଜାମ ଜିଲ୍ଲାପାଳ ଦାୟିତ୍ୱ ମିଳିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍‌ଙ୍କୁ ନୃପରାଜ ସାହୁଙ୍କୁ ସୋନପୁର ଜିଲ୍ଲାପାଳ ଏବଂ ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅମ୍ବର କୁମାର କରଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏସ୍‌ଏମ୍‌ସି କମିସନର ବେଦଭୂଷଣ କନ୍ଧମାଳ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇବେ। ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ୍ କ୍ଷତ୍ରୀ ଏସ୍‌ଏମ୍‌ସି କମିସନର ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଗୁଣୁପୁର ଉପଜିଲ୍ଲାପାଳ କିରଣଦୀପ କୌରଙ୍କୁ ସିଏମ୍‌ସି କମିସନର ଭାବେ ନିଯୁକ୍ତି ମିଳିଛି। ସୋନପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପସଚିବ ଓ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଶା ରେଡ୍ଡିଙ୍କୁ ଅବକାରୀ ଆୟୁକ୍ତ ରୂପେ ନିଯୁକ୍ତି ମିଳିଛି। ରାଉରକେଲା ଏଡିଏମ୍ କୁଲକର୍ଣ୍ଣି ଆଶୁତୋଷ ସିଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତାଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ପଦ୍ମପୁର ଏଡିଏମ୍ ଚୱନ୍ କୁନାଲ୍ ମୋତିରାମଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳ, ମୟୂରଭଞ୍ଜ ଏଡିଏମ୍ ବିଭୂତିଭୂଷଣ ନାୟକଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତାଗିର୍‌ଙ୍କୁ ରାଉରକେଲା ଏଡିଏମ୍ ଓ ବାଲିଗୁଡ଼ା ଉପଜିଲ୍ଲାପାଳ ରୀନା ପ୍ରଧାନଙ୍କୁ କେନ୍ଦୁଝର ଡ଼ିଏମ୍‌ଏଫ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।



| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୮୬.୪୫ ● ପାଉଣ୍ଡ ୧୧୬.୪୨ | ● ସୁନା: ୯୨,୮୫୦ (ଭୁବନେଶ୍ୱର) | ● ସେନ୍ସେକ୍ସ ୮୨,୧୮୬.୦୦ | ● ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| ● ୟୁରୋ ୧୦୦.୫୧ ● ୟେନ୍ ୦.୫୮ | ● ରୁପା : ୧,୧୯,୫୦୦ (କେଜି) | ● ନିଫ୍ଟି ୨୫,୦୬୦.୦୦ | ● ଡିଜେଲ୍ - ୯୨.୮୦ |

ଟାରିଫ୍ ବିବାଦ; ପୁଣି ଧମକ ଦେଲା ଆମେରିକା

# ରୁଷରୁ ତେଲ କିଣିଲେ ବରବାଦ୍ କରିଦେବୁ

ୱାଶିଂଟନ୍,୨୨।୭ (ଏଜେନ୍ସି)

ଟାରିଫ୍ ବିବାରେ ବେ ଭାରତକୁ ପୁଣି ଥରେ ଧମକ ଦେଇଛି ଆମେରିକା । ରୁଷଠାରୁ ତେଲ କିଣିଲେ ବିନାଶ ଘଟିବ ବୋଲି ଆମେରିକା କହିଛି । ଆମେରିକୀୟ ସିନେଟର ଲିଣ୍ଡସେ ଗ୍ରାହାମ୍ ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ରୁଷିଆ ତେଲ କିଣିବା ବିରୁଦ୍ଧରେ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ଏହି ଦେଶଗୁଡ଼ିକ ଏପରି ଜାରି ରଖନ୍ତି, ତେବେ ସେମାନଙ୍କର ଅର୍ଥନୀତି ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ପଡ଼ିପାରେ । ପୂର୍ବରୁ, ଟ୍ରମ୍ପ ମଧ୍ୟ ୧୦୦ ପ୍ରତିଶତ ଟିକସ ଲାଗୁ କରିବାକୁ ଧମକ ଦେଇସାରିଛନ୍ତି ।

ଆଜିର ବିଶ୍ୱରେ, ତେଲ କେବଳ ଏକ ଗାଡି ଚାଳନାର ମାଧ୍ୟମ ନୁହେଁ, ବରଂ ଏକ ପ୍ରମୁଖ କୂଟନୈତିକ ଅସ୍ତ୍ର ପାଲଟିଛି । ରୁଷିଆ-ୟୁକ୍ରେନ ଯୁଦ୍ଧ ବିଶ୍ୱ ସମୀକରଣକୁ ଦୋହଲାଇଦେଇଛି । ଏବେ ଆମେରିକା ଭାରତ, ଚୀନ୍ ଏବଂ ବ୍ରାଜିଲ୍ ଭଳି ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛି । ଯଦି ଏହି ଦେଶଗୁଡ଼ିକ ରୁଷଠାରୁ ତେଲ କିଣନ୍ତି, ତେବେ ସେମାନଙ୍କର ଅର୍ଥନୀତିକୁ ଭାରି କ୍ଷତି ସହିବାକୁ ପଡ଼ିପାରେ । ଗ୍ରାହାମ୍ ସମ୍ପ୍ରତି ଫକ୍ସ ନ୍ୟୁଜରେ ଖୋଲାଖୋଲି ଭାବରେ ଏଭଳି ଧମକ ଦେଇଥିଲେ । ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ଟାର୍ଗେଟ କରି ସେ କହିଛନ୍ତି, ଯଦି ତୁମେ ରୁଷିଆଠାରୁ ଶସ୍ତା ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଦେଇ ଚାଲିବ, ତେବେ ଆମେ ତୁମର ଅର୍ଥନୀତିକୁ ଧ୍ୱଂସ କରିଦେବୁ । ଗ୍ରାହାମ କହିଛନ୍ତି ଯେ ଏହି ୩ଟି ଦେଶ ରୁଷର ପ୍ରାୟ ୮୦% ତେଲ କିଣୁଛନ୍ତି, ଯାହା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଯୁଦ୍ଧ ଯନ୍ତ୍ରପାତିକୁ ପାଣ୍ଠି ଯୋଗାଉଛି । ସେ ଏହାକୁ 'ବ୍ଲଡ୍ ମନି' ବା 'ରକ୍ତର ଟଙ୍କା' ବୋଲି ମଧ୍ୟ କହିଥିଲେ । ଗ୍ରାହାମ ବିଶ୍ୱାସ କରନ୍ତି ଯେ ରୁଷରୁ ତେଲ କିଣି ଏହି ଦେଶଗୁଡ଼ିକ କେବଳ ନିଜର ଲାଭ ଖୋଜୁନାହାନ୍ତି, ବରଂ ଭୁଲ ଉପାୟରେ ପୁଟିନ୍‌ଙ୍କୁ ସମର୍ଥନ ମଧ୍ୟ କରୁଛନ୍ତି ।

ସିନେଟର ଲିଣ୍ଡସେ ଗ୍ରାହାମ ଏବଂ ରିଚାର୍ଡ ବ୍ଲୁମେନ୍ଥଲ ମିଳିତ ଭାବରେ ଆମେରିକା ସଂସଦରେ ଏକ ବିଲ୍ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ରୁଷରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଷୟରେ ଆଲୋଚନା କରାଯାଇଛି । ଏହି ବିଲ୍‌ରେ ୫୦୦ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ବିଷୟରେ ପ୍ରସ୍ତାବ ରହିଛି । ଅର୍ଥାତ୍, ଯଦି ଭାରତ, ଚୀନ୍ କିମ୍ବା ବ୍ରାଜିଲ ରୁଷରୁ ତେଲ କିଣୁଛନ୍ତି, ତେବେ ସେମାନଙ୍କ ସାମଗ୍ରୀ ଉପରେ ଏତେ ଭାରି ଟିକସ ଲାଗୁ ହୋଇପାରେ, ସେଥିରେ ସେମାନଙ୍କ ଅର୍ଥନୀତିକୁ ବଡ଼ ଆଘାତ ଲାଗିବ । ଗ୍ରାହାମ କହିଛନ୍ତି, ଆମେ ପୁଟିନଙ୍କୁ ବୁଝାଇବାକୁ ଚାହୁଁଛୁ ଯେ ଏବେ ଖେଳ ବଦଳିଯାଇଛି । ସେ ଦାବି କରନ୍ତି ଯେ ଏହି ବିଲ୍ କେବଳ ରୁଷକୁ ନୁହେଁ, ବରଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କୁ ମଧ୍ୟ ଶିକ୍ଷା ଦେବ । ଏହି ବିଲ୍ ଆମେରିକା ସଂସଦରେ ୮୫ ଜଣ ସାଂସଦଙ୍କ ସମର୍ଥନ ପାଇଛି ।

ଭାରତ ଏହି ଚେତାବନୀ ଉପରେ ଏହାର ସ୍ପଷ୍ଟୀକରଣ ପୂର୍ବରୁ ଦେଇସାରିଛି । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଭାରତ ଏହାର ଶକ୍ତି ଆବଶ୍ୟକତା ଏବଂ ଆର୍ଥିକ ସ୍ଥିରତାକୁ ଧ୍ୟାନରେ ରଖି ରୁଷରୁ ତେଲ କିଣୁଛି । ସେ କହିଛନ୍ତି ଯେ ଭାରତୀୟ ଦୂତାବାସ ଏବଂ ରାଷ୍ଟ୍ରଦୂତ ସିନେଟର ଗ୍ରାହାମଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଜୟଶଙ୍କର କହିଛନ୍ତି, ଆମେ ତାଙ୍କ ନିକଟରେ ଆମର ଚିନ୍ତା ଏବଂ ସ୍ୱାର୍ଥ ଉପସ୍ଥାପନ କରିଛୁ । ଆବଶ୍ୟକ ହେଲେ, ଆମେ ଏହି ପ୍ରସଙ୍ଗ ଉପରେ ଆହୁରି ବିଚାର କରିବୁ । ଭାରତର ମତ ସ୍ପଷ୍ଟ ଯେ ଦେଶ ଏହାର ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେବ, କିନ୍ତୁ ସେହି ସମୟରେ ଏହା ବିଶ୍ୱ କୂଟନୀତିରେ ସନ୍ତୁଳନ ବଜାୟ ରଖିବାକୁ ମଧ୍ୟ ଚାହୁଁଛି ।




- ଧ୍ୱଂସ ହୋଇଯିବ
- ଲଗାଇବୁ ୫୦୦% ଶୁଳ୍କ
- ଚୀନ୍, ବ୍ରାଜିଲ୍‌କୁ ବି ଚେତାଇଲେ ଆମେରିକାର ସିନେଟର

ରାଷ୍ଟ୍ରାୟତ୍ତ କମ୍ପାନୀର ଶୀର୍ଷ ପଦରେ ଆଉ ଜଣେ ଓଡ଼ିଆ ପୁଅ

# ସାରଦା ମହାନ୍ତି ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)

ଦେଶର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖିଆ ପଦରେ ଆଉ ଜଣେ ଓଡ଼ିଆ ପୁଅ ବସିବାକୁ ଯାଉଛନ୍ତି । ସାରଦା ଭୂଷଣ ମହାନ୍ତି ହେବେ ଇଣ୍ଡିଆନ୍ ରେଆର ଆର୍ଥ ଲିମିଟେଡ୍ (ଆଇଆର୍‌ଇଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ଚଳିତମାସରେ ଶ୍ରୀ ମହାନ୍ତିଙ୍କୁ ଏହି ପଦ ପାଇଁ ମନୋନୀତ କରିଛି । ସେ ବର୍ତ୍ତମାନ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡର ନିର୍ଦ୍ଦେଶକ (ଅର୍ଥ) ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କୁ କମ୍ପାନୀର ପରବର୍ତ୍ତୀ ସିଏମ୍‌ଡି ଭାବରେ ମନୋନୀତ କରାଯାଇଛି ।

ଜୁଲାଇ ୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପିଇଏସ୍‌ବିର ୫୬ତମ ଚୟନ ବୈଠକ ପରେ ଏହି ଘୋଷଣା କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି ପାଇଁ ବିଭିନ୍ନ ପ୍ରତିଷ୍ଠିତ ସାର୍ବଜନୀନ କ୍ଷେତ୍ର ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ୧୨ ଜଣ ବରିଷ୍ଠ ପ୍ରାର୍ଥୀଙ୍କୁ ନେଇ ଏକ କଠୋର ଚୟନ ପ୍ରକ୍ରିୟା ପରେ ଏହି ଶୀର୍ଷ ପଦବୀ ପୂରଣ କରାଯାଇଛି । ଏଥରେ ପ୍ରାର୍ଥୀମାନଙ୍କ ମଧ୍ୟରେ ଏନ୍‌ଏମ୍‌ଡିସି, ଏମ୍‌ଅଏଲ୍, ଏନ୍‌ଏଲ୍‌ସି ଇଣ୍ଡିଆ, ସିମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ, ହିନ୍ଦୁସ୍ତାନ ପେଟ୍ରୋ କେମିକାଲ୍ସ ଏବଂ ଭାରତୀୟ ରେଳବାଇର ଅଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ । ଆର୍ଥିକ ରଣନୀତି କ୍ଷେତ୍ରରେ ଶ୍ରୀ ମହାନ୍ତିଙ୍କର ଥିବା ଗଭୀର ଅଭିଜ୍ଞତା ଆଇଆର୍‌ଇଏଲ୍ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ଶ୍ରୀ ମହାନ୍ତି ପୂର୍ବରୁ ରାଷ୍ଟ୍ରାୟତ୍ତ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବରିଷ୍ଠ ପଦବୀରେ ମଧ୍ୟ କାର୍ଯ୍ୟ କରିଛନ୍ତି ।



# ଲାଞ୍ଚ ମାମଲାରେ ଚନ୍ଦା କୋଚ୍ଛାର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀଲ,୨୨।୭ (ଏଜେନ୍ସି)

ଦିଲ୍ଲୀର ଏକ ଟ୍ରିବ୍ୟୁନାଲ୍ ୬୪ କୋଟି ଟଙ୍କାର ଲାଞ୍ଚ ନେବା ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଛାରଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ଭିଡିଓକନ୍ ଗ୍ରୁପ୍‌କୁ ୩୦୦ କୋଟି ଟଙ୍କା ଋଣ ମଞ୍ଜୁର କରିବା ବଦଳରେ ଚନ୍ଦା ଏହି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା । ଟ୍ରିବ୍ୟୁନାଲ୍ କହିଛି ଯେ କୋଚ୍ଛାର ବ୍ୟାଙ୍କରେ ତାଙ୍କ ପଦବୀର ଅପବ୍ୟବହାର କରିଛନ୍ତି ଏବଂ ନିୟମର ଉଲ୍ଲଂଘନ କରିଛନ୍ତି । ମାମଲାର ତଦନ୍ତ କରିବା ସମୟରେ ଇଡିତାଙ୍କୁ ଏହି ଅଭିଯୋଗ କରିଥିଲା । ମାମଲା ୨୦୧୬ରେ ଆରମ୍ଭ ହୋଇଥିଲା । ଟ୍ରିବ୍ୟୁନାଲ୍ ଜାଣିପାରିଲେ ଯେ ଭିଡିଓକନ୍ ଋଣ ପାଇବାର ଗୋଟିଏ ଦିନ ପରେ, ଲାଞ୍ଚ ଟଙ୍କା ଭିଡିଓକନ୍ ର ୟୁନିଟ୍ ଏସ୍‌ଇପିଏଲ୍‌ର ଆକାଉଣ୍ଟରୁ କୋଚ୍ଛାରଙ୍କ ସ୍ୱାମୀ ଦୀପକ କୋଚ୍ଛାରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଆର୍‌ପିଏଲ୍)କୁ ଦିଆଯାଇଥିଲା । ଟ୍ରିବ୍ୟୁନାଲ୍ କହିଛନ୍ତି ଯେ କାଗଜପତ୍ରରେ, ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଭିଡିଓକନ୍‌ର ଅଧ୍ୟକ୍ଷ ଭେଣୁଗୋପାଳ ଧୂତଙ୍କ ମାଲିକାନାରେ ଥିବା ଦର୍ଶାଯାଇଥିଲା, କିନ୍ତୁ ଏହାର ପ୍ରକୃତ ନିୟନ୍ତ୍ରଣ ଦୀପକ କୋଚ୍ଛାରଙ୍କ ପାଖରେ ଥିଲା । ଦୀପକ ଏନ୍‌ଆର୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଥିଲେ । ତେଣୁ, ଆବେଦନକାରୀଙ୍କ ଅଭିଯୋଗ ଠିକ୍ ।

ଚନ୍ଦା ଏବଂ ଦୀପକ କୋଚ୍ଛାର ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନକୁ ଦିଆଯାଇଥିବା ଋଣ ମାଧ୍ୟମରେ ଠକେଇ କରିଥିଲେ । ଏହି ଋଣଗୁଡ଼ିକ ପରେ ଏନ୍‌ପିଏରେ ପରିଣତ ହୋଇଥିଲା । ଏହି ମାମଲାରେ, ସିବିଆଇ, ଇଡି, ଏସ୍‌ଏଫ୍‌ଆଇଓ ଏବଂ ଆୟକର ବିଭାଗ କୋଚ୍ଛାର ଦମ୍ପତ୍ତିଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଥିଲେ । ଏଥିରେ ୨୦୧୨ରେ ଭିଡିଓକନକୁ ଦିଆଯାଇଥିବା ୩୨୫୦କୋଟି ଟଙ୍କାର ଋଣ ଅନ୍ତର୍ଭୁକ୍ତ । ଅଭିଯୋଗ ଅନୁଯାୟୀ, ଭିଡିଓକନ ଋଣ ପାଇବା ପରେ ଧୂତ କୋଚ୍ଛାରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସରେ କୋଟି କୋଟି ଟଙ୍କା ନିବେଶ କରିଥିଲେ । ଏହି ଋଣକୁ ଏକ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା, ଯେଉଁଥିରେ ଚନ୍ଦା କୋଚ୍ଛାର ମଧ୍ୟ ସଦସ୍ୟ ଥିଲେ । ୨୦୧୮ ଅକ୍ଟୋବରରେ ଏହି ମାମଲାରେ ଚନ୍ଦାଙ୍କୁ ଇସ୍ତଫା ଦେବାକୁ ପଡିଥିଲା ।



ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଥିଲେ

ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା | ଭାଙ୍ଗିଲା ସବୁ ରେକର୍ଡ

# ରୁପା କିଲୋ ୧.୨୦ ଲକ୍ଷ ଟଙ୍କା ଛୁଇଁବ

ଭୁବନେଶ୍ୱର,୨୨।୭ (ସମିସ)

ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବଢୁଥିବା ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଏବଂ ରୁପା ବଜାର । ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍ । ଇତିମଧ୍ୟରେ ରୁପା ମୂଲ୍ୟ ପ୍ରଥମ ଥର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି । ରୁପା ଦର ଐତିହାସିକ ରେକର୍ଡ ସ୍ତର କିଲୋ ପିଛା ୧.୨୦ ଲକ୍ଷ ଟଙ୍କା ଛୁଇଁବାକୁ ଯାଉଛି । ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋ ପିଛା ୩୦୦୦ ଟଙ୍କା ବୃଦ୍ଧି ଘଟିଛି । ଏହାଛଡା ନୂଆଦିଲ୍ଲୀରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୧,୨୯୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୯୨,୮୫୦ ଟଙ୍କା ହୋଇଛି । ତେବେ ଭୁବନେଶ୍ୱରେ ଆଜି ରୁପା କିଲୋ ପିଛା ୧,୧୯,୫୦୦ ଟଙ୍କା ରହି ୧.୨୦ ଲକ୍ଷ ଟଙ୍କା ସ୍ତର ଛୁଇଁବାକୁ ବସିଛି ।

ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଟପିଯାଇଛି । ଷ୍ଟକିଷ୍ଟମାନଙ୍କ ଦ୍ୱାରା ପ୍ରବଳ କ୍ରୟ ଯୋଗୁଁ ମଙ୍ଗଳବାର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ଏକ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି । ଏହାସହିତ, ୯୯.୯ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ଏହି ମୂଲ୍ୟବାନ ଧାତୁ ୧୦ ଗ୍ରାମ ପିଛା ଚାରି ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୯,୫୫୦ ଟଙ୍କା ହୋଇଛି । ସେହି ସମୟରେ ରୁପା ମୂଲ୍ୟ ମଧ୍ୟ ୩୦୦୦ ଟଙ୍କା ବୃଦ୍ଧି ପାଇ ଏହା ୧,୧୮,୦୦୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି । ଏହାବ୍ୟତୀତ ଏହି ସମୟରେ ବିଶ୍ୱ ବଜାରରେ ସ୍ପଟ୍ ବଜାରେ ସୁନା ମୂଲ୍ୟରେ ୦.୨୮ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୩୮୭.୪୨ ଡଲାରରେ ପହଞ୍ଚିଛି । ସେହି ସମୟରେ ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ରୁପା ମୂଲ୍ୟ ମଧ୍ୟ ୦.୧୧ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୮.୮୯ ଡଲାରରେ ପହଞ୍ଚିଛି । ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୧,୨୯୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୮୫୦ ଟଙ୍କା ହୋଇଛି ।



ଦିନକରେ ଦର ୩୦୦୦ ଟଙ୍କା ବୃଦ୍ଧି

# ଅପ୍‌ଗ୍ରେଡ୍ ହେବ ୧୦୦୦ ଆଇଟିଆଇ

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ଦେଶର ଯୁବକଙ୍କୁ ରୋଜଗାର କ୍ଷମ ତଥା ସେମାନଙ୍କର ଶିଳ୍ପ ଦକ୍ଷତା ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବଡ଼ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଦେଶର ଏକ ହଜାର ଆଇଟିଆଇକୁ ଅପଗ୍ରେଡ କରାଯିବ । ଏଥିପାଇଁ କେନ୍ଦ୍ର ସରକାର ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନେତୃତ୍ୱରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ, ଏଥିରେ ସରକାର ଆଗାମୀ ପାଞ୍ଚ ବର୍ଷରେ ୨ କୋଟି ଯୁବକଙ୍କୁ ଟ୍ରେନିଂ ଦେବାକୁ ଲକ୍ଷ୍ୟ ରଖାଯାଇଛି ।

ଏକ ରିପୋର୍ଟ ଅନୁସାରେ, ଏହି ଯୋଜନାରେ ସାମିଲ ହେବା ପାଇଁ ଅନେକ ବଡ଼ ଭାରତୀୟ ଏବଂ ବିଦେଶୀ କମ୍ପାନି ସରକାରଙ୍କ ସହ ଆଲୋଚନା କରୁଛନ୍ତି । ଏପର୍ଯ୍ୟନ୍ତ ୧୨ରୁ ଅଧିକ କମ୍ପାନି ଏଥିପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି । ଯେଉଁଥିରେ ୮ ପ୍ରମୁଖ କମ୍ପାନି ରିଲାଏନ୍ସ ଗ୍ରୁପ୍, ଆଦାନୀ ଗ୍ରୁପ୍, ମହିନ୍ଦ୍ରା ଗ୍ରୁପ୍, ଜେକେ ସିମେଣ୍ଟ, ଜିନ୍ଦଲ ଗ୍ରୁପ୍, ଟୋୟୋଟା ଇଣ୍ଡିଆ, ଶ୍ନାଇଡର ଇଲେକ୍ଟ୍ରିକ ଏବଂ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ରହିଛନ୍ତି । ଏହି ସହଭାଗିତା ଦ୍ୱାରା 'ହବ୍ ଆଣ୍ଡ ସ୍ପୋକ' ଆଇଟିଆଇ ସେଟଅପ୍ କରାଯିବ । ଯେଉଁଠାରେ ଶିଳ୍ପ ଆଧାରିତ ଟ୍ରେନିଂ ଦିଆଯିବ ।

ଏହି ମଡେଲରେ କିଛି ବଡ଼ ଆଇଟିଆଇକୁ 'ହବ୍' କରାଯିବ, ଯେଉଁଠାରେ ଅତ୍ୟାଧୁନିକ ଟ୍ରେନିଂ ଏବଂ ସୁବିଧା ମିଳିବ । ସେହିଭଳି ଛୋଟ ଆଇଟିଆଇ ଏହି ହବ୍ ସହ ଯୋଡ଼ିହେବେ ଏବଂ ସେମାନଙ୍କୁ 'ସ୍ପୋକ' କୁହାଯିବ । ଏହାଦ୍ୱାରା ସବୁ କ୍ଷେତ୍ରରେ ଉତ୍ତମ ଏବଂ ଏକାଭଳି କ୍ୱାଲିଟି ଥିବା ଟ୍ରେନିଂ ଦିଆଯାଇପାରିବ । ଯାହା ସ୍ଥାନୀୟ ଉଦ୍ୟୋଗର ଆବଶ୍ୟକତା ଅନୁସାରେ ହେବ । ଜେକେ ସିମେଣ୍ଟ ରାଜସ୍ଥାନ, ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶରେ କନଷ୍ଟ୍ରକ୍ସନ, ଇଲେକ୍ଟ୍ରୋନିକ୍ସ, ନବୀକରଣ ଯୋଗ୍ୟ ଏବଂ ହସ୍ପିଟାଲିଟି ଭଳି କ୍ଷେତ୍ରରେ ଟ୍ରେନିଂ ଦେବେ । ରିଲାଏନ୍ସ ଗ୍ରୁପ୍ ମହାରାଷ୍ଟ୍ର, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶରେ ରିନ୍ୟୁଏବଲ ଏନର୍ଜୀ, ଆଡଭାନ୍ସ ମ୍ୟାନୁଫାକଚରିଂ, ରିଟେଲ ଏବଂ ପେଟ୍ରୋକେମିକାଲ ଇଞ୍ଜିନିୟରିଂରେ ଟ୍ରେନିଂ ଦେବ ।



# ଟିପିସିଓଡିଏଲ୍ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ରହିବା ପାଇଁ ଗ୍ରାହକମାନଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୨।୭ (ସମିସ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁ ଲାଗି ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ଏବଂ ବର୍ଷା ଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି । ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ । ଏଭଳି ପରିସ୍ଥିତି ବିଦ୍ୟୁତ୍ ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ । ନିଜକୁ, ନିଜ ପରିବାର ଓ ସଂପତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି । ଜଳାର୍ଣ୍ଣବ ଥିବା ଅଞ୍ଚଳରେ ପ୍ରବେଶ କରନ୍ତୁ ନାହିଁ କିମ୍ବା ଚାଲନ୍ତୁ ନାହିଁ, କାରଣ ପାଣି ଭିତରେ ବୁଡ଼ି ରହିଥିବା ବିଦ୍ୟୁତ୍ ତାର କିମ୍ବା ଆପ୍ଲାଏନ୍‌ସେସ୍ ବିଦ୍ୟୁତ୍ ଝଟ୍‌କା ଭଳି ଗୁରୁତର ବିପଦ ସୃଷ୍ଟି କରିପାରେ । ଘଡ଼ଘଡ଼ି, ପ୍ରବଳ ବର୍ଷା କିମ୍ବା ଝଡ଼ ସମୟର ବିଦ୍ୟୁତ୍ ପ୍ରବାହରେ ହଠାତ୍ ବୃଦ୍ଧି ଘଟିଥାଏ ଏହା ପ୍ରଭାବରୁ ସୁରକ୍ଷା ପାଇଁ ସମସ୍ତ ଅଣ ଅତ୍ୟାବଶ୍ୟକ ବିଦ୍ୟୁତ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ ପ୍ଲଗ୍‌ରୁ କାଢ଼ି ଦେବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ବିଶେଷ କରି ମୌସୁମୀ ଋତୁରେ ପାଣିପାଗ ସ୍ଥିତି ଯୋଗୁଁ ବିପଦ ଆଶଙ୍କା ବୃଦ୍ଧି ପାଉଥିବାରୁ ଟିପିସିଓଡିଏଲ୍‌ରେ ଆମେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଉଛୁ । ସତର୍କ ରହିବା ଏବଂ ଏହି ସରଳ ତଥା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପଗୁଡ଼ିକୁ ପାଳନ କରିବା ପାଇ ଆମେ ଆମ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦେଉଛୁ । ଆମେ ସମସ୍ତେ ମିଳିତ ଭାବେ ଏହି ଋତୁ ସାରା ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବା ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ଅଗଷ୍ଟ ସୁଦ୍ଧା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଅସମ୍ଭବ

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)

ଆମେରିକାର ଟ୍ରମ୍ପ ପ୍ରଶାସନ ସମୟସୀମା ଅପେକ୍ଷା ବାଣିଜ୍ୟ ଚୁକ୍ତିର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦେଉଛି । ଦେଶଗୁଡ଼ିକ ପାଇଁ ଅଗଷ୍ଟ ପହିଲା ପୂର୍ବରୁ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା କିମ୍ବା ଭାରୀ ଶୁଳ୍କର ସମ୍ମୁଖୀନ ହେବା ଭଳି ସ୍ଥିତି ବେଶ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଭାରତ, ୟୁରୋପୀୟ ସଂଘ (ଇୟୁ) ଏବଂ ଜାପାନ ସହିତ ଆମେରିକାର ବାଣିଜ୍ୟ ଆଲୋଚନା ଆଶାଠାରୁ ଅଧିକ କଷ୍ଟକର ପ୍ରମାଣିତ ହୋଇସାରିଛି । ୱାଶିଂଟନରେ ପ୍ରାୟ ଏକ ସପ୍ତାହ ଧରି ଆଲୋଚନା କରିବା ପରେ ଭାରତୀୟ ବାଣିଜ୍ୟ ଆଲୋଚନାକାରୀମାନେ ଫେରିଛନ୍ତି । କିନ୍ତୁ, ସରକାରୀ ସୂତ୍ର ଅନୁଯାୟୀ, ଅଗଷ୍ଟ ପହିଲା ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାର ଆଶା କମ୍ । ଅର୍ଥାତ୍, ବର୍ତ୍ତମାନ ଅଗଷ୍ଟ ପହିଲା ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ଏକ ଚୁକ୍ତି ହେବା କଷ୍ଟକର । ସେହି ସମୟରେ, ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସାଣ୍ଟଙ୍କ ବିବୃତ୍ତି ଦର୍ଶାଉଛି ଯେ ଯଦି ଅଗଷ୍ଟ ପହିଲାରେ ଶୁଳ୍କ ପୁନଃ ଲାଗୁ କରାଯାଏ, ତେବେ ଉଚ୍ଚ ଶୁଳ୍କ ସ୍ତର ସେହି ଦେଶଗୁଡ଼ିକ ଉପରେ ଭଲ ଚୁକ୍ତି କରିବା ପାଇଁ ଅଧିକ ଚାପ ପକାଇବ । ଏହାର ଅର୍ଥ ହେଉଛି ଭାରତକୁ ଆମେରିକାର ସର୍ତ୍ତାବଳୀରେ ଏକ ଚୁକ୍ତି କରିବାକୁ ପଡିବ ନଚେତ୍ ଏହାକୁ ଆମେରିକା ଆଡୁ ଉଚ୍ଚ ଶୁଳ୍କର ସାମ୍ନା କରିବାକୁ ପଡିପାରେ । ଏହା ଭାରତୀୟ ରପ୍ତାନିକୁ ପ୍ରଭାବିତ କରିପାରେ । ଏହି ପରିସ୍ଥିତି ଭାରତ ପାଇଁ ବେଶ ଆହ୍ୱାନପୂର୍ଣ୍ଣ । ଏହାକୁ ଏହାର ବାଣିଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ଆମେରିକା ସହିତ ସନ୍ତୁଳନ ରଖିବାକୁ ପଡିବ । ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ପାଇଁ ଆଲୋଚନା ମାର୍ଚ୍ଚରେ ଆରମ୍ଭ ହୋଇଥିଲା । ଏ ପର୍ଯ୍ୟନ୍ତ ପାଞ୍ଚ ପର୍ଯ୍ୟାୟ ସମାପ୍ତ ହୋଇଛି । ଅନେକ ପ୍ରସଙ୍ଗରେ ଆଲୋଚନାରେ ସହମତି ହୋଇପାରିନାହିଁ । ସ୍କଟ୍ ବେସାଣ୍ଟ ସ୍ପଷ୍ଟ କରିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ବାଣିଜ୍ୟ ଚୁକ୍ତିର ଗୁଣବତ୍ତା ସହିତ ସାଲିସ କରିବନାହିଁ । ସେମାନଙ୍କ ପାଇଁ, ସମୟ ଅପେକ୍ଷା ଚୁକ୍ତି ଭଲ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହାର ଅର୍ଥ ହେଉଛି ଯେ ଆମେରିକା କୌଣସି ଦେଶ ସହିତ କୌଣସି ତରବରିଆ ଚୁକ୍ତି କରିବ ନାହିଁ, ଯଦିଓ ଅଗଷ୍ଟ ପହିଲାର ଶେଷ ତାରିଖ ପାଖେଇଆସୁଛି ।

ବେସାଣ୍ଟ କହିଛନ୍ତି ଯେ ଯଦି ଅଗଷ୍ଟ ୧ ରୁ ପୁଣିଥରେ ଶୁଳ୍କ ଲାଗୁ କରାଯାଏ, ତେବେ ଏହା ସେହି ଦେଶଗୁଡ଼ିକ ଉପରେ ଭଲ ଚୁକ୍ତି କରିବା ପାଇଁ ଚାପ ବୃଦ୍ଧି କରିବ । ଏହାର ଅର୍ଥ ହେଉଛି ଯେ ଆମେରିକା ଅନ୍ୟ ଦେଶମାନଙ୍କୁ ତାଙ୍କ ସର୍ତ୍ତାବଳୀରେ ରାଜି କରାଇବା ପାଇଁ ଶୁଳ୍କକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିପାରିବ ।



## ଆଜିଠାରୁ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଟେଷ୍ଟ; ବର୍ଷା ଆଶଙ୍କା

# କର ବା ମର ସ୍ଥିତିରେ ଭାରତ

ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି)



ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ବୁଧବାରଠାରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ଟି ଟେଷ୍ଟ ମଧ୍ୟରୁ ଲିଡ୍ସ ଓ ଲର୍ଡ୍ସରେ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହି ଓ ଭାରତ ୧-୨ରେ ପଛୁଆ ରହି ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛି। ଏହି ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ୨-୨ରେ ବରାବର ସ୍ଥିତିକୁ ଆସିବ। ଇଂଲଣ୍ଡ ଯଦି ବିଜୟୀ ହୁଏ ତେବେ ଆଉ ଗୋଟିଏ ଟେଷ୍ଟ ବାକିଥାଇ ଘରୋଇ ଦଳ ୩-୧ରେ ସିରିଜ୍ କବ୍‌ଜା କରିବ। ମ୍ୟାଚ୍ ଡ୍ର ରହିଲେ ୫ମ ଟେଷ୍ଟ ସିରିଜ୍ ନିର୍ଣ୍ଣାୟକ ହେବ। ଏଣୁ ଏଠାରେ ସିରିଜ୍ ବଞ୍ଚାଇବାକୁ ହେଲେ ଭାରତକୁ ଏହି ଟେଷ୍ଟ ଜିତିବାକୁ ହେବ। ଆହତ ଭାରତୀୟ ଦଳ ଏହି ମ୍ୟାଚ୍‌ରେ କର ଅବା ମର ସ୍ଥିତିରେ ରହିଛି। କିନ୍ତୁ ଏହି ଟେଷ୍ଟରେ ଅଧିକାଂଶ ସମୟ ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ ବର୍ଷା ହେଲେ ମ୍ୟାଚ୍‌ର ଫଳାଫଳ ମିଳିବା କଷ୍ଟକର।

ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଭାରତର କିଛି ଖେଳାଳି ଆହତ ହେବାରୁ ଦଳର ସମୀକରଣ ବଦଳିଯାଇଛି। ଯେଉଁ ଯୋଜନା ନେଇ ଭାରତ ଏହି ଟେଷ୍ଟ ଖେଳିବାକୁ ଯାଉଥିଲା ତାହା ବଦଳିଯାଇଛି। ଦୁଇ ଫାଷ୍ଟ ବୋଲର ଆକାଶ ଦୀପ ଓ ଅର୍ଶଦୀପ ସିଂହ ଆହତ ହୋଇ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେହିପରି ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡିଙ୍କ ଆଣ୍ଠୁରେ ଆଘାତ ଲାଗିବାରୁ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି।

ଏଣୁ ଭାରତକୁ ରଣନୀତିରେ ପରିବର୍ତ୍ତନ କରିବାକୁ ପଡ଼ିଛି ବୋଲି କହିଛନ୍ତି ଭାରତୀୟ ଅଧିନାୟକ ଶୁବମନ ଗିଲ୍। ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାକୁ ହେଲେ ଏହି ଅସୁବିଧା ଯୋଗୁଁ ବିଶ୍ରାମ ନେବାକୁ ଯାଉଥିବା ଯଶପ୍ରୀତ ବୁମ୍‌ରା ଏହି ଟେଷ୍ଟ ଖେଳିବେ। ଭାରତ ଏହି ମ୍ୟାଚ୍‌ରେ ୩ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନ ବୋଲିଂ ଅଲରାଉଣ୍ଡରଙ୍କୁ ନେଇ ଖେଳିବ ବୋଲି ଗିଲ ସୂଚନା ଦେଇଛନ୍ତି। 'ତୃତୀୟ ଟେଷ୍ଟ ଖେଳିଥିବା ଆମର ୯ କିମ୍ବା ୧୦ଜଣ ଖେଳାଳି ଚତୁର୍ଥ ମ୍ୟାଚ୍‌ରେ ଖେଳିବେ। ଆହତ ସମସ୍ୟା ଯୋଗୁଁ ଦୁଇ ଫାଷ୍ଟ ବୋଲର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଂଶୁଲ କାମ୍ବୋଜ୍ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କରୁନ ନାୟାର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ଋଷଭ ପନ୍ତ୍ ୱିକେଟ କିପିଂ କରିବେ' ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅଧିନାୟକ ଗିଲ୍। ଏହି ସୂଚନାକୁ ଆଧାରକୁ ନେଲେ ଆକାଶ ଦୀପ୍‌ଙ୍କ ସ୍ଥାନରେ କାମ୍ବୋଜ ଡେବ୍ୟୁ କରିବେ। କିନ୍ତୁ ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହା ସ୍ଥିର ହୋଇନାହିଁ। ସମସ୍ତଙ୍କ ଆଖି ରହିଛି ଦଳର ଦ୍ୱିତୀୟ ୱିକେଟରକ୍ଷକ ତଥା ବିଦେଶରେ ଭଲ ବ୍ୟାଟିଂ କରୁଥିବା ଧ୍ରୁବ ଜୁରେଲଙ୍କ ଉପରେ। କିନ୍ତୁ ଗିଲ୍‌ଙ୍କ ମତରେ ଓଲ୍ଡ ଟ୍ରାଫୋର୍ଡ ପିଚ୍ ପେସ୍ ବୋଲରଙ୍କୁ ସୁହାଇବ। ଏଣୁ ଜୁରେଲଙ୍କ ସ୍ଥାନରେ ଫର୍ମରେ ନ ଥିବା ପେସ୍ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଖେଳିବା ନେଇ ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଏହି ଗୋଟିଏ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ୧୦ଜଣ ଖେଳାଳିଙ୍କ ନାମ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି।

### ଖେଳାଳି ଦଳ

**ଭାରତର ସମ୍ଭାବ୍ୟ ଏକାଦଶ**
ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅଂଶୁଲ କାମ୍ବୋଜ୍, ସାଇ ସୁଦର୍ଶନ/ ଧ୍ରୁବ ଜୁରେଲ/ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଏକାଦଶ :** ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

### ଖେଳ ସମୟ

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

### ପ୍ରସାରଣ

ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

## ଇଂଲଣ୍ଡ ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବକୁ ଗିଲ୍‌ଙ୍କ ନାପସନ୍ଦ



ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି): ତୃତୀୟ ଟେଷ୍ଟର ତୃତୀୟ ଦିନ ଖେଳ ଶେଷରେ ଇଂଲଣ୍ଡ ଖେଳାଳିଙ୍କ ଅଣ ଖେଳୁଆଡ଼ ମନୋଭାବ ନେଇ ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ କ୍ଷୁବ୍ଧ ହୋଇଥିଲେ। ଏଥି ଲାଗି ଇଂଲଣ୍ଡ ଓପନର ଜ୍ୟାକ୍ କ୍ରାଲୀଙ୍କ ସହ ମଧ୍ୟ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଭାରତରର ଇନିଂସ ଶେଷ ହେବା ପରେ ତୃତୀୟ ଦିନ ଆଉ ୭ ମିନିଟ୍ ଖେଳାଯିବାକୁ ଥିଲା। ଏଥିରେ ଭାରତ ୨ ଓଭର ବୋଲିଂ କରିବାକୁ ଯୋଜନା କରିଥିଲା। କିନ୍ତୁ ଇଂଲଣ୍ଡ ଓପନର କ୍ରାଲୀ ୯୦ ସେକେଣ୍ଡ ବିଳମ୍ବରେ ଆସିଥିଲେ। ଫଳରେ ଭାରତ ଗୋଟିଏ ଓଭର ବୋଲିଂ କରିବାକୁ ସମର୍ଥ ହୋଇଥିଲା। ଏହା କ୍ରିକେଟ ଖେଳର ସ୍ପିରିଟ୍ ନୁହେଁ ବୋଲି ଗିଲ୍ ଅଭିଯୋଗ କରିଥିଲେ।

## ପିଚ୍‌ରେ ରହିଛି ଘାସ, ପେସ୍‌ରଙ୍କୁ ସୁହାଇବ

ଚତୁର୍ଥ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ପ୍ରଥମଥର ସୋମବାର ଖୋଲାଯାଇଥିଲା। ଗତ ଦୁଇ ଦିନ ବର୍ଷା ହୋଇଥିବାରୁ ପିଚ୍‌କୁ ପୂରା ଘୋଡାଇ ରଖାଯାଇଥିଲା। ଏହି ପିଚ୍ ଖେଳିବାକୁ ଦିଆଗଲେ ପେସ୍ ବୋଲରଙ୍କ ପ୍ରଭାବ ରହିବ। ଏଣୁ ଆସନ୍ତାକାଲି ସକାଳେ ଭାରତ ପିଚ୍‌ରେ ଘାସ ଥିବା ଦେଖିଲେ ଆଉ ଜଣେ ପେସ୍ ବୋଲରଙ୍କୁ ଖେଳାଇବାକୁ ପଛାଇବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ପିଚ୍‌ର ଅବସ୍ଥା ଏବେ ଯାହା ରହିଛି ତାହା ପ୍ରଥମେ ଖେଳାଯାଇଥିବା ୩ଟି ଟେଷ୍ଟଠାରୁ ନିଶ୍ଚିତ ଅଲଗା ରହିବ ବୋଲି ଗିଲ୍ କହିଛନ୍ତି। ଇଂଲଣ୍ଡର ପାଣିପାଗ ଅଫିସର ପୂର୍ବାନୁମାନ ଠିକ୍ ହେଲେ ଏହି ମ୍ୟାଚ୍‌ର ଅଧିକାଂଶ ସମୟ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବ। ଏଠାରେ ତାପମାତ୍ରା ୧୪ରୁ ୧୯ ଡିଗ୍ରି ସେଲ୍‌ସିୟସ ମଧ୍ୟରେ ରହିବ। ବୁଧବାର ମ୍ୟାଚ୍‌ର ପ୍ରଥମ ଦିନ ଆକାଶ ମେଘୁଆ ରହିବ ଓ ୫୯ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଦ୍ୱିତୀୟ ସେସନରେ ବର୍ଷା ହୋଇପାରେ। ଗୁରୁବାର ଦ୍ୱିତୀୟ ଦିନ ତାପମାତ୍ରା ୧୩ରୁ ୨୦ ଡ୍ରିଗି ରହିବ ଓ ୫୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତୃତୀୟ ଦିନ ବର୍ଷାର ସମ୍ଭାବନା ୨୫ ପ୍ରତିଶତ, ଚତୁର୍ଥ ଓ ପଞ୍ଚମ ଦିନ ୫୮ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି।

● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ବିହାନଙ୍କ ଶତକ ସତ୍ତ୍ୱେ ଭାରତ ପଛୁଆ

ଚେଲମ୍ସଫୋର୍ଡ, ୨୨।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ୨ୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ପଛୁଆ ରହିଛି। ଇଂଲଣ୍ଡ ୟୁଥ୍ ଦଳ ପ୍ରଥମେ ବ୍ୟାଟିଂ କରି ଏକାଂଶ ସିଂହ (୧୧୭ ରନ)ଙ୍କ ଶତକ ସହାୟତାରେ ୩୦୯ ରନ କରିଥିଲା। ଜବାବରେ ଭାରତ ପ୍ରଥମ ପାଳିରେ ବିହାନ ମାଲ୍‌ହୋତ୍ରାଙ୍କ ଶତକ ସତ୍ତ୍ୱେ ୨୭୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ମାଲ୍‌ହୋତ୍ରା ସର୍ବାଧିକ ୧୨୦ ରନ କରିଥିବାବେଳେ ଅଧିନାୟକ ଆୟୁଷ ମହାତ୍ରେ ମଧ୍ୟ ୮୦ ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତ ଏକଦା ୨୪୧ ରନରେ ୪ ୱିକେଟ୍ ହରାଇ ଦୃଢ଼ସ୍ଥିତିରେ ରହିଥିଲା। କିନ୍ତୁ ପରବର୍ତ୍ତୀ ୩୭ ରନରେ ଦଳ ଶେଷ ୬ ୱିକେଟ୍ ହରାଇ ପାଳି ପଛୁଆ ରହିଥିଲା। ଘରୋଇ ଇଂଲଣ୍ଡ ପକ୍ଷରୁ ବାମହାତୀ ସ୍ପିନର ରାଲଫି ଆଲବର୍ଟ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ଜବାବରେ ୩୦ ରନରେ ଅଗ୍ରଣୀ ରହିଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ଦ୍ୱିତୀୟ ପାଳି ଆରମ୍ଭ କରି ମଙ୍ଗଳବାର ୩ୟ ଦିବସ ଶେଷ ଖବର ସୁଦ୍ଧା ୧୪ ଓଭରରେ କୌଣସି ୱିକେଟ୍ ନ ହରାଇ ୫୪ ରନ ସଂଗ୍ରହ କରିଛି। ଦଳ ଏଥିସହ ମୋଟ୍ ଉପରେ ୮୩ ରନରେ ଆଗୁଆ ରହିଛି।

● ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

## ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ବିଜୟ

ହରାରେ, ୨୨।୭ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପୂର୍ବରୁ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଜିମ୍ବାୱେକୁ ଓ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଅପରପକ୍ଷରେ ୪ର୍ଥ ମ୍ୟାଚରୁ ୨ୟ ପରାଜୟବରଣ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଖେଳାଯିବ। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ରିଜା ହେଣ୍ଡ୍ରିକ୍ସଙ୍କ ୪୧ ଓ ଜର୍ଜ ଲିଣ୍ଡେଙ୍କ ଅପରାଜିତ ୨୩ ରନ ବଳରେ ୮ ୱିକେଟରେ ୧୩୪ ରନ କରିଥିଲା। ନ୍ୟୁଜିଲାଣ୍ଡ ପାଇଁ ଆଦାମ ମିଲନେ, ଜାକବ ଡଫି ଓ ଅଧିନାୟକ ମିଚେଲ ସାଣ୍ଟନର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୫.୫ ଓଭରରେ ୩ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଓପନର୍ ଟିମ୍ ସେଇଫର୍ଟ ସର୍ବାଧିକ ଅପରାଜିତ ୬୬ ରନ କରିଥିଲେ।

## ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୭ କୋଟି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସକୁ ନେଇ ଦିଲ୍ଲୀ ସରକାର ମଙ୍ଗଳବାର ବଡ଼ ଘୋଷଣା କରିଛନ୍ତି। ଏହି ଦୁଇ ମେଗା ଇଭେଣ୍ଟର ପଦକ ବିଜେତାଙ୍କ ପୁରସ୍କାର ରାଶିକୁ ଦିଲ୍ଲୀ ସରକାର ଦୁଇଗୁଣାରୁ ଅଧିକ ବଢ଼ାଇ ଦେଇଛନ୍ତି। ଏଣିକି ଦିଲ୍ଲୀର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସ କିମ୍ବା ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୭ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଯଥାକ୍ରମେ ୫ ଓ ୩ କୋଟି ଟଙ୍କା ଦିଆଯିବ। ଏଥିସହ ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା ଗ୍ରୁପ୍-ଏ'ରେ ଏବଂ କାଂସ୍ୟ ବିଜେତା ଗ୍ରୁପ୍-ବି'ରେ ଏକ ଚାକିରି ମଧ୍ୟ ପାଇବେ। ପୂର୍ବରୁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ଦିଲ୍ଲୀ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାର ଯଥାକ୍ରମେ ୩, ୨ ଓ ଏକ କୋଟି ଟଙ୍କା ପ୍ରଦାନ କରୁଥିଲେ।

### ହର୍‌ମନ୍‌ପ୍ରୀତ୍‌ଙ୍କ ଶତକ: ୩ୟ ଦିନିକିଆରେ ଇଂଲଣ୍ଡ ପରାସ୍ତ

## ଭାରତ ୨-୧ରେ ସିରିଜ୍ ବିଜୟୀ

ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୨।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ମହିଳା ଦଳ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ଭାରତ ୧୩ ରନରେ ବିଜୟୀ ହୋଇଛି। ଅଧିନାୟିକା ହର୍‌ମନପ୍ରୀତ୍ କୌର କ୍ୟାରିୟରର ୭ମ ଦିନିକିଆ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୫ ୱିକେଟ ହରାଇ ୩୧୮ ରନର ବିଶାଳ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୦, ସ୍ମୃତି ମନ୍ଧାନା ୪୫, ରିଚା ଘୋଷ ଅପରାଜିତ ୩୮, ହର୍ଲିନ ଦେଓଲ ୪୫ ରନର ଉପଯୋଗୀ ପାଳି ଖେଳିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ମହିଳା ଦଳ ୪୯.୫ ଓଭରରେ ୩୦୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୯୮ ଓ ଇମା ଲାମ୍ବ ୬୮ ରନ କରିଥିଲେ। ଭାରତ ପାଇଁ କ୍ରାନ୍ତି ଗୌଡ଼ ସବୁଠୁ ସଫଳ ବୋଲର ରହିଥିଲେ। ସେ ୬ଟି ଓ ବାମହାତୀ ସ୍ପିନର ଶ୍ରୀ ଚରଣୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୪ ୱିକେଟ୍‌ରେ ଓ ୨ୟ ମ୍ୟାଚକୁ ଇଂଲଣ୍ଡ ୮ ୱିକେଟ୍‌ରେ ଜିତିଥିଲେ।



ମଙ୍ଗଳବାର ବିଜୟ ସହ ଭାରତୀୟ ମହିଳା ଦଳ ୨-୧ରେ ସିରିଜ ଜିତିଛି। ଏଥିପୂର୍ବରୁ ଭାରତ ଟି-୨୦ ସିରିଜରେ ମଧ୍ୟ ଇଂଲଣ୍ଡକୁ ୩-୨ରେ ପରାସ୍ତ କରିଥିଲା। ତୃତୀୟ ଦିନିକିଆରେ ଭାରତ ଏକାଧିକ ରେକର୍ଡ କରିଛି। ୮୨ ବଲରେ ଶତକ ହାସଲ କରି କୌର ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ମହିଳା ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୫ ବଲରେ ଶତକ ଅର୍ଜନ କରିଥିଲେ।

### ୪ ହଜାର ରନ କ୍ଲବ୍‌ରେ ହର୍‌ମନ୍‌ପ୍ରୀତ୍

ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର୍ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଭାରତର ୩ୟ କ୍ରିକେଟର୍ ଭାବେ ହର୍‌ମନ୍‌ପ୍ରୀତ୍ ମହିଳା ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ମିତାଲି ରାଜ ଓ ସ୍ମୃତି ମନ୍ଧାନା ଏହି କ୍ଲବରେ ସାମିଲ ହୋଇସାରିଥିଲେ। ମଙ୍ଗଳବାର ଇଂଲଣ୍ଡ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ହର୍‌ମନ୍‌ପ୍ରୀତ୍ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ୩୬ ବର୍ଷୀୟା କୌର ୧୪୯ତମ ମ୍ୟାଚ୍ ଓ ୧୨୯ତମ ପାଳିରେ ୪ ହଜାର ରନ ପୂରଣ କରିଥିଲେ। ୨୦୦୯ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳି ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା କୌର ଭାରତ ପାଇଁ ସର୍ବାଧିକ ୩୩୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ କରିଛନ୍ତି।

ଡ. ବିସି ରାୟ ଟ୍ରଫି

## ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୨।୭ (ସମିସ): ପଞ୍ଜାବର ଅମ୍ରିତସରରେ ଚାଲିଥିବା ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିରେ ଓଡ଼ିଶାର ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରେ ଅଭିଯାନ ଏକପ୍ରକାର ଶେଷ ହୋଇଛି। ୨୪ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଦଳ ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ମଙ୍ଗଳବାର ସାହେବଜାଦା ଫତେସିଂହ ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ମଣିପୁର ବିପକ୍ଷ ମ୍ୟାଚରେ ଓଡ଼ିଶା ୧-୨ ଗୋଲରେ ପରାସ୍ତ ହୋଇଥିଲା।



୨୬ତମ ମିନିଟରେ କେ ସୁଲତାନଙ୍କ ଗୋଲ ବଳରେ ମଣିପୁର ଖେଳର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଓଡ଼ିଶା ଏହି ଗୋଲ ସୁଝାଇଥିଲା। ଅଧିନାୟକ ଅମନ ଲାକ୍ରା ମ୍ୟାଚ୍ ବରାବରସୂଚକ ଉକ୍ତ ଗୋଲ ଦେଇଥିଲେ। ତେବେ ୭୦ତମ ମିନିଟରେ ମଣିପୁର ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଅମୋକ୍ରୀଶ ସିଂହ ଏହି ଗୋଲ ଦେଇଥିଲେ। ଖେଳର ଅବଶିଷ୍ଟ ସମୟରେ ଓଡ଼ିଶା ଗୋଲ ଦେଇ ନପାରି ପରାଜୟର ସମ୍ମୁଖୀନ ହୋଇଥିଲା।

### ସାହାଣୀ କପ୍

## ଆଜି ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ

କଟକ,୨୨।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ଖେଳାଯାଉଛି। ବୁଧବାର ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ଏବଂ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର




ଓ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ମଧ୍ୟରେ ମୁକାବିଲା ହେବ। ବୌଦ୍ଧ ଜୋନ୍‌ରେ ଅଧିକ ଦଳ ଭାଗ ନେଇଥିବା ହେତୁ ଏଠାରେ ଲିଗ୍ ମ୍ୟାଚ୍ ଶେଷ ହୋଇନାହିଁ। ଏଠାରେ ୨୫ ତାରିଖ ପର୍ଯ୍ୟନ୍ତ ଲିଗ୍ ମ୍ୟାଚ୍ ଜାରି ରହିବ। ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ସମ୍ବଲପୁର ଓ କନ୍ଧମାଳ ବିଜୟୀ ହୋଇଥିଲେ। ସମ୍ବଲପୁର ୩-୨ ଗୋଲରେ ବଲାଙ୍ଗିରକୁ ହରାଇଥିଲା। ବିଜୟୀ ଦଳ ତରଫରୁ ସୁନୀଲ ମୁଣ୍ଡା, ପ୍ରଶାନ୍ତ ଓରାମ, ଛବିଳ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବଲାଙ୍ଗିରର ସୁବ୍ରତ ପାତ୍ର ଦୁଇଟି ଯାକ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୯-୦ ଗୋଲରେ ନୂଆପଡ଼ାକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ୮ଟି ଗୋଲ ହୋଇଥିବାବେଳେ ନୂଆପଡାର ସନ୍ତୋଷ ମଲ୍ଲିକ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକଲିଂ ଲିଗ୍

## ଉର୍ମିଳା ବେହେରା, ରତ୍ନ ରାଓ ସିନିଅର ଚାମ୍ପିଅନ

ଭୁବନେଶ୍ୱର,୨୨।୭ (ସମିସ)

ଓଡ଼ିଶାରରେ ପ୍ରଥମଥର ଆୟୋଜିତ ହୋଇଛି ଖେଲୋ ଇଣ୍ଡିଆ ମହିଳା ଅସ୍ମିତା ସାଇକଲିଂ ଲିଗ୍। ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ୍ ଛକରେ ଓଡ଼ିଶା ସାଇକଲିଂ ଆସୋସିଏସନ ଆନୁକୂଲ୍ୟରେ ୩ଟି ଏଜ୍‌ଗ୍ରୁପ୍‌ରେ ଏହି ଲିଗ୍ ଅନୁଷ୍ଠିତ ହୋଇଥିଲା। ସିନିୟର ବିଭାଗରେ ୧୫ କିଲୋମିଟର ରେସ୍ ହୋଇଥିଲା। ଏଥିରେ ରେସିଂ ସାଇକଲରେ ଉର୍ମିଳା ବେହେରା ଓ ସାଧାରଣ ସାଇକଲରେ ଏ ରତ୍ନ ରାଓ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଦୁଇଟି କାଟାଗୋରୀରେ ଲିଲି ମାଝୀ ଓ ସୋମାଲୀ ନାୟକ ରନର୍ସ ଅପ୍, ମୁସକାନ କିସାନ ଓ ବନ୍ଦନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା



ଜୁନିଅର କାଟାଗୋରୀରେ ମନୀଷା ସାହୁ ଚାମ୍ପିଅନ୍, ଶିବାନୀ ସାଓ ରନର୍ସ ଅପ୍ ଓ ବନିତା କିସାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ୍‌ଜୁନିଅର ଓ ୟୁଥ୍ କାଟାଗୋରୀରେ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ ଚାମ୍ପିଅନ, ପୂର୍ବେଇ ମହାନ୍ତି ଓ ଅର୍ପିତା ପଣ୍ଡା ରନର୍ସ ଅପ୍, ସୁଶ୍ରୀ ସନ୍ତୋଷିନୀ ଓ କାଜଲ ଗୌଡ ତୃତୀୟସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତା ଶେଷରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସାଇକଲିଂ ଆସୋସିଏସନ ସଭାପତି ମିନତି ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ, ଆୟୋଜନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବିଶୋୟୀ, ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ କେ. କାମେଶ୍ୱର ରାଓ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ୧୬ ଜଣ ଟେକ୍ନିକାଲ ଅଫିସର ଓ ୨୦୦ରୁ ଅଧିକ ମହିଳା ସାଇକଲ ଚାଳିକା ଭାଗ ନେଇଥିଲେ। ଆୟୋଜକଙ୍କ ପକ୍ଷରୁ ସମସ୍ତଙ୍କୁ ସାଇକଲ ହେଲମେଟ ପ୍ରଦାନ କରାଯାଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS